Follow Us On @
www.ekamaatra.com
editor@ekamaatra.com
ekamaatra@gmail.com
advt@ekamaatra.com
ekamaatraodia
ekamaatranews

EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524


ପବିତ୍ର ରକ୍ଷାବନ୍ଧନର ଶୁଭକାମନା - ଏକମାତ୍ର

ବର୍ଷ-୧ ସଂଖ୍ୟା-୨୯ ୩୧ ଜୁଲାଇ - ୦୬ ଅଗଷ୍ଟ, ୨୦୧୭ ଭୁବନେଶ୍ୱର ● Monday Weekly ● VOL-1 ISSUE-29 31st July-06th AUGUST, 2017 BHUBANESWAR ₹ 5/- (8 Pages)

ଡାବୁଗାଁ : ଦୁର୍ଗମ ଆଦିବାସୀ ଅଞ୍ଚଳରେ କେମିତି ଚାଲିଛି ପାଠପଢ଼ା !



## ବିହାର ପରେ ବିଜେପି ଟାର୍ଗେଟ୍‌ରେ ଓଡ଼ିଶା !

# ଏନ୍‌ଡିଏକୁ ଫେରି ନପାରେ ବିଜେଡି

**ଭୁବନେଶ୍ୱର :** ଏବେ ବିହାର ରାଜନୈତିକ ଘଟଣାକ୍ରମ ଓଡ଼ିଶା ରାଜନୀତିରେ ଉଷ୍ମତା ଭରିଦେଇଛି । ବିଶେଷକରି ବିଜୁ ଜନତା ଦଳର ଭବିଷ୍ୟତ କାର୍ଯ୍ୟପନ୍ଥାକୁ ନେଇ ଦଳ ଭିତରେ ଆଶଙ୍କା ସୃଷ୍ଟି ହୋଇଥିବା ଦେଖିବାକୁ ମିଳୁଛି । ବିଜେଡି ସୁପ୍ରିମୋ ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ବିହାର ଘଟଣା ପୁଣି ଓଡ଼ିଶାରେ ଏନ୍‌ଡିଏ ଶାସନର ସଂକେତ ଦେବା ଭଳି ମନେହେଲାଣି । କାରଣ ବିଜେଡିର ବହୁନେତା, ବିଧାୟକ ବିହାର ରାଜନୀତିକୁ ଦେଖି ବିବ୍ରତ ହୋଇପଡ଼ିଥିବା ଆଲୋଚନା ଚାଲିଛି । ମାତ୍ର ୪ ବର୍ଷ ଭିତରେ ନୀତୀଶ ଯେଭଳି ନାଟକୀୟ ପରିବର୍ତ୍ତନ ଘଟାଇ ଏନ୍‌ଡିଏ ଶିବିରକୁ ଫେରିଲେ, ତାହା ଓଡ଼ିଶାରେ ବିଜେଡି-ବିଜେପି ମେଣ୍ଟକୁ ଅନେକାଂଶରେ ମନେପକାଇ ଦିଏ । ଯଦିଓ ବହୁ ଆଗରୁ ନୀତୀଶ କୁମାର



ମୋଦିଙ୍କ ପ୍ରତି ନିଜର ନରମ ଭାବ ପୋଷଣ କରିବା ସହ ବିଜେପି ଆଡକୁ ଢଳୁଥିବା ସନ୍ଦେହ କରାଯାଉଥିଲା ତାହା ବାସ୍ତବ ରୂପ ନେଇଛି । ସେହିଭଳି ଉପା ସରକାର ଅମଳରେ ବିଜେଡିର କେନ୍ଦ୍ର ବିରୋଧୀ ସ୍ୱର ଯେଭଳି ଶାଣିତ ଥିଲା, ଏବେ ତାହା ଆଉ ଦେଖିବାକୁ ମଳୁନି । କାରଣ ଅତୀତରେ ଏନ୍‌ଡିଏ ସହ ଥିବା ନବୀନ ସରକାର ଭାଜପା ସହ ଘନିଷ୍ଠ ହେବାରେ କୌଣସି ବାଧା ନାହିଁ ବୋଲି ଚର୍ଚ୍ଚା ଜୋର ଧରିଛି । ନୀତୀଶ ଓ ନବୀନଙ୍କ ଭିତରେ ଏନ୍‌ଡିଏ ପ୍ରତି ଆଭିମୁଖ୍ୟ ସେଭଳି କଠୋର ନଥିବା ଯୋଗୁଁ ଏଭଳି ଆଶଙ୍କା ଦେଖାଗଲାଣି ।

ନୋଟବନ୍ଦୀ ବେଳେ ନବୀନ ଓ ନୀତୀଶ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ସମର୍ଥନ କରିଥିଲେ । ଏଥିପାଇଁ ନରେନ୍ଦ୍ର ମୋଦି ଏହି ଦୁଇ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ମଧ୍ୟ ଜଣାଇଥିଲେ । ସେହିଭଳି ଏନ୍‌ଡିଏର ରାଷ୍ଟ୍ରପତି ପ୍ରାର୍ଥୀ ରାମନାଥ କୋବିନ୍ଦଙ୍କୁ ମଧ୍ୟ ବିହାର ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ସମର୍ଥନ ଜଣାଇ ଏନ୍‌ଡିଏ ସପକ୍ଷ ମତପୋଷଣ କରିଥିଲେ । ସେହି ଅନୁସାରେ ଆକଳନ କରାଯାଇପାରେ ଯେ ନୀତୀଶଙ୍କ ପରି ନବୀନ ମଧ୍ୟ ଏନ୍‌ଡିଏ ମେଣ୍ଟରେ ଯୋଗଦେଇପାରନ୍ତି ।

➤ ପୃ-୭

## ବ୍ରିକ୍ସ ରାଷ୍ଟ୍ରଙ୍କ ସହଯୋଗ ଲୋଡ଼ିଲେ ଡୋଭାଲ

**ବେଜିଂ :** ଭାରତର ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ ବ୍ରିକ୍ସ ଦେଶର ନିଜ

### ଡୋକଲାମ ସୀମା ବିବାଦ

ପ୍ରତିପକ୍ଷଙ୍କ ସହ ବେଜିଂଠାରେ ଚୀନ୍ ରାଷ୍ଟ୍ରପତି ଜିନ୍ ପିଙ୍ଗ୍‌କୁ ଭେଟି ଆଲୋଚନା କରିଛନ୍ତି ।

➤ ପୃ-୭



## ଛତିଶଗଡ଼କୁ ଏନ୍‌ଜିଟି ଧକ୍କା

**କଲକାତା/ନୂଆଦିଲ୍ଲୀ :** ମହାନଦୀ ବିବାଦରେ ଛତିଶଗଡ଼କୁ ବଡ଼ ଧକ୍କା ଲାଗିଛି । ଜାତୀୟ ପରିବେଶ ଅଦାଲତ (ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲ ବା ଏନ୍‌ଜିଟି)ର ପୂର୍ବାଞ୍ଚଳ ଶାଖା ବୁଧବାର ଛତିଶଗଡ଼ ସରକାରଙ୍କ ଦ୍ୱାରା ମହାନଦୀରେ ନିର୍ମାଣାଧୀନ ୬ଟି 'ଏ' ମାନ୍ୟତାପ୍ରାପ୍ତ ପ୍ରକଳ୍ପ କାର୍ଯ୍ୟ ଉପରେ ରହିତାଦେଶ ଦେଇଛନ୍ତି । ଅଦାଲତଙ୍କ ବିନାନୁମତିରେ ଛତିଶଗଡ଼ ସରକାର ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିପାରିବେ ନାହିଁ ବୋଲି ରାୟରେ କୁହାଯାଇଛି । ଛତିଶଗଡ଼ ସରକାର ମହାନଦୀ ଉପରମୁଣ୍ଡରେ ନିର୍ମାଣ କରୁଥିବା ଶିଳ୍ପଭିତ୍ତିକ ପ୍ରକଳ୍ପ ଅର୍ପା-ଭୈସାଝର, କେଲୋ, ସୋନ୍ଦୁର ଡ୍ୟାମ୍





### ୬ ପ୍ରକଳ୍ପ ନିର୍ମାଣ ଉପରେ ରହିତାଦେଶ

ଏବଂ ଘୁମୁରିଆ ନାଳ, ବସନ୍ତପୁର, ଶିଓରି ନାରାୟଣ ବ୍ୟାରେଜ ଆଦିର କାମ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଆରମ୍ଭ କରିପାରିବେ ନାହିଁ ବୋଲି ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି । ଛତିଶଗଡ଼ ସରକାର ଯେଉଁ ପ୍ରକଳ୍ପଗୁଡ଼ିକ କାର୍ଯ୍ୟ ଚଳାଇଛନ୍ତି ସେଥିପାଇଁ ଏନ୍‌ଜିଟି ଆବଶ୍ୟକ ଅନୁମୋଦନ ପ୍ରଦାନ କରିନଥିବାରୁ ପ୍ରକଳ୍ପ କାର୍ଯ୍ୟ ହୋଇ ପାରିବ ନାହିଁ ବୋଲି କହିଛନ୍ତି । ଛତିଶଗଡ଼ ସରକାର ମୋଟ ୮୧ଟି ପ୍ରକଳ୍ପ ନିର୍ମାଣ କରୁଥିବାବେଳେ ୩୧ଟିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ।

➤ ପୃ-୭

## ରାଇସିନାରେ କୋବିନ୍ଦ

# 'ଭିନ୍ନତା ସତ୍ତ୍ୱେ ବଜାୟ ରହିଛି ଏକତା'

**ନୂଆଦିଲ୍ଲୀ :** ଦେଶର ଚତୁର୍ଦ୍ଦଶ ରାଷ୍ଟ୍ରପତି ଭାବେ ରାମନାଥ କୋବିନ୍ଦ ଶପଥ ଗ୍ରହଣ କରିଛନ୍ତି । ୭୧ ବର୍ଷ ବୟସ୍କ କୋବିନ୍ଦଙ୍କୁ ଭାରତର ପ୍ରଧାନ ବିଚାରପତି ଜେଏସ୍ ଖେହାର ଶପଥ ପାଠ କରାଇଛନ୍ତି । ସମ୍ବିଧାନକୁ ସୁରକ୍ଷିତ ରଖିବାର ଶପଥ ନେଇ ନୂଆ ରାଷ୍ଟ୍ରପତି କୋବିନ୍ଦ ଭାରତକୁ ଆର୍ଥିକ କ୍ଷେତ୍ରରେ ଅଗ୍ରଣୀ କରି ଗଢ଼ି ତୋଳିବାକୁ ଆହ୍ୱାନ ଦେଇଛନ୍ତି । ଶପଥ ନେଇ ଆସନକୁ ଫେରିଲା ବେଳେ ବିଦାୟୀ ରାଷ୍ଟ୍ରପତି ମୁଖାର୍ଜୀ ତାଙ୍କ ପାଇଁ ଆସନ ଛାଡ଼ିଦେଇ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହି ସମୟରେ ୨୧ ଥର ତୋପ ସଲାମୀ ଦିଆଯାଇ ଥିଲା । ଏହା ପରେ ନୂଆ



ରାଷ୍ଟ୍ରପତି କୋବିନ୍ଦ ସମବେତ ସାଂସଦ ଓ ବିଭିନ୍ନ ପଦାଧିକାରୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ସେ କହିଥିଲେ, "ଆମେ ଖୁବ୍ ଶୀଘ୍ର ସ୍ୱାଧୀନତାର ୭୦ ବର୍ଷ ପୂରଣ କରିବାକୁ ଯାଉଛୁ ଏବଂ ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିରେ ପାଦ ଦେଇଛୁ ।

➤ ପୃ-୭

## ଏନ୍‌ଏସ୍‌ଜି ସଦସ୍ୟତା

# ଭାରତ ସପକ୍ଷରେ ଆମେରିକା

**ନୂଆଦିଲ୍ଲୀ :** ସମ୍ପ୍ରତି ପରମାଣୁ ଯୋଗାଣକାରୀ ଗୋଷ୍ଠୀ (ଏନ୍‌ଏସ୍‌ଜି)ରେ ଭାରତର ସଦସ୍ୟତା ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇଛି । ଏଥିପାଇଁ ଆମେରିକା ପ୍ରଶାସନ ଭାରତକୁ ସମର୍ଥନ କରିବା ପାଇଁ ଅନ୍ୟ ସଦସ୍ୟ ରାଷ୍ଟ୍ରମାନଙ୍କୁ ଅନୁରୋଧ କରିଛି । ଏନ୍‌ଏସ୍‌ଜିରେ ଭାରତର ସଦସ୍ୟତା ଦାବିକୁ ସମର୍ଥନ କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ସମସ୍ତ ଦେଶକୁ ଭାରତକୁ ସମର୍ଥନ କରିବା ପାଇଁ ଅନୁରୋଧ ଜଣାଇଛନ୍ତି ।

➤ ପୃ-୭

### କମିଶନରେଟ୍ ପୋଲିସର ଅଭିନବ ପ୍ରୟାସ

## ଆହତଙ୍କୁ ହସ୍ପିଟାଲ ନେଲେ ପୁରସ୍କାର

**ଭୁବନେଶ୍ୱର :** ଅନେକ ସମୟରେ ସଡ଼କ ଦୁର୍ଘଟଣାରେ ଆହତଙ୍କୁ ହସ୍ପିଟାଲ୍ ସ୍ଥାନାନ୍ତର କରିବାକୁ ସାଧାରଣ ଲୋକେ କୁଣ୍ଠାବୋଧ କରନ୍ତି । ପୁଲିସ ଝିନ୍‌ଝଟ୍‌ରେ ପଡିବା ସହିତ ଆହତଙ୍କୁ ହସ୍ପିଟାଲ୍‌ରେ ପହଞ୍ଚାଇଲେ କିଛି ଲାଭ ମିଳେ ନାହିଁ । ଏଭଳି ମନୋବୃତ୍ତି ଦିନକୁ ଦିନ ଲୋକଙ୍କ ପାଖରେ ମାନବିକତା ହଜି ଯିବା ଭଳି ମନେ ହୁଏ । ଅନେକ ସମୟରେ ସ୍ଥାନୀୟ ଲୋକେ ପୁଲିସକୁ ଏନେଇ ଅପେକ୍ଷା କରିଥାଆନ୍ତି । ଫଳରେ ଏହା ଯୋଗୁଁ ଅନେକ ସମୟରେ ଆହତଙ୍କ ଅବସ୍ଥା ଜଟିଳ ହୋଇପଡେ ନଚେତ ଚିକିତ୍ସା ବିଳମ୍ବ ଯୋଗୁଁ ମଧ୍ୟ ଅନେକ ଆହତଙ୍କର ମୃତ୍ୟୁ ଘଟିଥିବା ନଜରକୁ ଆସେ ।

➤ ପୃ-୭

We Care - We Dare





### ପାନାମା ପେପର୍ସ ଲିକ୍ ମାମଲା : ଶରିଫ୍ ଗାଦିଚ୍ୟୁତ

# ଭାରତ ଲାଗି ବଢ଼ିପାରେ ଅଡୁଆ



**ଇସଲାମାବାଦ/ନୂଆଦିଲ୍ଲୀ :** ବେଆଇନ୍ ସମ୍ପତ୍ତି ଅର୍ଜନ ଓ କଳାଧନ ଠୁଳ ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇ ପଦ ହରାଇଛନ୍ତି ପାକିସ୍ତାନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ । ସେ ଓ ତାଙ୍କ ପରିବାର ନାମରେ ଆସିଥିବା ଅଭିଯୋଗ ପାକ୍ ସୁପ୍ରିମ୍‌କୋର୍ଟରେ ବିଚାର ପରେ ଶରିଫ ଶାସନରେ ରହିବାକୁ ଅଯୋଗ୍ୟ ବୋଲି ନ୍ୟାୟ ଶୁଣାଇଛନ୍ତି ପାଞ୍ଚଜଣିଆ ଖଣ୍ଡପୀଠ । ଏଥିସହିତ ଶରିଫଙ୍କ ସରକାରକୁ ବରଖାସ୍ତ କରାଯାଇଛି । ଏହାପରେ ପାକିସ୍ତାନରେ ନୂଆ ସରକାର ଗଠନ କରାଯିବ । ସୂଚନାଯୋଗ୍ୟ, ୨୦୧୬, ମେ ୩ ତାରିଖରେ ବିରୋଧୀ ଦଳ ନେତା ଇମ୍ରାନ ଖାଁଙ୍କ ଦ୍ୱାରା ଆଗତ ଯାଚିକା ଉପରେ ବିଚାର କରି ଏହି ରାୟ ପ୍ରକାଶ ପାଇଛି ।

ଏହି ଘଟଣାରେ ପାକିସ୍ତାନର ସମସ୍ୟା ଅପେକ୍ଷା ଭାରତର ସମସ୍ୟା ଅଧିକ ବଢ଼ିବ ବୋଲି ଆଶଙ୍କା ସୃଷ୍ଟି ହୋଇଛି । ରାଜନୈତିକ ଦୃଷ୍ଟିକୋଣରୁ ଶରିଫଙ୍କ ବିଦା ହେବା ପରେ ପାକିସ୍ତାନରେ କେବଳ ରାଜନୈତିକ ଶୂନ୍ୟତା ସୃଷ୍ଟି ହୋଇନି ବରଂ ସେଠାରେ ଲୋକତନ୍ତ୍ର ଦୁର୍ବଳ ହେବା ଦ୍ୱାରା ଆତଙ୍କବାଦୀ ସଂଗଠନ ଗୁଡ଼ିକ ଅଧିକ ସକ୍ରିୟ ହୋଇଉଠିବେ । ଆତଙ୍କବାଦୀମାନେ ସକ୍ରିୟ ହେଲେ ସେମାନେ ଭାରତ ବିରୋଧରେ ଅଶାନ୍ତି ସୃଷ୍ଟି କରିବାକୁ ଲାଗିପଡିବେ ।

➤ ପୃ-୭

## ଜିଲ୍ଲାପାଳଙ୍କୁ ଅତିରିକ୍ତ ସମବାୟ ନିବନ୍ଧକ କ୍ଷମତା



**ଭୁବନେଶ୍ୱର :** ରାଜ୍ୟରେ ସମବାୟ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଷ୍ପତ୍ତି ନେଇଛନ୍ତି । ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରଖି ସମବାୟ ସଂସ୍ଥା ପରିଚାଳିତ ହେଲେ ଚଷୀ ଓ ଚାଷର ବିକାଶ ହୋଇପାରିବ ବୋଲି ଅନୁଭବ କରିଛନ୍ତି ରାଜ୍ୟ ସରକାର ।

➤ ପୃ-୭

## ଆଦିବାସୀ ଜିଲ୍ଲାକୁ ଗୁରୁତ୍ୱ : ଗଠନ ହେଲା ବିକାଶ ପରିଷଦ



**ଭୁବନେଶ୍ୱର :** ବିକାଶ ପ୍ରକ୍ରିୟାରେ ସବୁ ଆଦିବାସୀ ସଂପ୍ରଦାୟକୁ ସାମିଲ କରିବା ଲକ୍ଷ୍ୟ ରଖି ରାଜ୍ୟ ସରକାର ସ୍ୱତନ୍ତ୍ର ପଦକ୍ଷେପ ନେଇଛନ୍ତି । ଏଥିପାଇଁ ଆଦିବାସୀ ବହୁଳ ୯ଟି ଜିଲାରେ 'ସ୍ୱତନ୍ତ୍ର ବିକାଶ ପରିଷଦ' ଗଠନ ନିଷ୍ପତ୍ତି ନିଆଯାଇଛି । ଏହାଦ୍ୱାରା ପରିଷଦରେ ସବୁ ସଂପ୍ରଦାୟର ଆଦିବାସୀଙ୍କ ପ୍ରତିନିଧିତ୍ୱ ରହିବା ସହ ସେମାନଙ୍କ ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ବିକାଶ ତ୍ୱରାନ୍ୱିତ ହୋଇପାରିବ । ଆଦିବାସୀ ବହୁଳ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, କନ୍ଧମାଳ, ଗଜପତି, କୋରାପୁଟ, ରାୟଗଡ଼ା, ମାଲକାନଗିରି ଓ ନବରଙ୍ଗପୁର ଜିଲାରେ ଏହି ସ୍ୱତନ୍ତ୍ର ବିକାଶ ପରିଷଦ ଗଠନ ହେବ । ବିକାଶ କାର୍ଯ୍ୟ ପାଇଁ ଏହି ୯ଟି ଜିଲାର ୧୧୨ଟି ବ୍ଲକକୁ ବାର୍ଷିକ ଦେଢ଼କୋଟି ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯିବ । ଉପରୋକ୍ତ ୯ଟି ଜିଲାରେ ସ୍ୱତନ୍ତ୍ର ବିକାଶ ପରିଷଦ ମାଧ୍ୟମରେ ବାର୍ଷିକ ମୋଟ ୧୭୫.୫୦କୋଟି ଟଙ୍କା ବ୍ୟୟ ହେବ । ଆଜି କ୍ୟାବିନେଟରେ ବିକାଶ ପରିଷଦ ଗଠନକୁ ଅନୁମୋଦନ ମିଳିଛି । କେଉଁ ଜିଲା ପାଇଁ ପରିଷଦ ଗଠନର ରୂପରେଖ କ'ଣ ହେବ ତାହା ସରକାର ପରବର୍ତ୍ତୀ ସମୟରେ ବିଜ୍ଞପ୍ତି ମାଧ୍ୟମରେ ପ୍ରକାଶ କରିବେ । ତେବେ ଏଥିରେ ପ୍ରତି ଆଦିବାସୀ ସଂପ୍ରଦାୟର ପ୍ରତିନିଧିତ୍ୱ ତଥା ସଂପୃକ୍ତି ରହିବ । ରାଜ୍ୟରେ ୬୨ ସଂପ୍ରଦାୟର ଆଦିବାସୀ ବସବାସ କରୁଛନ୍ତି । ସେମାନଙ୍କ ମଧ୍ୟରୁ ୧୩ଟି ପ୍ରାଚୀନ ଜନଜାତି ସଂପ୍ରଦାୟର ଆଦିବାସୀ । ଆଦିବାସୀମାନଙ୍କ ବହୁବିଧ ବିକାଶ ପାଇଁ ସରକାର ୯ଟି ଆଦିବାସୀ ବହୁଳ ଜିଲାରେ ସ୍ୱତନ୍ତ୍ର ବିକାଶ ପରିଷଦ ଗଠନ ନେଇ ଐତିହାସିକ ନିଷ୍ପତ୍ତି ନେଇଥିବା କ୍ୟାବନେଟ ଶେଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶା ହେଉଛି ଭାରତର ଆତ୍ମା । ଏଠାରେ ବହୁ ଭାଷାଭାଷୀ ବସବାସ କରୁଛନ୍ତି । ରାଜ୍ୟରେ ୨୨% ହେଉଛନ୍ତି ଆଦିବାସୀ । ଏହା ଦେଶରେ ବସବାସ କରୁଥିବା ଆଦିବାସୀ ସଂଖ୍ୟାର ୧୦% ।

➤ ପୃ-୭

## ସ୍ମାର୍ଟସିଟି ସେକ୍ସ ର୍‍ୟାକେଟ୍‌ରେ ବିଦେଶିନୀ



# କାୟାମେଲୁଛି ଦେହବେପାର !

**ଭୁବନେଶ୍ୱର :** ଆଧୁନିକତା ଆଳରେ ଆଜିକାଲି ଯୌନପିପାସୁଙ୍କ ସଂଖ୍ୟା ଯେଭଳି ବଢ଼ିଚାଲିଛି, ତାହା ଚିନ୍ତାର ବିଷୟ । ସଭ୍ୟ, ଶିକ୍ଷିତ ମଣିଷମାନେ ଏସବୁ ଆଖିଖୋଲି ଦେଖୁଥିଲେ ମଧ ମୁହଁଖୋଲି କେହି କିଛି କହୁନାହାନ୍ତି । ଫଳରେ ଦିନକୁ ଦିନ ଏଭଳି ଅସାମାଜିକ ତତ୍ତ୍ୱଙ୍କ ପତିଆରା ବଢ଼ିଚାଲିବା ଦ୍ୱାରା ନର୍କଗାମୀ ହୋଇପଡୁଛି ସମାଜ । କୁତ୍ସିତ ମାନସିକଧାରୀ କିଛି ମଣିଷଙ୍କ ପାଇଁ ସମାଜର ଅଧୋଗତି ଘଟିଚାଲିଛି । ତାହାରି ଭିତରେ ଦେହବେପାର ଭଳି ଏକ କଳଙ୍କିତ ଘଟଣା ଯେଭଳି ଘଟିଚାଲିଛି, ସେଥିରେ ଯେକୌଣସି ଭଦ୍ରମଣିଷ ବିଚଳିତ ହୋଇପଡ଼ିବ । ସମାଜ, ପରିବାର ଓ ଶୃଙ୍ଖଳା ଏସବୁକୁ ନେଇ ଗୋଟିଏ ରାଷ୍ଟ୍ର ବା ରାଜ୍ୟର ବିକାଶଧାରା ଗତି



କରୁଥିଲା ବେଳେ ଦେହଧନ୍ଦାର ରଙ୍ଗୀନ୍ ପସରା ଭାରତୀୟ ପରମ୍ପରାକୁ ନିମ୍ନଗାମୀ କରିଦେଉଛି । କାରଣ ନାରୀକୁ ପଣ୍ୟ ଭାବେ ବିବେଚନା କରିବା ଆମ ଦେଶର ସଂସ୍କୃତି ନୁହେଁ । ଏହା ପାଶ୍ଚାତ୍ୟ ଜୀବନଶୈଳୀ ବା ଏକ ଅପସଂସ୍କୃତି କହିଲେ ଅତ୍ୟୁକ୍ତି ହେବନାହିଁ ।

➤ ପୃ-୭

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

ସୋମବାର ପ୍ରଚୁର ଧନଲାଭ ହେବ। ମଙ୍ଗଳବାର ଚୋରି ଭୟ ରହିଛି। ବୁଧବାର ଦିନ ଯଶପ୍ରାପ୍ତି ହେବ। ଗୁରୁବାର ହାନୀକାରକ ଏବଂ ଶୁକ୍ରବାର ସାହାଯ୍ୟକାରୀ ଶନି ଅଶୁଭରେ ଥିବା ଜଣାଯାଏ। ଏ ସପ୍ତାହଟି ଆପଣଙ୍କ ପାଇଁ ଟିକେ ଖରାପ ରହିପାରେ।

ସୋମବାରରୁ ବୁଧବାର ଅତ୍ୟନ୍ତ ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ସପ୍ତାହର ଶୁକ୍ରବାର ଏବଂ ଶନିବାର ଯଥେଷ୍ଟ ଶୁଭଫଳ ପ୍ରାପ୍ତିର ଯୋଗ ରହିଛି। ରବିବାର ଦିନଟି ଅଶୁଭ ଓ ଘାତଚନ୍ଦ୍ର ଯୋଗ ରହିଛି। ତେଣୁକରି ଜଗିରଖି ଚଳିବାକୁ ପଡିବ।

ସପ୍ତାହର ଆରମ୍ଭରୁ ଗୁରୁବାର ପର୍ଯ୍ୟନ୍ତ ଅତ୍ୟନ୍ତ ଅଶୁଭଯୋଗ, ହତାଶାଭାବ ଏବଂ ଦ୍ରବ୍ୟ ହାନୀର ଆଶଙ୍କା ରହିଛି। ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ପ୍ରେମ ସମ୍ପର୍କ ବୃଦ୍ଧି ଏବଂ ଦାମ୍ପତ୍ୟ ଜୀବନ ସୁଖମୟ ହେବାର ଜଣାପଡେ।

ସୋମବାର ଯଶପ୍ରାପ୍ତି ଓ ସମ୍ମାନିତ ହେବାର ଯୋଗ ରହିଛି। ଏହାବ୍ୟତୀତ ଏ ସପ୍ତାହର ସମସ୍ତ ବାର ଅଶୁଭ ଫଳ ପ୍ରଦାନ କରିବାର ଜଣାପଡେ। ତେଣୁ ଜଗିରଖି ଚଳିବାକୁ ହେବ।

ସପ୍ତାହର ଆରମ୍ଭରୁ ପରିବାରରେ ହସଖୁସି ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ସଫଳତା ଲାଭ କରିବେ। ମାନସମ୍ମାନ ବୃଦ୍ଧି ସହ ଦ୍ରବ୍ୟଲାଭ, ଅର୍ଥଲାଭ ଏବଂ ସମସ୍ତ ପ୍ରାପ୍ତିର ସୁବର୍ଣ୍ଣଯୋଗ ରହିଛି।

ଏ ସପ୍ତାହରୁ ଆପଣଙ୍କର ଭାଗ୍ୟ ଉଦୟ ଆରମ୍ଭ ହେବ। ଉନ୍ନତି ପାଇଁ ପଥ ପରିଷ୍କାର ହେବା ସହିତ ଶତ୍ରୁମାନେ ଦୂରେଇ ଯିବେ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ଲାଭାବନ ହେବା ସହିତ ଆଗକୁ ଗତିକରିବା ଆଶା ଦେଖାଦିଏ।

ସପ୍ତାହଟି ଆପଣଙ୍କ ପାଇଁ ଅତ୍ୟନ୍ତ ଅଶୁଭକାରକ। ହତାସା ଓ ନୈରାଶ୍ୟରେ ସପ୍ତାହସାରା ଗତି କରିବାକୁ ପଡିବ। ତେଣୁ ଜଗିରଖି ବାଟ ନ ଚାଲିଲେ ବିପଦ ପଡିବାର ଆଶଙ୍କା ରହିଛି।

ସୋମବାର, ମଙ୍ଗଳବାର ସମସ୍ତ ପ୍ରକାର ଶୁଭଫଳ ପ୍ରାପ୍ତିଯୋଗ ରହିଛି। ବୁଧବାର, ଗୁରୁବାର ଓ ଶନିବାର ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ଶୁକ୍ରବାର ଦିନ ଧନପ୍ରାପ୍ତିର ଯୋଗ ରହିଅଛି।

ସୋମବାରରୁ ବୁଧବାର ପର୍ଯ୍ୟନ୍ତ ସମସ୍ତ ଶୁଭଫଳ ପ୍ରାପ୍ତ ସହ ଭଲ ଯୋଗ ରହିଛି। ଗୁରୁବାରରୁ ଶନିବାର ମଧ୍ୟରେ ମିଶ୍ରିତ ଫଳ ପାଇବାର ଆଶା ଦେଖାଯାଏ। ମୋଟାମୋଟି ସପ୍ତାହଟି ଭଲରେ କଟିବ।

ସାପ୍ତାହିକ ଗଣନା ଅନୁଯାୟୀ ଏ ସପ୍ତାହରେ ଆପଣ ସମସ୍ତ ପ୍ରକାର ଶୁଭଫଳ ଲାଭ କରିବେ। କିନ୍ତୁ ଶନିବାର ବନ୍ଧନ ଭୟ ଯୋଗ ରହିଥିବାରୁ ଏଥିପାଇଁ ସତର୍କତା ଅବଲମ୍ବନ ଜରୁରୀ।

ଏ ସପ୍ତାହ ଆପଣଙ୍କ ପାଇଁ ଆଦୌ ଶୁଭପ୍ରଦ ନୁହେଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ହେବ। ଶୁଭଫଳ ଅପେକ୍ଷା ସପ୍ତାହ ସାରା ବିଶେଷ ଅଶୁଭ ଫଳ ପ୍ରଦାନ କରିବ। ଏ ସପ୍ତାହଟି ଆପଣ ଜଗିରଖି ଚଳିବାକୁ ହେବ।

ସପ୍ତାହର ପ୍ରଥମ ଦିନରୁ ଶୁଭଫଳ ପ୍ରଦାନ କରିବା ଆରମ୍ଭ ହେବ। ପରିବାରରେ ଶାନ୍ତି ବିରାଜମାନ କରିବା ସହିତ ସର୍ବସମ୍ପଦ ଲାଭ ଯୋଗ ଦେଖାଦିଏ। ଏଣୁ ଏ ସପ୍ତାହ ଭଲରେ ବିତିବ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

### ଯୌତୁକ ନିର୍ଯାତନା ମାମଲାରେ ସୁପ୍ରିମକୋର୍ଟଙ୍କ ଉଦ୍‌ବେଗ

# ଆଇନ୍‌ର ଦୁରୁପଯୋଗ ନହେଉ

**ନୂଆଦିଲ୍ଲୀ :** ଯୌତୁକ ନିର୍ଯାତନା ଆଇନର ଦୁରୁପଯୋଗ ବଢୁଛି। କଳିହୁଡା ପତ୍ନୀ ସେମାନଙ୍କ ସ୍ୱାମୀ ଓ ଶାଶୂ ଘର ପରିବାର ସଦସ୍ୟଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣୁଥିବା ନଜରକୁ ଆସୁଛି। ଅଯଥାରେ ନିରପରାଧ ସ୍ୱାମୀ ଓ ତାଙ୍କ ପରିବାର ସଦସ୍ୟ ଗିରଫ ହେଉଛନ୍ତି। ଏହା ଘୋର ମାନବାଧିକାର ଉଲ୍ଲଙ୍ଘନ ବୋଲି ସୁପ୍ରିମକୋର୍ଟ ଦର୍ଶାଇବା ପୂର୍ବକ ଏହାକୁ ରୋକିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଚାରପତି ଏକେ ଗୋଏଲ ଓ ୟୁୟୁ ଲଳିତଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟଙ୍କ ପୀଠ କହିଛନ୍ତି ଯେ ଯୌତୁକ ନିର୍ଯାତନା ସମ୍ପର୍କିତ ଅଭିଯୋଗର ସତ୍ୟାସତ୍ୟ ଉପରେ ତଦନ୍ତ କରା ନ ଯାଇ କାହାକୁ ଗିରଫ କିମ୍ବା କାହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ। ଭାରତୀୟ ପିଙ୍ଗଳ କୋଡର ଧାରା ୪୯୮(କ)ର ଦୁରୁପଯୋଗ କରି ଅସନ୍ତୁଷ୍ଟ ପତ୍ନୀମାନେ ସେମାନଙ୍କ ବୃଦ୍ଧ ଶାଶୂଶ୍ୱଶୁର, ପିଲାଛୁଆ ଓ ସମ୍ପର୍କୀୟଙ୍କୁ ଫସାଉଛନ୍ତି। ପୁଲିସ ଓ ମାଜିଷ୍ଟ୍ରେଟ ଯୌତୁକ ନିର୍ଯାତନା ଅଭିଯୋଗ ପାଇବା ପରେ ହଠାତ୍ କାହାରିକୁ ଗିରଫ କରିବେ ନାହିଁ। ପରିବାର କଲ୍ୟାଣ ସମିତି (ଏଫଡବ୍ଲ୍ୟୁସି)କୁ ଅଭିଯୋଗର ଅନୁଧ୍ୟାନ ପାଇଁ ପଠାଇବେ। ସମିତି ଉଭୟ ପକ୍ଷଙ୍କୁ ଡାକି ଏହି ପ୍ରସଙ୍ଗରେ



ଆଲୋଚନା କରିବା ସହ ଏହାର ସତ୍ୟାସତ୍ୟ ଯାଞ୍ଚ କରିବ। ଯ ଘଟଣାର ସତ୍ୟତା ଥାଏ ତେବେ ଏନେଇ ପରିବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଲାଗି ପୁଲିସ ତଥା ମାଜିଷ୍ଟ୍ରେଟଙ୍କୁ ସୁପାରିସ କରିବ। ଏଥିପାଇଁ ପ୍ରତି ଜିଲାରେ ଗୋଟିଏ ଲେଖାଏଁ ପରିବାର କଲ୍ୟାଣ ସମିତି ଗଠନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅସନ୍ତୁଷ୍ଟ ପତ୍ନୀଙ୍କ ଦ୍ୱାରା ଯୌତୁକ ନିରୋଧ ଆଇନର ଅପବ୍ୟବହାରକୁ ନେଇ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକାଶ କରିବା ପୂର୍ବକ ଉକ୍ତ ନିର୍ଦ୍ଦେଶ ଦେଇଛନ୍ତି। ଗିରଫ ଅଭିଯୁକ୍ତ ସ୍ୱାମୀ ଓ ତାଙ୍କ ପରିବାର ସଦସ୍ୟଙ୍କ ଜାମିନ ଆବେଦନକୁ ତ୍ୱରିତ ବିଚାର କରିବାକୁ କୁହାଯାଇଛି। ଏପରିକି ଜାମିନ ଆବେଦନ ଦିନ ହିଁ ବିଚାରବିଭାଗୀୟ କୋର୍ଟ ଏହାର ଶୁଣାଣି କରିବେ। ବିଦେଶରେ ରହୁଥିବା ଅଭିଯୁକ୍ତ ସ୍ୱାମୀ ଓ ତାଙ୍କ ପରିବାର ସଦସ୍ୟଙ୍କ ପାସପୋର୍ଟ ପ୍ରତ୍ୟାହାର କିମ୍ବା ରେଡ କର୍ଣ୍ଣର ନୋଟିସ ଜାରି ନ କରିବାକୁ ମଧ୍ୟ ଅଦାଲତ କହିଛନ୍ତି। ଏପରିକି ନିମ୍ନ ଅଦାଲତ ଅଭିଯୁକ୍ତ ସ୍ୱାମୀ ଓ ତାଙ୍କ ପରିବାରର ସମସ୍ତ ସଦସ୍ୟଙ୍କୁ ବ୍ୟକ୍ତିଗତ ହାଜର ଲାଗି ନୋଟିସ ଜାରି ନ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ଅଭିଯୋଗର ଯାଞ୍ଚ ପାଇଁ ନିର୍ଦ୍ଦିଷ୍ଟ ପୁଲିସ ଅଧିକାରୀଙ୍କୁ ଏକମାସ ମଧ୍ୟରେ ନିଯୁକ୍ତି ଦେବାକୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଯୌତୁକ ନିର୍ଯାତନା ଜନିତ ଆହତ କିମ୍ବା ମୃତଙ୍କ କ୍ଷେତ୍ରରେ ଏପରି ଅଭିଯୁକ୍ତଙ୍କୁ ଗିରଫ କରାଯାଇପାରିବ। ୨୦୧୩ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋରୁ ମିଳିଥିବା ସୂଚନା ଆଧାରରେ ଦେଶରେ ୪୯୮(କ) ଧାରାର ଦୁରୁପଯୋଗ ହେଉଥିବା ଜଣାପଡିଛି।

## ଭାରତର ଅଭିବୃଦ୍ଧି ଚୀନ୍‌ଠୁ ଅଧିକ ରହିବ: ଆଇଏମ୍‌ଏଫ୍

**ନୂଆଦିଲ୍ଲୀ :** ଅନ୍ତର୍ଜାତୀୟ ମୁଦ୍ରାକୋଷ (ଆଇଏମ୍‌ଏଫ୍) ଚଳିତ ଆର୍ଥିକ ବର୍ଷ ଓ ୨୦୧୮-୧୯ ପାଇଁ ଭାରତର ଆର୍ଥିକ ଅଭିବୃଦ୍ଧି ହାର ଆକଳନ ଅପରିବର୍ତ୍ତିତ ରଖିଛି। ଏଥିସହିତ ଆଇଏମ୍‌ଏଫ୍ ୟୁରୋ ଜୋନ୍ ଓ ଚୀନ୍‌ର ଆର୍ଥିକ ଅଭିବୃଦ୍ଧି ହାର ଅନୁମାନ ବୃଦ୍ଧି କରିଛି। ତେବେ ଚଳିତ ଆର୍ଥିକ ବର୍ଷରେ ଚୀନ୍‌ର ଅଭିବୃଦ୍ଧି ହାର ଭାରତ ଠାରୁ କମ୍ ରହିବ। ଏହି ଆଇଏମ୍‌ଏଫ୍ ପକ୍ଷରୁ ଅପ୍‌ଡେଟେଡ୍ ୱାର୍ଲ୍ଡ ଇକୋନୋମିକ୍ ଆଉଟ୍‌ଲୁକ୍ ରିପୋର୍ଟ ଜାରି କରାଯାଇଛି। ଏହି ରିପୋର୍ଟରେ ଆଇଏମ୍‌ଏଫ୍ ୨୦୧୭-୧୮ ପାଇଁ ଭାରତର ଅଭିବୃଦ୍ଧି ହାର ୭.୨% ଓ ୨୦୧୮- ୧୯ ପାଇଁ ୭.୭% ରହିବ ବୋଲି ଆକଳନ କରିଛି। ଗତ ଏପ୍ରିଲରେ ମଧ୍ୟ ଆଇଏମ୍‌ଏଫ୍ ଏହି ଅଭିବୃଦ୍ଧି ହାର ଆକଳନ କରିଥିଲା। ଏଥିସହିତ ଚୀନ୍‌ର ବିକାଶ ହାର ୨୦୧୭ରେ ୬.୭% ରହିବ ବୋଲି ଆଇଏମ୍‌ଏଫ୍ ଆକଳନ କରିଛି ଯାହାକି ପୂର୍ବ ଆକଳନର ତୁଳନାରେ ୦.୧% ଅଧିକ। ରିପୋର୍ଟରେ କୁହାଯାଇଛି ଯେ, ୨୦୧୭ରେ ଅନ୍ତର୍ଜାତୀୟ ଅଭିବୃଦ୍ଧି ହାରରେ ୩.୫% ବୃଦ୍ଧି ହେବ ଓ ୨୦୧୮ରେ ଏଥିରେ ୩.୬% ବୃଦ୍ଧି ସମ୍ଭାବନା ରହିଛି। କ୍ୱାଲାଲମ୍ପୁର୍‌ରୁ ଜାରି ଏହି ରିପୋର୍ଟ ଅନୁଯାୟୀ, ୨୦୧୭ ଓ ୨୦୧୮ରେ ଭାରତର ଅଭିବୃଦ୍ଧିରେ ସୁଧାର ପରିଲକ୍ଷିତ ହେବ। ନୋଟ୍ ଅଚଳ କାରଣରୁ ଭାରତର ବିକାଶ ହାର ବ୍ୟାପକ ରୂପେ ପ୍ରଭାବିତ ହୋଇଥିଲା କିନ୍ତୁ ୨୦୧୬ରେ ଆର୍ଥିକ ବିକାଶ ହାର ୭.୧% ଥିଲା ଯାହାକି ଅନୁମାନଠାରୁ ଅଧିକ। ଭାରତର ସରକାର ଖର୍ଚ୍ଚ ବଢାଇବା ଦ୍ୱାରା ବିକାଶରେ ବୃଦ୍ଧି ଘଟିଥିଲା। ଚଳିତ ବର୍ଷର ପ୍ରଥମ ୬ ମାସରେ ମଧ୍ୟ ଅର୍ଥବ୍ୟବସ୍ଥାରେ ଅଭିବୃଦ୍ଧି ଜାରି ରହିଛି। ଆଇଏମ୍‌ଏଫ୍ ପକ୍ଷରୁ କୁହାଯାଇଛି ଯେ, ଭାରତରରେ ମୁଦ୍ରାସ୍ଫୀତି ହାର ହ୍ରାସ ହୋଇଛି। ବ୍ରଜିଲ ଓ ରୁଷ୍ ଭଳି ଏମର୍ଜିଂ ମାର୍କେଟ୍‌ରେ ମଧ୍ୟ ମୁଦ୍ରାସ୍ଫୀତି ହ୍ରାସ ହେଉଛି। ସେହିପରି ଇରାନ୍‌ର ବିକାଶ ହାର ଅନୁମାନରୁ ଅଧିକ ରହିଛି। ଆମେରିକାର ବିକାଶ ହାର ୨୦୧୭ ଓ ୨୦୧୮ରେ ୨.୧% ରହିବ ବୋଲି ଆକଳନ କରାଯାଇଛି। ଆଇଏମ୍‌ଏଫ୍ ମତରେ, ୟୁରୋପୀୟ କ୍ଷେତ୍ର ଓ କିଛି ବିକାଶଶୀଳ ଦେଶରେ ଅଭିବୃଦ୍ଧି ଉନ୍ନତ ରହିଛି ଯାହାକି ଅନ୍ତର୍ଜାତୀୟ ଅଭିବୃଦ୍ଧିରେ ସହଯୋଗ କରିବ।

### ଆତଙ୍କବାଦୀ ଆକ୍ରମଣ ଶିକାର ରାଷ୍ଟ୍ର ତାଲିକା

## ତୃତୀୟ ସ୍ଥାନରେ ଭାରତ, ପାକିସ୍ତାନ ଚତୁର୍ଥ

**ୱାଶିଂଟନ୍ :** ୨୦୧୬ ମସିହାରେ ସର୍ବାଧିକ ଆତଙ୍କବାଦୀ ଆକ୍ରମଣର ଶିକାର ହୋଇଥିବା ଦେଶଗୁଡ଼ିକ ମଧ୍ୟରେ ଭାରତର ସ୍ଥାନ ତୃତୀୟ। ଏହି ତାଲିକାରେ ପାକିସ୍ତାନର ସ୍ଥାନ ଚତୁର୍ଥ ହୋଇଥିବା ଆମେରିକା ପରରାଷ୍ଟ୍ର ବିଭାଗ ଦ୍ୱାରା ପ୍ରକାଶିତ ତଥ୍ୟରୁ ଜଣାପଡ଼ିଛି। ଏହି କ୍ରମରେ ଇରାକ୍‌ର ସ୍ଥାନ ପ୍ରଥମ ରହିଛି। ଏଠାରେ ୨,୯୬୫ଟି ଆତଙ୍କବାଦୀ ଆକ୍ରମଣ ଘଟିଥିବା ବେଳେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଆଫଗାନିସ୍ତାନରେ ୧୩୪୦ଟି ଆତଙ୍କବାଦୀ ଆକ୍ରମଣ ଘଟିଛି ବୋଲି ସମ୍ପୃକ୍ତ ବିଭାଗ ପକ୍ଷରୁ କୁହାଯାଇଛି। ଭାରତର ୪ଟି ରାଜ୍ୟରେ ଅର୍ଦ୍ଧାଧିକ ଆତଙ୍କବାଦୀ ଆକ୍ରମଣ ଘଟିଛି। ଜମ୍ମୁ ଓ କାଶ୍ମୀରରେ ୧୯%, ଛତିଶଗଡ଼ରେ ୧୮%, ମଣିପୁରରେ ୧୨% ଏବଂ ଝାଡ଼ଖଣ୍ଡରେ ୧୦% ଆତଙ୍କବାଦୀ ଆକ୍ରମଣ ହୋଇଛି। ୨୦୧୫ରେ ଏସବୁ ଅଞ୍ଚଳରେ ସମାନ ହାରରେ ଆତଙ୍କବାଦୀ ଆକ୍ରମଣ ଘଟିଥିଲେ ହେଁ ଜମ୍ମୁ ଓ କାଶ୍ମୀରରେ କିନ୍ତୁ ବ୍ୟତିକ୍ରମ ଦେଖାଦେଇଛି। ୨୦୧୬ରେ ଏହି ରାଜ୍ୟରେ ପୂର୍ବବର୍ଷ ତୁଳନାରେ ଆତଙ୍କବାଦୀ ଆକ୍ରମଣ ୯୩% ବୃଦ୍ଧି ପାଇଛି। ପରରାଷ୍ଟ୍ର ବିଭାଗର ବାର୍ଷିକ ରିପୋର୍ଟରେ କୁହାଯାଇଛି ଯେ ଭାରତରେ ଆତଙ୍କବାଦୀ ଆକ୍ରମଣ ୧୬% ବୃଦ୍ଧି ପାଇଥିବା ବେଳେ ଏଥିଜନିତ ମୃତ୍ୟୁସଂଖ୍ୟା ୧୭% ବୃଦ୍ଧି ପାଇଛି। ଭାରତ ଏହି ତାଲିକାରେ ତୃତୀୟରେ ଥିଲେ ବି ପୂର୍ବବର୍ଷ ତୁଳନାରେ ୨୦୧୬ରେ ଏଠାରେ ଅଧିକ ଆତଙ୍କବାଦୀ ଆକ୍ରମଣ ହୋଇଛି। ଅନ୍ୟ ଦେଶ ତୁଳନାରେ ଭାରତରେ କମ୍ ମାରାତ୍ମକ ଆକ୍ରମଣ ହୋଇଛି। ୨୦୧୬ରେ ଭାରତରେ ପ୍ରତି ଆକ୍ରମଣରେ ମୃତ୍ୟୁସଂଖ୍ୟା ୦.୪ ହୋଇଥିବା ବେଳେ ବିଶ୍ୱବ୍ୟାପୀ ପ୍ରତି ଆକ୍ରମଣରେ ମୃତ୍ୟୁସଂଖ୍ୟା ୨.୪ ହୋଇଥିବା ଏହି ରିପୋର୍ଟରେ କୁହାଯାଇଛି। ୨୦୧୬ରେ ପାଖାପାଖି ତିନିଚତୁର୍ଥାଂଶ ଅର୍ଥାତ୍ ୭୩% ଆକ୍ରମଣ ଏତେ ମାରାତ୍ମକ ନୁହେଁ। ଉକ୍ତ ରିପୋର୍ଟରେ ପୁଣି କୁହାଯାଇଛି ଯେ ୨୦୧୬ରେ ଭାରତରେ ଅତି ମାରାତ୍ମକ ଆକ୍ରମଣ ଜୁଲାଇରେ ହୋଇଥିଲା। ଏହି ସମୟରେ ବିହାରରେ ସିଆର୍‌ପିଏଫ୍ ଯବାନଙ୍କ ଉପରକୁ ମାଓବାଦୀଙ୍କ ପକ୍ଷରୁ ବୋମାମାଡ଼ ଓ ଗୁଳିଚାଳନା କରାଯାଇଥିଲା।

## ଏଚ୍‌ପିସିଏଲ୍‌ର ସମ୍ପୂର୍ଣ୍ଣ ଅଂଶଧନ ଓଏନ୍‌ଜିସିକୁ ବିକ୍ରି କରିବେ ସରକାର

**ନୂଆଦିଲ୍ଲୀ :** ରାଷ୍ଟ୍ରାୟତ୍ତ ହିନ୍ଦୁସ୍ତାନ ପେଟ୍ରୋଲିୟମ୍ କର୍ପୋରେଶନ୍ ଲିମିଟେଡ୍ (ଏଚ୍‌ପିସିଏଲ୍)ରେ ରହିଥିବା ନିଜର ସମ୍ପୂର୍ଣ୍ଣ ଅଂଶଧନକୁ ସରକାର ତୈଳ ଏବଂ ପ୍ରାକୃତିକ ବାଷ୍ପ ନିଗମ (ଓଏନ୍‌ଜିସି)କୁ ବିକ୍ରି କରିବାକୁ ନିଷ୍ପତ୍ତି ନେଇଛନ୍ତି। କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଏହି ସୂଚନା ଦେଇଛନ୍ତି। ଓଏନ୍‌ଜିସି ଦ୍ୱାରା ଅଧିଗ୍ରହଣ ହେବା ପରେ ଏହା ହେବ ଦେଶର ତୃତୀୟ ବୃହତ୍ ତୈଳ ବିଶୋଧନକାରୀ କମ୍ପାନୀ। ସୂଚନାଯୋଗ୍ୟ, ଏଚ୍‌ପିସିଏଲ୍‌ରେ ସରକାରଙ୍କର ୫୧.୧୧% ଅଂଶଧନ ରହିଛି। ମିଶ୍ରଣ ପରେ ଓଏନ୍‌ଜିସି ଅଧିନରେ ରହିଥିବା ସମସ୍ତ ବିଶୋଧନକାରୀ ୟୁନିଟ୍ ଏଚ୍‌ପିସିଏଲ୍‌ରେ ମିଶ୍ରଣ ହେବ। ଏହାପରେ ଏଚ୍‌ପିସିଏଲ୍ ଏକ ପୃଥକ୍ ବ୍ରାଣ୍ଡ୍ ଏବଂ ବୋର୍ଡରେ ପରିଣତ ହେବ। ଲୋକସଭାରେ ଏ ସମ୍ପର୍କରେ ମତ ରଖି ଶ୍ରୀ ପ୍ରଧାନ କହିଲେ, ଚଳିତମାସ ୧୯ରେ ଆର୍ଥିକ ବ୍ୟାପାର ସମ୍ପର୍କିତ କ୍ୟାବିନେଟ୍ କମିଟି(ସିସିଇଏ) ଏଚ୍‌ପିସିଏଲ୍‌ରେ ରହିଥିବା ୫୧.୧୧% ସରକାରୀ ଅଂଶଧନକୁ ଓଏନ୍‌ଜିସିକୁ ବିକ୍ରି କରିବା ସମ୍ପର୍କିତ ପ୍ରସ୍ତାବକୁ ଆନୁଷ୍ଠାନିକ ମଞ୍ଜୁରି ପ୍ରଦାନ କରିଥିଲା। ଏହି ମିଶ୍ରଣ ଫଳରେ ଓଏନ୍‌ଜିସିର କ୍ଷମତା ବୃଦ୍ଧି ଘଟିବ। ଏହା କମ୍ପାନୀକୁ ବୃହତ୍ ନିବେଶ ନିଷ୍ପତ୍ତି ଦେବା ସହ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦରରେ ଲାଗି ରହୁଥିବା ଅସ୍ଥିରତା ଜନିତ ସମସ୍ୟାକୁ ଏଡାଇବ। ୨୦୧୮ ମାର୍ଚ୍ଚ ୩୧ ସୁଦ୍ଧା ଏହି ଅଧିଗ୍ରହଣ ସମ୍ପୂର୍ଣ୍ଣ ହେବ।

## ଖୁବ୍‌ଶୀଘ୍ର ବଦଳିବ ଦୂରଦର୍ଶନର ଚେହେରା




**ନୂଆଦିଲ୍ଲୀ :** ଦୂରଦର୍ଶନର ନବକଳେବର ହେବ। ଯୁବପିଢ଼ୀ ଓ ନୂଆଯୁଗକୁ ତାଳ ଦେବା ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛି ପ୍ରସାର ଭାରତୀ। ପ୍ରାରମ୍ଭିକ ପର୍ଯ୍ୟାୟରେ ଚ୍ୟାନେଲର ଲୋଗୋ ପରିବର୍ତ୍ତନ ହେବା ନେଇ ସୂଚନା ଦିଆଯାଇଛି। ଦୀର୍ଘ ୫୮ ବର୍ଷ ଧରି ପ୍ରଚଳିତ ହୋଇ ଜନମାନସରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଉକ୍ତ ଲୋଗୋ ଏବେ ଇତିହାସ ହୋଇଯିବ। ଏ ନେଇ ପ୍ରସାର ଭାରତୀ ପକ୍ଷରୁ ଲୋକମାନଙ୍କଠାରୁ ନୂଆ ଲୋଗୋ ପାଇଁ ଡିଜାଇନ ଆହ୍ୱାନ କରାଯାଇଛି। ଏହି ଲୋଗୋରେ ମୁଖ୍ୟତଃ ଯୁବପିଢ଼ିଙ୍କ ମନକୁ ଛୁଇଁବା ଭଳି ସମସାମୟିକ ଡିଜାଇନ୍‌କୁ ଗୁରୁତ୍ୱ ଦିଆଯିବ। ଯେଉଁମାନେ ଚାହିଁବେ ସେମାନେ ନିଜ ନିଜର ଆଇଡିଆ ସହ ନୂଆ ଲୋଗୋ ଅଙ୍କନ କରି ଦୂରଦର୍ଶନ ନିକଟକୁ ପଠାଇପାରିବେ। ଶ୍ରେଷ୍ଠ ବିବେଚିତ ଲୋଗୋ ତିଆରି କରିଥିବା ବ୍ୟକ୍ତିବିଶେଷଙ୍କୁ ପୁରସ୍କୃତ କରାଯିବ ବୋଲି ପ୍ରସାରଭାରତୀ ମୁଖ୍ୟ କାର୍ଯ୍ୟନିର୍ବାହୀ ଶଶିଶେଖର ଭୀମପତି କହିଛନ୍ତି। ସେ କହିଛନ୍ତି ଯେ ବର୍ତ୍ତମାନ ଭାରତ ହେଉଛି ଯୁବପିଢ଼ିଙ୍କ ଦେଶ। ଭାରତର ଜନସଂଖ୍ୟାରେ ଯୁବପିଢ଼ିଙ୍କ ସଂଖ୍ୟା ଅଧିକ ରହିଛି। ତେଣୁ ସେମାନଙ୍କୁ ଆକୃଷ୍ଟ କଲା ଭଳି ଲୋଗୋ ପ୍ରସ୍ତୁତି ପାଇଁ ଦୂରଦର୍ଶନ ଚିନ୍ତା କରୁଛି। ତେବେ ଏ ସମ୍ପର୍କରେ ସବିଶେଷ ତଥ୍ୟ ଖୁବ୍‌ଶୀଘ୍ର ପ୍ରସାରଭାରତୀର ୱେବ୍‌ସାଇଟ୍‌ରେ ପ୍ରକାଶ ପାଇବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ୧୯୫୯ ମସିହାରେ ଦୂରଦର୍ଶନର ପ୍ରସାରଣ ଆରମ୍ଭ ହେବା ଦିନଠାରୁ ଏହି ଲୋଗୋ ପ୍ରଚଳିତ ହୋଇଆସୁଛି। ଏଥିରେ କୌଣସି ପରିବର୍ତ୍ତନ ହୋଇନାହିଁ। ତେବେ ପ୍ରାଚୀନ ପରମ୍ପରାକୁ ଛାଡ଼ି ସମସାମୟିକ ଯୁଗର ଆଧୁନିକତା ଦୌଡ଼ରେ ସାମିଲ ହେବା ପାଇଁ ଦୂରଦର୍ଶନ ପକ୍ଷରୁ ଏହି ଯୋଜନା କରାଯାଇଥିବା ଜଣାପଡ଼ିଛି।

### ସୋଭରେନ୍ ଗୋଲ୍ଡବଣ୍ଡ ସ୍କିମ୍ ନେଇ ଗାଇଡ୍‌ଲାଇନ୍ ଜାରି

# ବ୍ୟକ୍ତିଗତ ସୁନା ନିବେଶ ସୀମା ୪ କିଲୋ

**ନୂଆଦିଲ୍ଲୀ :** ସୋଭରେନ୍ ଗୋଲ୍ଡ ବଣ୍ଡ(ଏସ୍‌ଜିବି) ସ୍କିମ୍‌କୁ ସଫଳ କରିବା ଲକ୍ଷ୍ୟ ନେଇ ଏହାର ମାର୍ଗଦର୍ଶିକା (ଗାଇଡଲାଇନ୍) ସଂଶୋଧନ ପ୍ରସ୍ତାବକୁ ଆଜି ମଞ୍ଜୁରି ମିଳିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ କମିଟି ବୈଠକରେ ଏହି ପ୍ରସ୍ତାବକୁ ମଞ୍ଜୁରି ଦିଆଯାଇଛି। ଏହି ସ୍କିମ୍‌ରେ ଦୁଇଟି ପର୍ଯ୍ୟାୟର ପରିବର୍ତ୍ତନ କରାଯାଇଛି। ଏହି ସ୍କିମ୍‌କୁ ଅଧିକ ଆକର୍ଷଣୀୟ କରିବା, ଲକ୍ଷ୍ୟ ଅନୁରୂପ ଅର୍ଥ ଯୋଗାଡ଼ କରିବା ଏବଂ ସୁନା ଆମଦାନୀ ଦ୍ୱାରା ପଡୁଥିବା ଆର୍ଥିକ ଚାପ ହ୍ରାସ କରିବା ଓ ଚଳନ୍ତି ଜମା ନିଅଣ୍ଟ (ସିଏଡି) ପରିମାଣ ହ୍ରାସ କରିବା ପାଇଁ ସ୍କିମ୍‌ର କେତେକ ଗୁଣରେ ଏହି ବିଶେଷ ପରିବର୍ତ୍ତନ କରାଯାଇଛି। ଅର୍ଥ ମନ୍ତ୍ରାଳୟକୁ କେତେକ ସୁବିଧା ଦିଆଯାଇଛି ଯାହାଦ୍ୱାରା ଏହା ବିଭିନ୍ନ ବର୍ଗର ନିବେଶକଙ୍କ ପାଇଁ ନିବେଶ ବିକଳ୍ପ ଯୋଗାଇଦେବା ଲାଗି ଏସ୍‌ଜିବିଗୁଡ଼ିକର ଢାଞ୍ଚା ପରିବର୍ତ୍ତନ କରିପାରିବ ଏବଂ ବିଭିନ୍ନ ସୁଧ ଦର ଏବଂ ରିସ୍କ ପ୍ରୋଟେକ୍ସନ/ପେ'ଅଫ୍ ସହିତ ଏସଜିବିଗୁଡ଼ିକରେ ନୂଆ ଭିନ୍ନତା ଆଣିପାରିବ। ଅର୍ଥ ମନ୍ତ୍ରଣାଳୟକୁ ଏହି ଯୋଜନାର ବୈଶିଷ୍ଟ୍ୟରେ ସଂଶୋଧନ ଏବଂ ଯୋଡ଼ିବାର କ୍ଷମତା



ଦିଆଯାଇଛି। ଯାହାଦ୍ୱାରା ଏହା ଅର୍ଥମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ବିଶେଷ ଭାଗ ଏବଂ ଏହାର ଅଧିସୂଚନା ମଧ୍ୟରେ ସମୟ ସୀମାକୁ କମ୍ କରିପାରିବ। ନିବେଶର ନୂଆ ଉତ୍ପାଦ ସହିତ ପ୍ରତିଯୋଗିତାର ନୂଆ ଦିଗ ସହିତ ମୁକାବିଲା କରିବାରେ ଏପରି ସୁବିଧା ଉପାଦେୟ ହୋଇପାରିବ। ସ୍କିମ୍‌ରେ ହୋଇଥିବା ପରିବର୍ତ୍ତନ ଅନୁଯାୟୀ, ପ୍ରତି ଆର୍ଥିକବର୍ଷରେ ଜଣେ ବ୍ୟକ୍ତି ପିଛା ସୁନା ନିବେଶ ସୀମାକୁ ବଢ଼ାଇ ୪ କେଜି କରାଯାଇଛି। ୪ କେଜି ହିନ୍ଦୁ ଅବିଭକ୍ତ ପରିବାର(ଏଚ୍‌ୟୁଏଫ) ପାଇଁ ଏବଂ ସରକାରଙ୍କ ନିକଟରେ ବିଭିନ୍ନ ସମୟରେ ବିଜ୍ଞପିତ ହୋଇଥିବା ଟ୍ରଷ୍ଟ ଏବଂ ସମଜାତୀୟ ସଂସ୍ଥା ପାଇଁ ୨୦ କିଲୋଗ୍ରାମ ରଖାଯାଇଛି। ଆର୍ଥିକବର୍ଷ ଆଧାରରେ ସିଲିଂ ଗଣାଯିବ ଏବଂ ସେକେଣ୍ଡାରୀ ମାର୍କେଟ୍‌ରେ କିଣାଯାଇଥିବା ଏସ୍‌ଜିବି ସାମିଲ୍ ହେବ। ନିବେଶର ସିଲିଂରେ ବ୍ୟାଙ୍କ ଏବଂ ଆର୍ଥିକସଂସ୍ଥା ଦ୍ୱାରା ଆନୁଷଙ୍ଗିକ ରୂପରେ ହୋଲ୍ଡିଂ ସାମିଲ୍ ହେବ ନାହିଁ। ଅନ୍ ଟ୍ୟାପ୍'ରେ ଏସ୍‌ଜିବି ଉପଲବ୍ଧ ହୋଇପାରିବ। ଏନ୍‌ଏସ୍‌ଇ, ବିଏସ୍‌ଇ, ବ୍ୟାଙ୍କ ଏବଂ ଡାକ ବିଭାଗ ସହିତ ପରାମର୍ଶ ଆଧାରରେ ଉତ୍ପାଦ ବୈଶିଷ୍ଟ୍ୟର 'ଅନ୍ ଟ୍ୟାପ୍' ସେଲ୍‌କୁ ଅନୁକରଣ କରିବା ନିଷ୍ପତ୍ତି ଅର୍ଥ ମନ୍ତ୍ରଣାଳୟ ନେବ। ଏହାଛଡା ଆବଶ୍ୟକ ହେଲେ, ସରକାର ଏଜେଣ୍ଟଙ୍କ ପାଇଁ ଉଚ୍ଚ ହାରର କମିଶନ୍‌କୁ ମଞ୍ଜୁରି ଦେଇପାରନ୍ତି। ସୂଚନାଯୋଗ୍ୟ ଯେ କ୍ୟାବିନେଟ୍‌ର ମଞ୍ଜୁରି ପରେ ସରକାର ୨୦୧୫ ନଭେମ୍ବର ୫ ରେ ସୋଭରେନ୍ ଗୋଲ୍ଡ ବଣ୍ଡ ସ୍କିମ୍ (ଏସ୍‌ଜିବି) ଆରମ୍ଭ କରିଥିଲେ। ଏହି ସ୍କିମରେ ଡିମାଟ ପଦ୍ଧତିରେ ୨୦୧୫-୧୬ରେ ୧୫ ହଜାର କୋଟି ଟଙ୍କା ଏବଂ ୨୦୧୬-୧୭ ଆର୍ଥିକବର୍ଷରେ ୧୦ ହଜାର କୋଟି ଟଙ୍କା ସଂଗୃହୀତ ହୋଇଥିଲା। ତେବେ ସରକାରୀ ଖାତାକୁ ବର୍ତ୍ତମାନ ସୁଦ୍ଧା ଏହି ନିବେଶ ଯୋଜନା ମାଧ୍ୟମରେ ୪,୭୬୯ କୋଟି ଟଙ୍କା ଆସିସାରିଛି।

### ତିରିଶ ହଜାର ମାମଲା

## ତଦନ୍ତ କରୁଛି ଆୟକର ବିଭାଗ

**ନୂଆଦିଲ୍ଲୀ :** ବିମୁଦ୍ରୀକରଣ ପରେ ଅନେକ ଟିକସଦାତା ସେମାନଙ୍କ ଆୟକର ରିଟର୍ଣ୍ଣ (ଆଇଟିଆର)ରେ ପରିବର୍ତ୍ତନ କରିଥିବା ଅଭିଯୋଗ ଆସିଛି। ଏହିଭଳି ୩୦ ହଜାର ମାମଲାର ବର୍ତ୍ତମାନ ତଦନ୍ତ ଚାଲିଛି ବୋଲି ଆୟକର ବିଭାଗ (ଆଇଟି) ସୂଚନା ଦେଇଛି। ଟିକସଦାତା ଆଇଟିଆର୍‌ରେ ପରିବର୍ତ୍ତନ କରିଥିବା ବିଭିନ୍ନ ଘଟଣାମାନ ଆସିଛି। କଳାଟଙ୍କା ଫାଙ୍କିବା ପାଇଁ ଏହିଭଳି କାର୍ଯ୍ୟ କରାଯାଇଥିବା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ମୁଖ୍ୟ ସୁଶୀଲ ଚନ୍ଦ୍ରା ଏହି ସୂଚନା ଦେଇଛନ୍ତି। ନଭେମ୍ବର ୮ ତାରିଖ ପରେ ଟିକସଦାତା ଫାଇଲ କରିଥିବା ରିଟର୍ଣ୍ଣକୁ ଯାଞ୍ଚ କରିବା ଦ୍ୱାରା ଏହିଭଳି ମାମଲା ନଜରକୁ ଆସିଛି। ପୂର୍ବରୁ ବ୍ୟକ୍ତିବିଶେଷ କେଉଁଭଳି ଭାବରେ ଅନୁପାଳନ କରୁଥିଲେ ଏବଂ ବିମୁଦ୍ରୀକରଣ ପରେ ସେମାନଙ୍କ ଅନୁପାଳନ ବ୍ୟବହାର କ'ଣ ରହିଛି, ତାହା ବର୍ତ୍ତମାନ ବିଚାର କରାଯାଇଛି। ଏହି ମାମଲାଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ କ'ଣ ହେବ ସେ ନେଇ ବିଭାଗ ବିଚାର କରୁଥିବା ଚନ୍ଦ୍ରା କହିଛନ୍ତି। ପ୍ରଥମ ପର୍ଯ୍ୟାୟ ଅପରେଶନ୍ କ୍ଲିନ୍‌ମନିରେ ଅନେକ ଟିକସଦାତା ସେମାନଙ୍କ ସମସ୍ତ ଆକାଉଣ୍ଟ ସଂକ୍ରାନ୍ତ ସୂଚନା ଟିକସ ବିଭାଗକୁ ଦେଇ ନ ଥିବା ଜଣାପଡ଼ିଛି। ମାତ୍ର ସନ୍ଦେହଜନକ ଆକାଉଣ୍ଟଗୁଡ଼ିକ ଉପରେ ଆଇଟି ନଜର ରଖି କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଲୋକମାନଙ୍କର ଅନେକ ଆକାଉଣ୍ଟ ରହିଥିବା ସତ୍ତ୍ୱେ ଏହାକୁ ଅନେକ ଦର୍ଶାଇନାହାନ୍ତି। ଏପରି କ୍ଷେତ୍ରରେ ସେମାନଙ୍କ ନିକଟକୁ ନୋଟିସ ଜାରି ହୋଇଛି। ସେହିପରି ଭାରତରେ ପ୍ରାଥମିକ ସ୍ତରର ବ୍ୟକ୍ତିଗତ ଟକିସ ୫ ପ୍ରତିଶତ ରହିଛି, ଯାହା ସାରା ବିଶ୍ୱରେ ନିମ୍ନ ବୋଲି ସେ ସୂଚନା ଦେଇଛନ୍ତି। ସେହିଭଳି ନୂଆକରି ଆସିଥିବା ବେନାମୀ ଟ୍ରାଞ୍ଜାକ୍‌ସନ ଆଇନ ଅନୁସାରେ ୨୨୩ ମାମଲାରେ ୮୪୦ କୋଟି ଟଙ୍କା ଜବତ ହୋଇଛି।

# ଖୁବଶୀଘ୍ର ଆସିବ ୨୦୦ ଟଙ୍କିଆ ନୋଟ୍

**ନୂଆଦିଲ୍ଲୀ :** ଗତବର୍ଷ ନଭେମ୍ବରରେ କେନ୍ଦ୍ର ସରକାର ବିମୁଦ୍ରାକରଣ ଘୋଷଣା କରିବାରୁ ପୁରୁଣା ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟ୍ ଅଚଳ ହୋଇଯାଇଥିଲା। ଏକଥା ଲୋକମାନଙ୍କ ମନରୁ ଲିଭି ନଥିବା ବେଳେ ସରକାର ବିମୁଦ୍ରାକରଣର ଆଉ ଏକ ପର୍ଯ୍ୟାୟ ପାଇଁ ପ୍ରସ୍ତୁତ ହେଉଥିବା ସଙ୍କେତ ମିଳିଛି। ଦୁଇ ହଜାର ଟଙ୍କିଆ ନୋଟ୍ ଛପାଇବା ବନ୍ଦ କରାଯିବ ପରେ ଏହି ଚର୍ଚ୍ଚା ଜୋର ଧରିଛି। ଏକଥା ଏବେ ସଂସଦରେ ପହଞ୍ଚିଯାଇଛି। ଦୁଇ ହଜାର ଟଙ୍କିଆ ନୋଟ୍‌କୁ ସରକାର ଅଚଳ ଘୋଷଣା କରିପାରନ୍ତି। ପ୍ରଥମେ ୨୦୦ ଟଙ୍କିଆ ନୋଟ୍‌କୁ ବଜାରକୁ ଅଣାଯିବ। ବଜାରରେ ଅଧିକ ପରିମାଣରେ ୨୦୦ ଏବଂ ୫୦୦ ଟଙ୍କିଆ ନୋଟ୍ ରହିବା ପରେ ୨୦୦୦ ଟଙ୍କିଆ ନୋଟକୁ ଅଚଳ ଘୋଷଣା କରାଯାଇପାରେ। ଏଭଳି ପରିସ୍ଥିତିରେ ୨୦୦୦ ଟଙ୍କିଆକୁ ଅଚଳ




### ବନ୍ଦ ହେବ ୨୦୦୦ ଟଙ୍କିଆ ନୋଟ୍ !

ଘୋଷଣା କଲେ ସାଧାରଣ ଜନତା ହଇରାଣ ହେବେନାହିଁ। କାରଣ ସେମାନଙ୍କ ଆବଶ୍ୟକତା ପୂରଣ କରିବା ପାଇଁ ୨୦୦ ଏବଂ ୫୦୦ ଟଙ୍କିଆ ନୋଟ୍ ଯଥେଷ୍ଟ। ଏଭଳି ଯୋଜନା ସରକାର ରଖିଥାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି। ସରକାର ଏହାକୁ ଅସ୍ୱୀକାର କରୁନାହାନ୍ତି କିମ୍ବା ଅମୂଳକ ବୋଲି ମଧ୍ୟ କହୁନାହାନ୍ତି। ସରକାର କେବଳ ଚୁପ୍ ରହିବାକୁ ପସନ୍ଦ କରୁଛନ୍ତି। ରାଜ୍ୟସଭାରେ ବିରୋଧୀ ଦଳ ସଦସ୍ୟମାନେ ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀଙ୍କୁ ପ୍ରଶ୍ନ କରିଥିଲେ ଯେ ସତରେ କ'ଣ ୨୦୦୦ ଟଙ୍କିଆ ନୋଟ୍‌କୁ ଉଚ୍ଛେଦ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତ ? କିନ୍ତୁ ଜେଟ୍‌ଲି ଏହାର କୌଣସି ଉତ୍ତର ଦେଇନଥିଲେ। ବିରୋଧୀ ଦଳ ସଦସ୍ୟମାନେ ସ୍ପଷ୍ଟୀକରଣ ପାଇଁ ଯେତେ ଦାବି କରିଥିଲେ ମଧ୍ୟ ଜେଟ୍‌ଲି ତାହାକୁ କର୍ଣ୍ଣପାତ କରିନଥିଲେ। କିଛିଦିନ ହେଲାଣି ବଜାରରେ ଦୁଇ ହଜାର ଟଙ୍କିଆ ନୋଟ୍‌ର ଘୋର ଅଭାବ ଦେଖାଦେଇଛି। ବଡ ନୋଟ୍‌କୁ କଳାଧନ ଆକାରରେ ଗଚ୍ଛିତ ରଖିବା ସହଜ ହୋଇଥିବାରୁ ଲୋକମାନେ ତାହାକୁ ଗଚ୍ଛିତ କରୁଛନ୍ତି ବୋଲି ମଧ୍ୟ ସନ୍ଦେହ କରାଯାଉଛି। କାରଣ ଛୋଟ ନୋଟ୍ ଗୁଡିକୁ କଳାଧନ ଭାବେ ରଖିବାକୁ ହେଲେ ଅଧିକ ସ୍ଥାନ ଦରକାର। ସେଥିପାଇଁ କଳାଧନ ଜମାକାରୀଙ୍କ ପସନ୍ଦ ହେଉଛି ବଡ ନୋଟ୍। ସାଧାରଣ ଲୋକଙ୍କ ପାଇଁ ମଧ୍ୟ ଦୁଇ ହଜାର ଟଙ୍କିଆ ନୋଟ୍ ବେଶ ଅଡୁଆ ସୃଷ୍ଟି କରୁଛି। ତାହାକୁ ଖୁଚୁରା କରିବା ଲୋକମାନଙ୍କ ପାଇଁ କଷ୍ଟକର ହୋଇପଡୁଛି। ଏବେ ଦୁଇହଜାର ଟଙ୍କିଆ ନୋଟ୍ ଯୋଗାଣ ବହୁତ କମିଯାଇଛି।

## ପାକ୍ ପସନ୍ଦରେ ସୁଷମା

**ନୂଆଦିଲ୍ଲୀ :** ବୈଦେଶିକ ମନ୍ତ୍ରୀ ସୁଷମ ସ୍ୱରାଜ ସୋସିଆଲ ମିଡିଆରେ କେତେ ସକ୍ରିୟ ତାହା ସମସ୍ତେ ଜାଣନ୍ତି। କେଉଁଠାରୁ ବି ସହାୟତାର ଅନୁରୋଧ ଆସିଲେ ତୁରନ୍ତ ଏହାର ଜବାବ ଦେଇଥାନ୍ତି। ତାଙ୍କର ଏହି ସ୍ୱତନ୍ତ୍ରତା ପାଇଁ ପାକିସ୍ତାନର ଜନୈକ ମହିଳା ପ୍ରଶଂସା କରିବା ସହ ଏହିଭଳି ବ୍ୟକ୍ତିତ୍ୱ ପାକିସ୍ତାନର ପ୍ରଧାନମନ୍ତ୍ରୀ ହେବା ଆବଶ୍ୟକ ବୋଲି କହିଛନ୍ତି। ହିଜାବ ଆସିଫ ନାମକ ଏହି ମହିଳା ଜଣକ ସୁଷମାଙ୍କ ଏକ ଟ୍ୱିଟ୍‌ର ଜବାବରେ ଲେଖିଛନ୍ତି, 'ଆପଣଙ୍କୁ ଏଠାରୁ ବହୁତ ସାରା ଭଲପାଇବା ଓ ସମ୍ମାନ ମିଳୁଛି। ଆପଣ ଆମର ପ୍ରଧାନମନ୍ତ୍ରୀ ହୋଇଥିଲେ ପାକିସ୍ତାନରେ ନିଶ୍ଚିତ ଭାବେ ପରିବର୍ତ୍ତନ ହୋଇଥାନ୍ତା। ଆପଣଙ୍କୁ ଭଗବାନ ଅଥବା ସୁପରଓ୍ୱମନ କହିବି ଜାଣିପାରୁ ନାହିଁ। ଆପଣ ଯାହା କହିଛନ୍ତି ତାହାକୁ ମୁଁ ଶବ୍ଦରେ ବର୍ଣ୍ଣନା କରିପାରୁନାହିଁ। ଲଭ୍ ୟୁ ମ୍ୟାମ୍।' ସୂଚନାଯୋଗ୍ୟ ଯେ, ପାକିସ୍ତାନରେ ରହୁଥିବା ଆସିଫ ଭାରତରେ ଚିକିତ୍ସା ପାଇଁ ଟ୍ୱିଟ୍ ଜରିଆରେ ସୁଷମାଙ୍କୁ ମେଡିକାଲ ଭିସା ଆବେଦନ କରିଥିଲେ। ସୁଷମା ତୁରନ୍ତ ଟ୍ୱିଟ୍‌ରେ ଜବାବ ଦେବା ସହ ଇସଲାମବାଦସ୍ଥିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ଆସିଫଙ୍କୁ ମେଡିକାଲ ଭିସା ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର
Bhubaneswar, 31st July - 06th August, 2017
ଭୁବନେଶ୍ୱର, ୩୧ ଜୁଲାଇ - ୦୬ ଅଗଷ୍ଟ, ୨୦୧୭

## ସ୍ଥାପନ ହେବ ୬,୫୦୦ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର

**ଭୁବନେଶ୍ୱର :** କୃଷକମାନଙ୍କୁ ବନ୍ୟା, ବାତ୍ୟା ଓ ମରୁଡି ସମ୍ବନ୍ଧୀୟ ତଥ୍ୟ ଯୋଗାଇ ଦେବାଲାଗି ସରକାର ତତ୍ପରତା ଦେଖାଇଛନ୍ତି। ଏନେଇ ଖୁବ୍‌ଶୀଘ୍ର କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅଧୀନରେ ଏକ କୃଷକ ଉପଦେଷ୍ଟା ସେବା କକ୍ଷ ଖୋଲିବାକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି। ସୋମବାର ସଚିବାଳୟରେ ଏନେଇ ଅନୁଷ୍ଠିତ ସମୀକ୍ଷା ବୈଠକରେ ଶ୍ରୀ ପାଢ଼ୀ ରାଜ୍ୟର ସମସ୍ତ ଚାଷୀଙ୍କୁ ନିର୍ଦ୍ଦିଷ୍ଟ ପାଣିପାଗ ସୂଚନା ଯୋଗାଇବାପାଇଁ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସ୍‌ଡମା) ଅଧୀନରେ ଏକ ରାଜ୍ୟ ମରୁଡ଼ି ନିୟନ୍ତ୍ରଣ କକ୍ଷ(ଏସ୍‌ଡିଏମ୍‌ସି) ଖୋଲିବ ବୋଲି ମଧ୍ୟ ସୂଚନା ଦେଇଛନ୍ତି। ଏହି ଏସ୍‌ଡିଏମ୍‌ସି କକ୍ଷ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ଥାପନ ହେବାକୁ ଥିବା ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର(ଏଡବ୍ଲୁଏସ୍) ଓ ସ୍ୱୟଂଚାଳିତ ବର୍ଷା ମାପକ ଯନ୍ତ୍ର(ଏଆର୍‌ଜି) ସହିତ ସମନ୍ୱୟ ରକ୍ଷା କରି ଚାଷୀଙ୍କୁ ଠିକଣା ତଥ୍ୟ ଯୋଗାଇବ। ଏହି ଅବସରରେ ରାଜ୍ୟର ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟ ଏବଂ ଓପିଟିସିଏଲ୍‌ଠାରେ ୬୫୦୦ ଏଡବ୍ଲୁସି ସ୍ଥାପନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଡବ୍ଲୁଏସ୍ ଓ ଏଆର୍‌ଜି ରାଜ୍ୟରେ କେବଳ ଯେ ବର୍ଷା, ବିଦ୍ୟୁତ ଓ ମରୁଡ଼ି ସମ୍ବନ୍ଧୀୟ ସୂଚନା ଯୋଗାଇବ ତାହା ନୁହେଁ, ଉକ୍ତ ଯନ୍ତ୍ର ଫସଲ ଓ ଶସ୍ୟ ସମ୍ବନ୍ଧୀୟ ତଥ୍ୟ ଧାରାବାହିକ ଭାବେ ଦେବ। ଏଥିପାଇଁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଜଳସମ୍ପଦ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ଶକ୍ତି, ନଗର ଉନ୍ନୟନ , ମତ୍ସ୍ୟ ଓ ପଶୁ ସମ୍ପଦ, ପଞ୍ଚାୟତିରାଜ ଏବଂ ପାନୀୟଜଳ ସହିତ ଆଇଏମ୍‌ଡି ବିଭାଗ ନିଜ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟାନ୍ୱୟନ କରିବେ। ଏହି ସମସ୍ତ ବିଭାଗରେ ଜଣେ ଲେଖାଏଁ ନୋଡାଲ ଅଫିସର ଏସ୍‌ଡିଏମ୍‌ସି ସହିତ ଯୋଗାଯୋଗ କରି ସାପ୍ତାହିକ ରିପୋର୍ଟ ଦେବେ। ଏହି ଅବସରରେ କର୍ଣ୍ଣାଟକ ପ୍ରାକୃତିକ ବିପର୍ଯ୍ୟୟ କେନ୍ଦ୍ର ସହିତ ରାଜ୍ୟ ସରକାରଙ୍କ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷର ହୋଇଥିଲା। ଏହା ଜରିଆରେ ମରୁଡି ଓ ପ୍ରାକୃତିକ ବିଦ୍ୟୁତ ସମ୍ପର୍କରେ ଉଭୟ ରାଜ୍ୟ ସେମାନଙ୍କ ଜ୍ଞାନକୌଶଳ ବିନିମୟ କରିପାରିବେ। ଆବଶ୍ୟକ ପଡିଲେ ଏସ୍‌ଡିଏମ୍‌ସି ବୈଷୟିକ ଉପଦେଶ ଓ ପରାମର୍ଶ ଦେଇ ପାରିବ ବୋଲି ବୈଠକରୁ ଜଣାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ଆର୍ ବାଲକ୍ରିଷ୍ଣନ, ଓସ୍‌ଡମା ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ୍ତ କୁମାର ମହାପାତ୍ର, କୃଷି ବିଭାଗ ପ୍ରମୁଖ ଶାସନ ସଚିବ ମନୋଜ କୁମାର ଆହୁଜା, ଆଇଏମ୍‌ଡି ନିର୍ଦ୍ଦେଶକ ଶରତ ସାହୁଙ୍କ ସହ ବହୁ ବରିଷ୍ଠ ପ୍ରଶାସକ ଉପସ୍ଥିତ ଥିଲେ।

## ପ୍ରତି ତହସିଲ ପାଇଁ ପ୍ରସ୍ତୁତ ହେବ ସ୍ୱତନ୍ତ୍ର ୱେବ୍‌ସାଇଟ୍

**ଭୁବନେଶ୍ୱର (ବ୍ୟୁରୋ) :** ରାଜ୍ୟର ସବୁ ତହସିଲକୁ ଇଣ୍ଟରନେଟ୍ ସଂଯୋଗ ଦିଆଯିବା ସହିତ ପ୍ରତି ତହସିଲ ପାଇଁ ସ୍ୱତନ୍ତ୍ର ୱେବ୍‌ସାଇଟ୍ ପ୍ରସ୍ତୁତ ହେବ ବୋଲି ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀ ସୂଚନା ଦେଇଛନ୍ତି। ଏହାବ୍ୟତୀତ ପ୍ରତି ଆର୍‌ଆଇ ଅଫିସକୁ କମ୍ପ୍ୟୁଟରୀକରଣ କରାଯିବ ବୋଲି ସେ କହିଛନ୍ତି ଏବଂ ଏହି ସମସ୍ତ କାର୍ଯ୍ୟ ଖୁବ୍‌ଶୀଘ୍ର ଶେଷ କରାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ସଚିବାଳୟରେ ମୁଖ୍ୟଶାସନ ସଚିବ ଶ୍ରୀ ପାଢୀଙ୍କ ଅଧ୍ୟକ୍ଷତାରେ ବସିଥିବା ଉଚ୍ଚସ୍ତରୀୟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରି ସେବା ପ୍ରଦାନ ପ୍ରକ୍ରିୟାକୁ ଅନ୍‌ଲାଇନ କରିବା ନିମନ୍ତେ ରାଜସ୍ୱ ବିଭାଗ ପଦକ୍ଷେପ ନେବ। ବୈଠକରୁ ମିଳିଥିବା ଅନ୍ୟ ସୂଚନାନୁଯାୟୀ ବର୍ତ୍ତମାନ ସୁଦ୍ଧା ଜମି ମାଲିକାନା ତଥ୍ୟର ଡିଜିଟାଇଜେସନ୍ କରାଯାଇ ଭୂଲେଖ ସଫ୍ଟୱେୟାରକୁ ଅନ୍‌ଲାଇନ କରାଯାଇଛି। ଭୂ-ନକ୍ସାର ଡିଜିଟାଇଜେସନ୍ କାର୍ଯ୍ୟ ଆସନ୍ତା ୬ ମାସ ମଧ୍ୟରେ ପୂର୍ଣ୍ଣାଙ୍ଗ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି। ଖୋର୍ଦ୍ଧା, ଜଟଣୀ, ଛତ୍ରପୁର, ଝାରସୁଗୁଡ଼ା, ବୌଦ୍ଧ, ଫୁଲବାଣୀ ଓ ନୟାଗଡ଼ ଆଦି ୭ଟି ତହସିଲରେ ଅନ୍‌ଲାଇନ ପ୍ରକ୍ରିୟା ମାଧ୍ୟମରେ ନାମ ଜାରି ପ୍ରକ୍ରିୟାକୁ ସ୍ୱୟଂକ୍ରିୟ କରିବା ପାଇଁ ନିଆଯାଇଥିବା ନଷ୍ପିତ୍ତି ସଫଳ ହୋଇଥିବାରୁ ରାଜ୍ୟର ଅନ୍ୟ ସମସ୍ତ ତହସିଲରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ରାଜ୍ୟର ସମସ୍ତ ତହସିଲକୁ ସ୍ୱତନ୍ତ୍ର ମଲ୍ଟିପ୍ରୋଟକଲ ଲେଭେଲ ସ୍ୱିଚିଂ ବ୍ୟବସ୍ଥା ମାଧ୍ୟମରେ କ୍ଷିପ୍ର ଇଣ୍ଟରନେଟ ସଂଯୋଗ ବିଏସ୍‌ଏନ୍‌ଏଲ୍ ସଂସ୍ଥା ଦ୍ୱାରା କରାଯିବା ପାଇଁ ବୈଠକରେ ସ୍ଥିର ହୋଇଛି। ଆସନ୍ତା ୬ମାସ ମଧ୍ୟରେ ଏହା ଶେଷ ହୋଇଯିବ ବୋଲି ବୈଠକରେ ଆଶା ପ୍ରକାଶ କରାଯାଇଛି। ଜମିଜମା ଖର୍ଦ୍ଦି ଓ ବିକ୍ରି ପରେ ସବ୍-ରେଜିଷ୍ଟ୍ରାରଙ୍କଠାରୁ ଫର୍ମ-୩ ମିଳିବା ମାତ୍ରେ ଅନ୍‌ଲାଇନ ମ୍ୟୁଟେସନ ପ୍ରକ୍ରିୟା ଆରମ୍ଭ ହେବ। ଅନ୍‌ଲାଇନ ନାମ ଜାରି ଭୂ-ନକ୍ସା ସହିତ ସଂଯୋଜିତ କରାଯିବ, ଯାହା ମାଧ୍ୟମରେ ନାମ ଜାରି ସହ ନକ୍ସାର ଆବଶ୍ୟକୀୟ ସଂଶୋଧନ ମଧ୍ୟ ଅନ୍‌ଲାଇନରେ ହେବ। ରାଜ୍ୟରେ ହାଇଟେକ ସର୍ଭେ ପ୍ରକ୍ରିୟାର ସଫଳ ରୂପାୟନ ପାଇଁ ସବୁ ଆର୍‌ଆଇ ଅଫିସକୁ କମ୍ପ୍ୟୁଟରୀକରଣ କରାଯିବ। ରାଜସ୍ୱ ନିରୀକ୍ଷକମାନେ ବର୍ଷଯାକ ରେକର୍ଡ ସଠିକ୍ ଓ ସଦ୍ୟତନ ରଖିବା ପାଇଁ ସାଲତମାମୀ ସଫ୍ଟୱେୟାର ପ୍ରସ୍ତୁତ ହେବ। ଆସନ୍ତା ୩ ମାସ ମଧ୍ୟରେ ଏନ୍‌ଆଇସି ଏହି ସଫ୍ଟୱେୟାର ପ୍ରସ୍ତୁତ କରିବ। ଉଲ୍ଲେଖଯୋଗ୍ୟ ଯେ ରାଜ୍ୟରେ ବର୍ତ୍ତମାନ ୨୪୧୩ଟି ରାଜସ୍ୱ ନିରୀକ୍ଷକ ମଣ୍ଡଳ, ୩୧୭ ତହସିଲ ଓ ୧୮୫ଟି ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟ ସମେତ ୫୮ଟି ରାଜସ୍ୱ ଉପଖଣ୍ଡ, ୩୦ଟି ଜିଲ୍ଲା, ୩ଟି ରାଜସ୍ୱ ଡିଭିଜନ କାର୍ଯ୍ୟ କରୁଛି।

### ବିଳମ୍ବରେ ବିଡିଏର ଆଖି ଖୋଲିଲା

# ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ମିଳିବ ପ୍ରିପେଡ୍ ଅଟୋ ସହ ୱାଇଫାଇ ବ୍ୟବସ୍ଥା



**ଭୁବନେଶ୍ୱର :** ଦୀର୍ଘବର୍ଷ ଧରି ଅତି ଅବ୍ୟବସ୍ଥା ଘେରରେ ଥିବା ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଉପରେ ଏବେ ବିଡିଏର ନଜର ପଡ଼ିଛି। ଫଳରେ ବରମୁଣ୍ଡା ବସ୍‌ଷ୍ଟାଣ୍ଡକୁ ଅତ୍ୟାଧୁନିକ କରାଯିବାକୁ ଯୋଜନା କରାଯାଇଛି। ବସ୍‌ଷ୍ଟାଣ୍ଡକୁ ୱାଇଫାଇ କରାଯିବା ସହ ପ୍ରିପେଡ୍ ଅଟୋ ସେବା ଯୋଗାଇ ଦିଆଯିବ। ଏହାଛଡ଼ା ଯାତ୍ରୀମାନେ ବସ୍‌ରୁ ଓହ୍ଲାଇବା ଓ ଚଢ଼ିବାର ସୁବିଧା ରହିବ। ପୁଣି ବ୍ୟବସାୟିକ ସ୍ଥାନ ଓ ରିଟେଲ ମାର୍କେଟ୍ ସହ ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ। ଏଥିସହ ବସ୍‌ଷ୍ଟାଣ୍ଡ ଭିତରେ ବହୁମୁଖୀ ପାର୍କିଂସ୍ଥଳ ଖୋଲାଯିବ ବୋଲି ଜଣାପଡ଼ିଛି।

କେବଳ ସେତିକି ନୁହେଁ, ବସ୍‌ଷ୍ଟାଣ୍ଡ ଭିତରେ ସହର ସଂସ୍କୃତି, ଐତିହ୍ୟ ଏବଂ ପରମ୍ପରାର ପ୍ରତିଛବି ଦୃଶ୍ୟମାନ ହେବ। ସେହିପରି ଯାତ୍ରୀମାନଙ୍କ ମୌଳିକ ସୁବିଧା ପାଇଁ ପ୍ରକଳ୍ପରେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗୋଟିଏ ମନିଟର ଓ ସିସିଟିଭି ଭିତରେ କଏଦ ହେବ ସମ୍ପୂର୍ଣ୍ଣ ବସ୍‌ଷ୍ଟାଣ୍ଡ। ଯାତ୍ରୀମାନେ ଏଣିକି ଅନ୍‌ଲାଇନ୍ ଜରିଆରେ ଏକାଧିକ ସୁବିଧା ପାଇପାରିବେ। ଏ ନେଇ ବିଡିଏ ପକ୍ଷରୁ ଟେଣ୍ଡର ଆହ୍ୱାନ କରାଯାଇଛି। ଟେଣ୍ଡର ଗ୍ରହଣର ଶେଷ ତାରିଖ ହେଉଛି ଆସନ୍ତା ୩୦ ତାରିଖ। ଏଥିପାଇଁ ବିଡିଏ ପକ୍ଷରୁ ଆସନ୍ତା ମାସ ୯ ତାରିଖରେ ଏକ ପ୍ରି-ବିଡ୍ ସମ୍ମିଳନୀ କରାଯିବ ବୋଲି ବିଡିଏ ପ୍ରକାଶ କରିଛି।

ଏହାରି ଭିତରେ ଯାତ୍ରୀଙ୍କ ପାଇଁ ଅପ୍ଟିକ୍ ଫାଇବର ନେଟୱର୍କ, ୱାଇଫାଇ କନେକ୍ଟିଭିଟି, ରିୟଲ ଟାଇମ୍ ପାର୍କିଂ ସୂଚନା, ଆନ୍ତଃରାଜ୍ୟ ଏବଂ ବସ୍‌ଚଳାଚଳ ପାଇଁ ଟ୍ରାନ୍‌ଜିଟ୍ ସୂଚନା ବ୍ୟବସ୍ଥା ରହିବ। ସେହିପରି ଏଣିକି ଯାତ୍ରୀଙ୍କୁ ମିଳିବ ପ୍ରିପେଡ୍ ଟିକେଟ ବୁକିଂ ସୁବିଧା।

### କଡାକଡି ହେବ ସ୍ୱାସ୍ଥ୍ୟସେବା ତଦାରଖ ବ୍ୟବସ୍ଥା

# ଖୋଲିବ ମନିଟରିଂ ସେଲ୍



**ଭୁବନେଶ୍ୱର :** ରାଜ୍ୟରେ ସ୍ୱାସ୍ଥ୍ୟସେବା ତଦାରଖ ଓ ପର୍ଯ୍ୟବେକ୍ଷଣ ବ୍ୟବସ୍ଥାକୁ ଅଧିକ ବ୍ୟାପକ କରାଯିବ। ଭିତ୍ତିଭୂମି ଉନ୍ନତିକରଣକୁ ତ୍ୱରାନ୍ୱିତ କରାଯିବ। ଏଥିପାଇଁ ରାଜ୍ୟସ୍ତରରେ ଏକ କେନ୍ଦ୍ରୀୟ ତଦାରଖ ପ୍ରକୋଷ୍ଠ ଖୋଲାଯିବ ଏବଂ ୪ଟି ରାଜ୍ୟସ୍ତରୀୟ ସ୍କ୍ୱାଡ୍ ଗଠନ କରାଯିବାକୁ ନିଷ୍ପତ୍ତି ହୋଇଛି ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି । ସ୍ୱାସ୍ଥ୍ୟସେବାକୁ ଲୋକାଭିମୁଖୀ କରିବା ପ୍ରସଙ୍ଗରେ ମନ୍ତ୍ରୀ ବିଭାଗର ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। କେନ୍ଦ୍ରୀୟ ତଦାରଖ ପ୍ରକୋଷ୍ଠ ଗଠନ କରାଯାଇ ବିଭିନ୍ନ ଜିଲ୍ଲାର ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକର ସମସ୍ୟା ସଂପର୍କରେ ତଥ୍ୟ ସଂଗ୍ରହ କରାଯିବା ସହିତ ଏହାର ସମାଧାନ ନିମନ୍ତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସ୍ଥିର ହୋଇଛି। ସେହିପରି ୪ଟି ରାଜ୍ୟସ୍ତରୀୟ ସ୍କ୍ୱାଡ ଗଠନ କରାଯିବ । ଉକ୍ତ ସ୍କ୍ୱାଡ ଅଚାନକ ଭାବେ ବିଭିନ୍ନ ଜିଲା ଗସ୍ତକରି ଜିଲ୍ଲା ମୁଖ୍ୟଚିକିତ୍ସାଳୟ ଠାରୁ ଆରମ୍ଭ କରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ତନଖି କରିବାକୁ କୁହାଯାଇଛି । ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକମାନେ ପ୍ରତିମାସରେ ୧୦ ଦିନ ଗସ୍ତ କରି ୩ଟି ଜିଲ୍ଲା ପରିଦର୍ଶନ କରିବେ । ସେମାନେ ପରିଦର୍ଶନ ରିପୋର୍ଟ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ ସ୍ୱାସ୍ଥ୍ୟ ସଚିବଙ୍କୁ ପ୍ରଦାନ କରିବେ । ବିଭିନ୍ନ ଜିଲ୍ଲା ଦାୟିତ୍ୱରେ ଥିବା ନୋଡାଲ ଅଧିକାରୀମାନେ ୧୦ ଦିନ ଦୁଇଟି ଜିଲ୍ଲା ପରିଦର୍ଶନ କରିବେ । ପରିଦର୍ଶନ ପରେ ସେମାନଙ୍କ ରିପୋର୍ଟ ବିଭାଗର ନିର୍ଦ୍ଦେଶକଙ୍କୁ ପ୍ରଦାନ କରିବା ସହିତ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳ ଏବଂ ସ୍ୱାସ୍ଥ୍ୟ ବିଭାଗର ନୋଡାଲ ଅଧିକାରୀଙ୍କୁ ଏକ ନକଲ ପ୍ରଦାନ କରିବେ । ଜିଲା ମୁଖ୍ୟଚିକିତ୍ସା ଅଧିକାରୀମାନେ ପ୍ରତି ସପ୍ତାହରେ ସଂପୃକ୍ତ ଜିଲ୍ଲାର ୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୨ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ୪ ଟି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଏବଂ ୪ଟି ଗ୍ରାମ ପରିଦର୍ଶନ କରି ସ୍ୱାସ୍ଥ୍ୟସେବା ସଂପର୍କରେ ସମୀକ୍ଷା କରିବେ । ସେ ସଂକ୍ରାନ୍ତ ରିପୋର୍ଟ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ, ଜିଲ୍ଲାପାଳ ଏବଂ ସଂପୃକ୍ତ ଜିଲାର ନୋଡାଲ ଅଧିକାରୀଙ୍କୁ ପ୍ରଦାନ କରିବେ । ସେହିପରି ଜିଲ୍ଲାଗୁଡ଼ିକରେ ଥିବା ସ୍ୱାସ୍ଥ୍ୟ ବିଭାଗର ଅନ୍ୟ ପଦାଧିକାରୀ ଏବଂ ଗୋଷ୍ଠୀ ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସରମାନେ ମଧ୍ୟ ସେମାନଙ୍କର କ୍ଷେତ୍ରସ୍ତରୀୟ ବୈଠକରେ ଯୋଗଦେବା ସହିତ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମର ତଦାରଖ କରିବେ । ସେମାନେ ତାଙ୍କର ପରିଦର୍ଶନ ରିପୋର୍ଟ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଏବଂ ଜିଲାମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ପ୍ରଦାନ କରିବେ । ଅଧିକାରୀ ପରିଦର୍ଶନ କାଳରେ କ'ଣ ଅନୁଧ୍ୟାନ କରିବେ ସେଥିନେଇ ଏକ ତନଖି ତାଲିକା(ଚେକ୍ ଲିଷ୍ଟ) ପ୍ରସ୍ତୁତ ହୋଇଛି । ଏହି ବ୍ୟବସ୍ଥାକୁ କଡାକଡି ଭାବେ କାର୍ଯ୍ୟକାରୀ କରାଯିବା ନିମନ୍ତେ ମନ୍ତ୍ରୀ ଶ୍ରୀ ଜେନା ନିର୍ଦ୍ଦେଶ ଦେଇଛନ୍ତି । ସଚିବାଳୟଠାରେ ଅନୁଷ୍ଠିତ ଉକ୍ତ ବୈଠକରେ ବିଭାଗୀୟ ସଚିବ ଡ. ପ୍ରମୋଦ କୁମାର ମେହେର୍ଦା, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ, ରାଜ୍ୟ ମେଡିକାଲ ନିଗମ ପରିଚାଳନା ନିର୍ଦ୍ଦେଶକ ଆର୍.ପି.ସିଂହ, ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ଦାଶ, ଅତିରିକ୍ତ ଶାସନ ସଚିବ ସୁରଜିତ ଦାଶ, ଜି.ଜି ଦେବତା ଏବଂ ବିଜୟ ନାୟକଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ ।

## ୬୩ କୋଟି ଫେରିପାଇବେ ହାଇଟେକ୍ ଗ୍ରାହକ

**ଭୁବନେଶ୍ୱର :** ଜମି ଓ ବାସଗୃହ ପାଇବା ଆଶାରେ ଟଙ୍କା ପଇଠ କରି ଠକେଇର ଶୀକାର ହୋଇଥିବା ହାଇଟେକ୍ ରିୟଲ ଇଷ୍ଟେଟ୍‌ର ଗ୍ରାହକ ସେମାନଙ୍କ ଅର୍ଥ ଫେରି ପାଇବେ। ସୁପ୍ରିମକୋର୍ଟରେ ହାଇଟେକ୍ ଗ୍ରୁପ୍‌ର ଚେୟାରମ୍ୟାନ୍ ତିରୁପତି ପାଣିଗ୍ରାହୀ ପଇଠ କରିଥିବା ସମୁଦାୟ ୬୩.୫ କୋଟି ଟଙ୍କା ରାଜ୍ୟ ସରକାରଙ୍କ ପାଖକୁ ଫେରିଛି। ଏହି ଅର୍ଥ ନିୟମାନୁଯାୟୀ ତାଲିକାଭୁକ୍ତ ଗ୍ରାହକମାନଙ୍କୁ ଫେରାଯିବ। ସୁପ୍ରିମକୋର୍ଟରେ ୬୩.୫ କୋଟି ଟଙ୍କା ପଇଠ କରିବା ସର୍ତ୍ତରେ ତିରୁପତି ଜାମିନ ପାଇଥିଲେ। ପର୍ଯ୍ୟାୟକ୍ରମେ ୧୫ଟି କିସ୍ତିରେ ସେ ଏହି ଅର୍ଥ କୋର୍ଟରେ ଦାଖଲ କରିଥିଲେ। ଜମି ଓ ବାସଗୃହ ଯୋଗାଇଦେବା ନାଁରେ ହାଇଟେକ୍ ଗ୍ରୁପ୍ ୨୦୦୯ ରୁ ୨୦୧୨ ମଧ୍ୟରେ ୧୭,୧୮୧ ଲୋକଙ୍କ ଠାରୁ ୩୧୫.୯୬ କୋଟି ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା। କିନ୍ତୁ ସେମାନଙ୍କ ମଧ୍ୟରେ ୧୬,୯୦୦ ଲୋକଙ୍କୁ ଜମି କିମ୍ବା ବାସଗୃହ ଦେଇପାରିନଥିଲା।

### ଆସିଲା କମିଶନଙ୍କ ତୃତୀୟ ରିପୋର୍ଟ

## ଚିଟ୍‌ଫଣ୍ଡ ଜମାକାରୀଙ୍କ ଟଙ୍କା ଫେରିବା ଆଶା ବଢ଼ିଲା

**କଟକ (ବ୍ୟୁରୋ) :** ଚିଟ୍‌ଫଣ୍ଡ ଦୁର୍ନୀତିର ତଦନ୍ତ କରୁଥିବା ଜଷ୍ଟିସ୍ ଏମ୍.ଏମ୍. ଦାସ କମିଶନ ତାଙ୍କ ତୃତୀୟ ଅନ୍ତରୀଣ ରିପୋର୍ଟ ଦାଖଲ କରିଛନ୍ତି। କମିଶନଙ୍କ ସଚିବ ମଙ୍ଗଳବାର ଗୃହସଚିବଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। ଏହି ରିପୋର୍ଟରେ ୪୧,୫୧୯ କ୍ଷୁଦ୍ର ଜମାକାରୀଙ୍କୁ ଚିହ୍ନଟ କରାଯାଇଥିବାବେଳେ ୧୭୬ଟି କମ୍ପାନୀ ନାଁରେ ଅଭିଯୋଗ ଅଣାଯାଇଛି। ରିପୋର୍ଟରେ ଜମାକାରୀଙ୍କ ଟଙ୍କା ଫେରସ୍ତ ପାଇଁ ସୁପାରିସ କରାଯାଇଥିବା ଜଣାପଡ଼ିଛି। କମିଶନ କହିଛନ୍ତି ଯେ ତାଙ୍କ ପରାମର୍ଶ ଅନୁଯାୟୀ କେତେକ ସଂସ୍ଥା ପାଖାପାଖି ୧୩୦୦ ଜମାକାରୀଙ୍କୁ ଟଙ୍କା ଫେରସ୍ତ କରିସାରିଲେଣି। ତେବେ କେତେକ ଚିଟ୍‌ଫଣ୍ଡ ସଂସ୍ଥା ହାଜର ହେଉନାହାନ୍ତି ବୋଲି କମିଶନ କହିଛନ୍ତି। କିଛି ସଂସ୍ଥା ପାଖକୁ ନୋଟିସ୍ ଗଲେ ବି ଫେରିଆସୁଛି। ଯେଉଁ ଠିକଣାରେ ନୋଟିସ୍ ଯାଉଛି ସେଠାରେ ଅଫିସ ନ ଥିବା ଡାକ ବିଭାଗ କହୁଛି। ସେ ଆହୁରି କହିଛନ୍ତି ଯେ ଚତୁର୍ଥ ପର୍ଯ୍ୟାୟରେ ୩୪୨ଟି ସଂସ୍ଥା ବିରୋଧରେ ଅଭିଯୋଗ ଆସିଛି। ସେମାନଙ୍କ ନିକଟକୁ ପର୍ଯ୍ୟାୟକ୍ରମେ ନୋଟିସ୍ ଜାରି ହେଉଛି। ପକ୍ଷ ରଖିବା ପରେ ଜମାକାରୀ ଚିହ୍ନଟ କରାଯିବ ବୋଲି କମିଶନ ସୂଚନା ଦେଇଛନ୍ତି।

## ହୁଇଲର ହେଲା କଲାମ ଦ୍ୱୀପ



**ଭୁବନେଶ୍ୱର :** ଭାରତର ପୂର୍ବତନ ରାଷ୍ଟ୍ରପତି ସ୍ୱର୍ଗତ ଡ.ଏପିଜେ ଅବଦୁଲ କଲାମଙ୍କ ସ୍ମୃତିରେ ଆଉଟର ହୁଇଲର ଦ୍ୱୀପ ପୁନଃନାମିତ ହୋଇଛି। ଏ ସଂକ୍ରାନ୍ତ ଗେଜେଟ ଘୋଷଣାନାମା ରାଜ୍ୟ ରାଜସ୍ୱ ବିଭାଗ ପକ୍ଷରୁ ପ୍ରକାଶିତ ହୋଇଛି। ସଚିବାଳୟଠାରେ ଅନୁଷ୍ଠିତ ଏକ ସଂକ୍ଷିପ୍ତ କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏହି ଗେଜେଟ ଘୋଷଣାନାମା ପ୍ରଦାନ କରିଥିଲେ। ସ୍ୱର୍ଗତ ରାଷ୍ଟ୍ରପତି ଡ. ଏ.ପି.ଜେ. ଅବଦୁଲ କଲାମ କ୍ଷେପଣାସ୍ତ୍ର ବିଜ୍ଞାନୀ ଭାବେ ସୁପରିଚିତ। ବାଲେଶ୍ୱର ଜିଲାର ଚାନ୍ଦିପୁରସ୍ଥିତ କ୍ଷେପଣାସ୍ତ୍ର ଘାଟି ସହ ଘନିଷ୍ଠ ଭାବରେ ସେ ଜଡ଼ିତ ଥିଲେ। ବାସ୍ତବିକ ଓଡ଼ିଶା ଥିଲା ତାଙ୍କର ଅନ୍ୟତମ କର୍ମକ୍ଷେତ୍ର। ୨୦୧୫ରେ ଡ.କଲାମଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳି ଜଣାଇ ମୁଖ୍ୟମନ୍ତ୍ରୀ ଭଦ୍ରକ ଜିଲା ଚାନ୍ଦବାଲି ତହସିଲର ଆଉଟର ହୁଇଲ ଦ୍ୱୀପକୁ ଏପିଜେ ଅବଦୁଲ କଲାମଙ୍କ ନାମରେ ନାମିତ କରିବା ପାଇଁ ଘୋଷଣା କରିଥିଲେ। କେନ୍ଦ୍ର ସରକାରଙ୍କ ଅନୁମୋଦନ ପରେ ରାଜସ୍ୱ ବିଭାଗ ପକ୍ଷରୁ ଗେଜେଟ ଘୋଷଣାନାମା ପ୍ରକାଶ ପାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଡ.କଲାମଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଦେଇ ଶ୍ରଦ୍ଧାନିବେଦନ କରିଥିଲେ ଏବଂ ଓଡ଼ିଶା ସହ ଡ.କଲାମଙ୍କ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି, ରାଜସ୍ୱ ବିଭାଗ ପ୍ରମୁଖ ସଚିବ ଚନ୍ଦ୍ରଶେଖର କୁମାର ଓ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଏଣିକି ସୈନିକ ସ୍କୁଲରେ ପଢ଼ିପାରିବେ ଛାତ୍ରୀ

### ଆବଶ୍ୟକ ଖର୍ଚ୍ଚ ଯୋଗାଇବ ରାଜ୍ୟ




**ଭୁବନେଶ୍ୱର :** ଏଣିକି ସୈନିକ ସ୍କୁଲରେ କେବଳ ଛାତ୍ର ନୁହନ୍ତି, ଛାତ୍ରୀ ମଧ୍ୟ ପାଠ ପଢିବାର ସୁଯୋଗ ହାସଲ କରିବେ । କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରାଳୟ ନିଷ୍ପତ୍ତି ମୁତାବକ ଆଗାମୀ ଦିନରେ ଏହାକୁ କାର୍ଯ୍ୟକାରୀ କରାଯିବ । ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଭିନ୍ନ ରାଜ୍ୟକୁ ଚିଠି ଦିଆଯାଇ ଏଥି ସକାଶେ ଆବଶ୍ୟକ ଖର୍ଚ୍ଚ ଓ ଭିତ୍ତିଭୂମି ବିକାଶ ଲାଗି ନିବେଦନ କରାଯାଇଛି । ଏହି ପରିପ୍ରେକ୍ଷୀରେ ମୁଖ୍ୟ ଶାସନ ସଚିବଙ୍କୁ କେନ୍ଦ୍ର ପକ୍ଷରୁ ଜଣାଇ ଦିଆଯିବା ପରେ ରାଜ୍ୟ ସରକାର ଏ ନେଇ ଅଧିକ ତତ୍ପରତା ପ୍ରକାଶ କରିଛନ୍ତି । ମୁଖ୍ୟ ଶାସନ ସଚିବଙ୍କ ପରାମର୍ଶରେ ଗଣଶିକ୍ଷା ବିଭାଗ ଉପଶାସନସଚିବ ସୋମବାର ଭୁବନେଶ୍ୱରସ୍ଥିତ ସୈନିକ ସ୍କୁଲର ଅଧ୍ୟକ୍ଷଙ୍କୁ ଚିଠି ଦେଇ ତୁରନ୍ତ ଆବଶ୍ୟକ ମାନବ ସମ୍ବଳ ଓ ଭିତ୍ତିଭୂମି ସଂକ୍ରାନ୍ତରେ ଅବଗତ କରିବାକୁ ଅନୁରୋଧ କରିଛନ୍ତି । ବିଶେଷକରି ଏ ବାବଦରେ ଅତିରିକ୍ତ ଖର୍ଚ୍ଚ ବିବରଣୀର ଏକ ରିପୋର୍ଟ ରାଜ୍ୟ ସରକାରଙ୍କ ନିକଟରେ ଏକ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ଗଣଶିକ୍ଷା ବିଭାଗ ପକ୍ଷରୁ ସୈନିକ ସ୍କୁଲ ଅଧ୍ୟକ୍ଷଙ୍କୁ ଅବଗତ କରାଇ ଦିଆଯାଇଛି । ପ୍ରକାଶ ଯେ ଦେଶର ବିଭିନ୍ନ ସୈନିକ ସ୍କୁଲରେ ଛାତ୍ରୀଙ୍କୁ ପାଠ ପଢିବାର ସୁଯୋଗ ପ୍ରଦାନ ସକାଶେ ରାଜସ୍ଥାନ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା । ତେବେ ଏ ସଂକ୍ରାନ୍ତରେ ଏକ ନିର୍ଦ୍ଦିଷ୍ଟ ନୀତି ଧାର୍ଯ୍ୟ କରାଯିବା ଆବଶ୍ୟକ ହୋଇଥିବାରୁ ପ୍ରତିରକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇ ପ୍ରାଥମିକ ପର୍ଯ୍ୟାୟରେ ଛାତ୍ରୀଙ୍କ ନାମ ଲେଖାଇବାକୁ ଅଧିକ ସିଟ୍ ବ୍ୟବସ୍ଥା ନ କରାଯାଇ ପୂର୍ବରୁ ରହିଥିବା ସିଟ୍‌ରେ ଛାତ୍ରୀଙ୍କୁ ନାମ ଲେଖାଇବାକୁ ସୁଯୋଗ ଦିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା । କେବଳ ଛାତ୍ରୀଙ୍କ ରହିବା ସକାଶେ ହଷ୍ଟେଲ, ସୁରକ୍ଷା, ସୁଇମିଙ୍ଗପୁଲ, ଅଡିଟୋରିୟମ, ଚିକିତ୍ସା ସୁବିଧା ସହ ଏଥି ସକାଶେ ଆବଶ୍ୟକ କର୍ମଚାରୀ ରାଜ୍ୟ ସରକାର ଯୋଗାଇ ଦେବେ ବୋଲି କୁହାଯାଇଥିଲା ।

# ସରକାରଙ୍କ ରିପୋର୍ଟଠାରୁ ବାସ୍ତବ ଚିତ୍ର ଭିନ୍ନ

ଭବୁନେଶର୍ୱ (ବ୍ୟୁରୋ) : ଅପପୁଷ୍ଟି ମୃତ୍ୟୁରେ ରାଜ୍ୟ ସରକାର ବର୍ଷକ ତଳେ ନଗଡ଼ାର ଚିତ୍ର ନେଇ ନିନ୍ଦିତ ହୋଇଥିବା ବେଳେ ଇତିମଧ୍ୟରେ ନଗଡ଼ା ଅପପୁଷ୍ଟିର ପୋଷ୍ଟର ବାଳିକା ମାନସୀର ମୃତ୍ୟୁ ସରକାରଙ୍କର ପାରିବାପଣିଆକୁ ଦର୍ଶାଇଛି। ମାତ୍ର ଏସବୁ ସତ୍ତ୍ୱେ ଶିଶୁ ଓ ମାତୃମୃତ୍ୟୁ ହାର ନେଇ ଉଲ୍ଲେଖନୀୟ ଅଗ୍ରଗତି ହୋଇଥିବା ନେଇ ରାଜ୍ୟ ସରକାର ପ୍ରକାଶ କରିଛନ୍ତି। ଏପଟେ ପ୍ରାୟ ପ୍ରତିଦିନ ଆସନ୍ନ ପ୍ରସବାଙ୍କୁ ଭରାନଈରେ ଭାରା ଭରସାରେ ବୁହାହେବା ଘଟଣା ଦେଖିବାକୁ ମିଳୁଛି। ସେହିପରି ଡାକ୍ତରଖାନାରେ ଗର୍ଭବତୀ ଏବଂ ନବଜାତକଙ୍କ ମୃତ୍ୟୁକୁ ନେଇ ବିଭିନ୍ନ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇବା ଭଳି ଘଟଣା ମଧ୍ୟ ଖବରକାଗଜ ପୃଷ୍ଠାମଣ୍ଡନ କରୁଛି। ମାତ୍ର ସରକାରଙ୍କ ରିପୋର୍ଟ ଭିନ୍ନକଥା କହୁଥିବା ଦେଖିବାକୁ ମିଳିଛି। ସଚିବାଳୟରେ ମୁଖ୍ୟ ଶାସନସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏ ସମ୍ପର୍କିତ ଏକ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରି ସରକାର ଜାଣିପାରିଛନ୍ତି ଯେ ବିଗତ ୧୬ ବର୍ଷ ମଧ୍ୟରେ ରାଜ୍ୟରେ ଶିଶୁ ଓ ମାତୃମୃତ୍ୟୁ ହାର ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଶାସନ ସଚିବ ପ୍ରମୋଦ ମେହେର୍ଦ୍ଦା ଏ ସମ୍ପର୍କିତ ପରିସଂଖ୍ୟାନ ସମୀକ୍ଷା ବୈଠକରେ ଉପସ୍ଥାପନ କରିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ସାଳିନୀ ପଣ୍ଡିତ ମଧ୍ୟ ଏ ସମ୍ବନ୍ଧୀୟ ତଥ୍ୟ ରଖି ରାଜ୍ୟର ଅଗ୍ରଗତି ନେଇ ସୂଚନା ଦେଇଥିଲେ। ସରକାରୀ ସୂଚନା ଅନୁଯାୟୀ ସ୍ୱାସ୍ଥ୍ୟ କ୍ଷେତ୍ରରେ ରାଜ୍ୟ ସରକାର ଢେର ଅଗ୍ରଗତି କରିଛନ୍ତି। ମାତ୍ର ଏ କ୍ଷେତ୍ରରେ ପ୍ରତିଦିନ ଗଣମାଧ୍ୟମରେ ପ୍ରକାଶିତ ଖବରରେ ଆସୁଥିବା ନିଛକ ସତଗୁଡିକ ଭିନ୍ନ ପ୍ରକାରର ଚିତ୍ର ପ୍ରଦାନ କରୁଛି। ସରକାରୀ ତଥ୍ୟ ଅନୁଯାୟୀ ଦୁର୍ଗମ ଅଞ୍ଚଳରୁ ଆମ୍ବୁଲାନ୍ସ ବା ଡାକ୍ତରଖାନା ପର୍ଯ୍ୟନ୍ତ ଆସନ୍ନ ପ୍ରସବା ମହିଳାଙ୍କୁ ଆଣିବାରେ ଗାଁ' କଲ୍ୟାଣ ସମିତିର ଭୂମିକା ଉଲ୍ଲେଖନୀୟ ବୋଲି କହାଯାଇଛି। ଗାଁ' କଲ୍ୟାଣ ସମିତିମାନଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ଅଣଅନୁବନ୍ଧିତ (ଅନ୍‌ଟାଏଡ୍) ଯୋଗାଇ ଦିଆଯାଇଛି। ଦୂରଦୂରାନ୍ତ ଅଞ୍ଚଳର ସମିତିମାନଙ୍କୁ ଷ୍ଟ୍ରେଚର ମଧ୍ୟ ଯୋଗାଇ ଦିଆଯାଇଛି। ଆସନ୍ନ ପ୍ରସବା ମା'ମାନଙ୍କୁ ଡାକ୍ତରଖାନା ପଠାଇବାରେ ସେମାନେ ଏହି ପାଣ୍ଠିର ବିନିଯୋଗ ପାଇଁ ବୈଠକରେ ସ୍ଥିର ହୋଇଛି। ଏହାଛଡ଼ା ଆବଶ୍ୟକ ଅଞ୍ଚଳମାନଙ୍କରେ ବୋଟ୍ ଆମ୍ବୁଲାନ୍ସ, ବାଇକ ଆମ୍ବୁଲାନ୍ସ ବ୍ୟବସ୍ଥା କରିବା ପାଇଁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ସୂଚନାରୁ ଆହୁରି ଜଣାପଡ଼ିଛି ଯେ ୧୯୯୮-୨୦୦୦ ମସିହା ମଧ୍ୟରେ ସର୍ଭେ ଅନୁଯାୟୀ ଓଡ଼ିଶାରେ ମାତୃମୃତ୍ୟୁ ହାର ୧ ଲକ୍ଷ ୩୬୭ ଥିବାବେଳେ ୨୦୧୩ରେ ଏହା ୧୪୫ ପଏଣ୍ଟ ହ୍ରାସ ପାଇ ୨୨୨ରେ ପହଞ୍ଚିଥିଲା। ୨୦୧୫-୧୬ରେ ଏଥିରେ ଆହୁରି ଉନ୍ନତି ଘଟିଛି ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ସେହିପରି ୨୦୦୦ ମସିହା ସର୍ଭେରେ ଶିଶୁମୃତ୍ୟୁ ହାର ପ୍ରତି ୧ ହଜାରରେ ୯୬ ଥିବାବେଳେ ୨୦୧୫-୧୬ରେ ୫୬ ପଏଣ୍ଟ ହ୍ରାସ ପାଇଁ ୪୦ରେ ପହଞ୍ଚିଛି। ୨୦୧୫-୧୬ ବର୍ଷରେ ସର୍ବଭାରତୀୟସ୍ତରରେ ଶିଶୁମୃତ୍ୟୁ ହାର ପ୍ରତି ୧ ହଜାରରେ ୪୧ ରହିଛି। ୧୯୯୯ ମସିହାଠାରୁ ୦-୫ ବର୍ଷ ବୟସ୍କ ଶିଶୁମାନଙ୍କ ମୃତ୍ୟୁହାରରେ ଦ୍ରୁତ ହ୍ରାସ ହୋଇଛି। ୨୦୧୫-୧୬ ବର୍ଷ ଶେଷ ସୁଦ୍ଧା ଏ କ୍ଷେତ୍ରରେ ୬୭ ପଏଣ୍ଟ ହ୍ରାସ ପାଇଛି। ପିଲାଙ୍କର ପୂର୍ଣ୍ଣ ଟୀକାକରଣ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି। ୧୯୯୮-୯୯ବର୍ଷ ସର୍ଭେ ଅନୁଯାୟୀ ଏହା ୪୪ପ୍ରତିଶତ ଥିବା ବେଳେ ୨୦୧୫-୧୬ ସର୍ଭେରେ ୭୯ ପ୍ରତିଶତରେ ପହଞ୍ଚିଛି। ଜାତୀୟସ୍ତରରେ ପୂର୍ଣ୍ଣ ଟୀକାକରଣ ହାର ୬୨ ପ୍ରତିଶତ ରହିଛି। ଆନୁଷ୍ଠାନିକ ପ୍ରସବ କ୍ଷେତ୍ରରେ ରାଜ୍ୟ ଜାତୀୟସ୍ତରଠାରୁ ଉଚ୍ଚରେ ଅଛି। ୨୦୧୫୧୬ ସର୍ଭେ ଅନୁସାରେ ଜାତୀୟସ୍ତରରେ ଏହା ୭୮ ପ୍ରତିଶତ ଥିବା ବେଳେ ରାଜ୍ୟ ୮୫.୦୪ ପ୍ରତିଶତରେ ପହଞ୍ଚିଛି। ୦ ରୁ ୫ବର୍ଷ ବୟସର ପିଲାଙ୍କ ପୌଷ୍ଟିକ ସ୍ଥିତିରେ ମଧ୍ୟ ଓଡ଼ିଶା ଉତ୍ସାହଜନକ ସ୍ଥିତିରେ ପହଞ୍ଚିଛି। ୨୦୦୫-୦୬ରେ ପୁଷ୍ଟିହୀନତା ହାର ୬୫ ପ୍ରତିଶତ ଥିବାବେଳେ ୨୦୧୫୧୬ ବର୍ଷରେ ଏହା ୪୪.୦୬ ପ୍ରତିଶତକୁ କମିଛି। ଏଥିରୁ ସୂଚୀତ ହୋଇଛି ଯେ ଜାତୀୟସ୍ତରରେ ପୁଷ୍ଟିହୀନତା ଓଡିଶାଠାରୁ ୧.୧ ପ୍ରତିଶତ ଅଧିକ। ଗର୍ଭବତୀ ମହିଳାମାନଙ୍କ କ୍ଷେତ୍ରରେ ରକ୍ତହୀନତା ଓ ପୁଷ୍ଟିହୀନତା କ୍ଷେତ୍ରରେ ସ୍ଥିତିରେ ଦ୍ରୁତ ଅଗ୍ରଗତି ଘଟିଛି। ୨୦୦୫-୦୬ ବର୍ଷରେ ଏହା ୬୮.୦୧ ପ୍ରତିଶତରୁ ହ୍ରାସ ପାଇଁ ୨୦୧୫-୧୬ରେ ୪୭.୦୬ ପ୍ରତିଶତରେ ପହଞ୍ଚିଛି। ୨୦୧୫-୧୬ରେ ଏ କ୍ଷେତ୍ରରେ ଏହା ସର୍ବଭାରତୀୟ ହାରଠାରୁ କମ୍ ରହିଛି। ଏହାବ୍ୟତୀତ ୨୦୧୫-୧୬ରେ ରାଜ୍ୟର ୯୩ ଭାଗ ଲୋକ ଆୟୋଡିନଯୁକ୍ତ ଲୁଣ ବ୍ୟବହାର କରୁଥିବା ଜଣାପଡ଼ିଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମଶିନର ଆର୍. ବାଲାକ୍ରିଷ୍ଣନ୍, ଅର୍ଥବିଭାଗର ପ୍ରମୁଖ ଶାସନ ସଚିବ ତୁହିନକାନ୍ତ ପାଣ୍ଡେ ଓ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

### ଶିଶୁ ଓ ମାତୃମୃତ୍ୟୁହାର

କଷ୍ଟ ଏବଂ ବିପଦ ମନୁଷ୍ୟକୁ ଶିକ୍ଷା ଦେବାର ଶ୍ରେଷ୍ଠ ଗୁଣ ଅଟେ। ଯିଏ ଏହି ସମୟକୁ ସାହାସର ସହିତ ସାମ୍ନାକରେ ସେ ହିଁ କଷ୍ଟ ଓ ବିପଦକୁ ବିଜୟ କରିପାରେ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ସମ୍ପାଦକୀୟ

## ମେଣ୍ଟ ରାଜନୀତି, ନିର୍ମଳ ଭାବମୂର୍ତ୍ତି

**ରା**ଜନୀତିରେ ସବୁ ସମ୍ଭବ ବୋଲି ଏହା ବହୁ ଆଗରୁ ପ୍ରମାଣିତ ହୋଇସାରିଥିଲେ ବି ସମ୍ପ୍ରତି ବିହାର ରାଜନୀତି ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପାଲଟି ଯାଇଛି। ସବୁଠି ଚଉକିର ମୋହ ମଣିଷକୁ ନୀତିନିୟମ ଠାରୁ ବହୁ ଦୂରକୁ ନେଇଯାଏ ବୋଲି ସ୍ପଷ୍ଟ ହୋଇଛି। ମେଣ୍ଟ ରାଜନୀତିରେ ଆରମ୍ଭରୁ ଯଦିଓ ଆଦର୍ଶଗତ ପାର୍ଥକ୍ୟ ଥାଏ ତଥାପି କ୍ଷମତା ଲୋଭରେ ଶତ୍ରୁ-ମିତ୍ର ଏକାଠି ହୁଅନ୍ତି। ହସନ୍ତି, ବସନ୍ତି ଓ କାର୍ଯ୍ୟକ୍ରମକୁ ଆଗକୁ ଆଗକୁ ବଢ଼ାଇ ଚାଲନ୍ତି। ଏହାରି ମଧ୍ୟରେ ମେଣ୍ଟ ଭାଗିଦାରୀମାନେ ନିଜ ନିଜର ସ୍ୱାର୍ଥ ସାଧନ ପାଇଁ କେବେ କ୍ଷମତା ପ୍ରୟୋଗ କରନ୍ତି ତ ଆଉ କେବେ ସରକାରୀ ଯୋଜନା ମାଧ୍ୟମରେ ନିଜର ଅଭିଳାଷକୁ ଚରିତାର୍ଥ କରିଥାନ୍ତି। ଏଥିରୁ କାହାର କେତେ ଲାଭ ହେଲା ବା କ୍ଷତି ହେଲା, ତାହା ଶାସନକାଳ ପୂରିବା ଆଗରୁ ହିସାବ ନିକାଶ ହୋଇଥାଏ। ମେଣ୍ଟ ସହଯୋଗୀ ଏହାରି ମଧ୍ୟରେ ଯେବେ ବଳଶାଳୀ ହୋଇଯାଆନ୍ତି, ତେବେ ପରବର୍ତ୍ତୀ ନିର୍ବାଚନ ପାଇଁ ଆଉ ମେଣ୍ଟ ସହାୟତା ନେଇନଥାନ୍ତି। ଅତୀତରେ ଯାହା ଦେଖାଦଇଥିଲା ବିଜେଡି-ବିଜେପି କ୍ଷେତ୍ରରେ। ସେତେବେଳେ ଓଡ଼ିଶାରେ ବିଜୁ ଜନତା ଦଳ ଏକକ ସଂଖ୍ୟା ଗରିଷ୍ଠତା ହାସଲ କରିପାରିବାର ଆଶଙ୍କା ଥିବାରୁ ଉଭୟ ଦଳ ମେଣ୍ଟ କରିଥିଲେ। ହେଲେଏହି ମେଣ୍ଟ କାଳ ମଧ୍ୟରେ ରାଜ୍ୟରେ ବିଜେଡି ଆଗକୁ ଚାଲିଗଲା ଓ ପଛରେ ପଡିଗଲା ବିଜେପି। ପରବର୍ତ୍ତୀ ନିର୍ବାଚନରେ ବିଜେଡି ଏକାକୀ ନିର୍ବାଚନ ଲଢ଼ି ବିପୁଳ ଭୋଟ ପାଇ ଶାସନ ଗାଦି ଅକ୍ତିଆର କରି ଦୀର୍ଘବର୍ଷର ଶାସକୀୟ ସୁଖ ଅନୁଭବ କରୁଛି। ହେଲେ ଇତିମଧ୍ୟରେ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ଶାସନ ଆସିବା ଦିନଠୁ ରାଜ୍ୟ ବିଜେପିର ରଙ୍ଗ ଗାଢ଼ ହେବାରେ ଲାଗିଛି। ଏବେ ଲଗାତର ବିଭିନ୍ନ ରାଜ୍ୟରେ ବିଜେପି ସଂଖ୍ୟା ଗରିଷ୍ଠତା ହାସଲ କରି କେନ୍ଦ୍ରରେ ଏକକ ଶାସନ ଦିଗକୁ ଗତି କରୁଥିବା ଜଣାପଡୁଛି।

ବିଶେଷକରି ଉତ୍ତରପ୍ରଦେଶ ନିର୍ବାଚନ ପରେ ବିଜେପି ନିଜର ଆଭିମୁଖ୍ୟରେ ପରିବର୍ତ୍ତନ ଆଣି ପୂର୍ବଭାରତ ଦଖଲ ଚିନ୍ତାରେ ରହିଛି। ତାହାରି ମଧ୍ୟରେ ଓଡ଼ିଶା, ବିହାର ଓ ପଶ୍ଚିମବଙ୍ଗ ଭଳି ରାଜ୍ୟ ରହିଛି। ପୂର୍ବଭାରତର ବିକାଶ ନହେଲେ ଦେଶର ବିକାଶ ସମ୍ଭବ ନୁହେଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହା ବାରମ୍ବାର କହିଛନ୍ତି। ଏହାକୁ ଆଗେଇ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଧର୍ମେନ୍ଦ୍ର ପ୍ରତିଥର ଓଡ଼ିଶା ଗସ୍ତ କାଳରେ ପୂର୍ବଭାରତର ବିକାଶ ପ୍ରସଙ୍ଗରେ କହିବା ସହ ରାଜ୍ୟ ବିଜେପିକୁ ଟାଣ କରୁଥିବା ଦେଖିବାକୁ ମିଳୁଛି। ଯେଉଁଥିପାଇଁ ବିଜେପି-ବିଜେଡି ବେଳେବେଳେ ମୁହାଁମୁହିଁ ସ୍ଥିତିକୁ ଆସିଯାଉଛନ୍ତି। ଓଡ଼ିଶାରେ ଆଉଥରେ ଏନ୍‌ଡିଏ ସହ ବିଜେଡି ମେଣ୍ଟ କରିବ କି ନାହିଁ ସ୍ପଷ୍ଟ ହୋଇ ନଥିବାବେଳେ ବିହାର ରାଜନୀତିରେ କିନ୍ତୁ ଏକ ବିରାଟ ନାଟକୀୟ ପରିବର୍ତ୍ତନ ଘଟିଥିବା ଜଣାପଡିଛି।

କାରଣ ମାତ୍ର ୫ ଘଣ୍ଟା ମଧ୍ୟରେ ବିହାରରେ ରାଜନୀତି ଯେଉଁଭଳି ପଲଟିଗଲା ତାହା ସହଜରେ ବିଶ୍ୱାସ କରିହେଉନି। ଆରଜେଡି-କଂଗ୍ରେସର ହାତଛାଡି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ ଯେଉଁଭଳି ବିଜେପିକୁ ପୁରୁଣା ବନ୍ଧୁ ଭାବେ କୋଳେଇ ନେଲେ ତାହା ଏବେ ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଯାଇଛି। ତେଜସ୍ୱୀଙ୍କ ଇସ୍ତଫା ନଦେବା ବା ଲାଲୁଙ୍କ ପରିବାର ଉପରେ ସିବିଆଇ ଓ ଇଡିର କାର୍ଯ୍ୟାନୁଷ୍ଠାନ ହେବା ସମ୍ପୂର୍ଣ୍ଣ ଭିନ୍ନ କଥା। ଏହା ସେଠାରେ ମେଣ୍ଟ ରାଜନୀତିକୁ ସେଭଳି କିଛି ପ୍ରଭାବିତ କରୁନଥିଲା। ହେଲେ କେବଳ ସ୍ୱଚ୍ଛତା ବା ନିର୍ମଳ ଭାବମୂର୍ତ୍ତିକୁ ଆଧାର କରି ଗୋଟିଏ ମହାମେଣ୍ଟକୁ ଭାଙ୍ଗିଦେବା ଭଳି ନିଷ୍ପତ୍ତି ଏକ ଦୁଃସାହସିକ ପଦକ୍ଷେପ ହୋଇଥିଲେ ବି ନିଜ ଦଳ ଭିତରୁ ଏଥିପାଇଁ ବିରୋଧର ସ୍ୱର ଉଠିଛି। ହେଲେ ଏହି ନିଷ୍ପତ୍ତି ପଛରେ କେବଳ ନୀତୀଶଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ନା ଏହା ଏକ ଷଡଯନ୍ତ୍ର ତାହା ସ୍ପଷ୍ଟ ହୋଇନି। କିନ୍ତୁ ଏହି ମେଣ୍ଟ ଭଙ୍ଗା ରାଜନୀତି ପଛରେ ଯେ ବିଜେପିର ପୂର୍ବ ଯୋଜନା କାର୍ଯ୍ୟକାରୀ ହୋଇପାରିଛି ତାହା ଜଳଜଳ ଦିଶୁଛି। କାରଣ ନୀତୀଶ ମୁଖ୍ୟମନ୍ତ୍ରୀ ପଦରୁ ଅଚାନକ ଇସ୍ତଫା ଦେବା ପରେ ପରେ ହିଁ ବିଜେପି ତାଙ୍କୁ ସମର୍ଥନ ଘୋଷଣା କରିଥିଲା। ବାସ୍ତବିକ ଦେଶର ରାଜନୀତିରେ ଏହା ବିରଳ ଓ ଐତିହାସିକ ମନେହୁଏ। ନୀତୀଶଙ୍କ ଅପ୍ରତ୍ୟାଶିତ ପଦକ୍ଷେପ କଂଗ୍ରେସ-ଆରଜେଡିକୁ ଚକିତ କରିଥିବା ବେଳେ ଏଥିରେ ଖୁସି ହୋଇଛି ବିଜେପି। କାରଣ ବିହାର ଶାସନରେ ବିଜେପିର ଯୋଗଦାନ ଦେଶର ରାଜନୀତିକୁ ନୂଆ ଦିଗରେ ନେବାର ଆଶା ସୃଷ୍ଟି କରିଛି। ଯଦିଓ ଭ୍ରଷ୍ଟାଚାର ଓ ଦୁର୍ନୀତି ରାଜନୀତିର ମୁଖ୍ୟ ଆୟୁଧ ପାଲଟିଛି ସେଭିତରେ କେନ୍ଦ୍ରର ମୋଦି ସରକାର ଏହାକୁ ହଟାଇବା ଦିଗରେ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଥିବା ବିଭିନ୍ନ କାର୍ଯ୍ୟକ୍ରମରୁ ଜଣାପଡୁଛି। ହେଲେ ଦେଶରୁ ନା ହଟିପାରୁଛି ଦୁର୍ନୀତି ନା ଦୂର ହେଉଛି ଭ୍ରଷ୍ଟାଚାର। ତାହାରି ଭିତରେ ନୀତି ନିୟମ ଓ ସ୍ୱଚ୍ଛତାକୁ ଆଳ କରି ନୀତୀଶ ଯେଉଁଭଳି ନିଜର ଭାବମୂର୍ତ୍ତିକୁ ନିର୍ମଳ କରିବା ଦିଗରେ ଆଗେଇ ଆସିଲେ ତାହା ବାସ୍ତବିକ ପ୍ରାସଙ୍ଗିକତା ରଖୁଛି। ଏବେ ଏହି ଭାବମୂର୍ତ୍ତି ଆଧାରରେ ଏନ୍‌ଡିଏ ସହ ସାମିଲ ହୋଇଥିବା ନୀତୀଶ କୁମାରଙ୍କ ଆଗାମୀ ରାଜନୀତି କେତେ ନିର୍ମଳ ହୋଇପାରିବ ତାହା ବିହାରବାସୀ ଚାହିଁ ବସିଛନ୍ତି।

# ହିନ୍ଦୁ ପରମ୍ପରାରେ ଦାରୁଦେବତା



ଡା. ଧୀରେନ୍ଦ୍ର କୁମାର ପଟ୍ଟନାୟକ

**ହି**ନ୍ଦୁ ଧର୍ମରେ ଦାରୁଦେବତାଙ୍କୁ ପୂଜା କରିବାର ପରମ୍ପରା ବହୁ ପ୍ରାଚୀନ। ଏହା ୪୦୦-୫୦୦ ବର୍ଷର ପରମ୍ପରା ବୋଲି ଜଣାପଡ଼େ। ଓଡ଼ିଶାରେ ବହୁଲୋକ ଦାରୁଦେବତାଙ୍କୁ ପୂଜା କରୁଛନ୍ତି। ପ୍ରତ୍ୟେକ ଗାଁ ଓ ସହର ମାନଙ୍କରେ ଏହା ଦେଖିବାକୁ ମିଳିଥାଏ। ଓଡ଼ିଶା ବାହାରେ ମଧ୍ୟ ଦାରୁଦେବତା ପୂଜା ପାଉଥିବା ଜଣାଯାଏ।

ଦେଶର ବିଭିନ୍ନ ମନ୍ଦିର ଓ ମନ୍ଦିର ବାହାରେ ଦାରୁ ଦେବାଦେବୀ ପୂଜା ପାଉଛନ୍ତି। ଭକ୍ତମାନେ ପ୍ରତିଦିନ ସନ୍ଧ୍ୟାରେ ଏଠାରେ ଦୀପ ଜାଳି ପ୍ରାର୍ଥନା କରନ୍ତି। ବହୁକାଳୁ ବରଗଛ, ଅଶ୍ୱସ୍ଥ ଗଛ, ନିମ ଗଛ, ଅଁଳା ଗଛ - ପବିତ୍ରତାର ପ୍ରତୀକ ଭାବେ ପୂଜା ପାଇଆସୁଛନ୍ତି।

ଗବେଷକଙ୍କ ମତରେ ଉତ୍କଳର ପ୍ରାଚୀନ ସଭ୍ୟତା ଥିଲା ସମ୍ବଲପୁର-ସୁବର୍ଣ୍ଣପୁର ଅଞ୍ଚଳରେ। ସେ ସମୟରେ ଠାକୁର/ଠାକୁରାଣୀ, ସମଲା/ସମଲାଇ ଭାବେ ପୂଜା ପାଉଥିଲେ। ବର୍ତ୍ତମାନର ସମଲେଶ୍ୱରୀ ହେଉଛନ୍ତି ସେହି ସମଲାଇ। ସେ ମଧ୍ୟ ବିମଳା ଓ ଭୁବନେଶ୍ୱରୀ। ସେ ଜଗନ୍ନାଥ ଓ ନୀଳମାଧବ।

ଏଥିରେ ମହାନଦୀର ଅବଦାନ କିଛି କମ୍ ନୁହେଁ। ମହାନଦୀ କୂଳରେ ସମ୍ବଲପୁର, ମହାନଦୀ କୂଳରେ ସୁବର୍ଣ୍ଣପୁର, ମହାନଦୀ କୂଳରେ ଅନେକ ମନ୍ଦିର। କଣ୍ଟିଲୋର ନୀଳମାଧବ ମନ୍ଦିର ମଧ୍ୟ ମହାନଦୀ କୂଳରେ ଅବସ୍ଥିତ।

ମହାରାଜ ଇନ୍ଦ୍ରଦ୍ୟୁମ୍ନ ଜାଣି ନ ଥିଲେ, ମହାପ୍ରଭୁ ନୀଳମାଧବ କେଉଁଠାରେ ବିରାଜମାନ। ନୀଳମାଧବଙ୍କ ମନ୍ଦିର ଠାବ କରିବାକୁ ବୁଦ୍ଧିମାନ ବିଦ୍ୟାପତିଙ୍କୁ ପଠାଇଥିଲେ ଇନ୍ଦ୍ରଦ୍ୟୁମ୍ନ। ଚାରିଆଡ଼େ ଜଙ୍ଗଲ, ଘୋର ଜଙ୍ଗଲ, ପାହାଡ଼ ପର୍ବତ। ସହଜ କଥା ନୁହେଁ। ଶବରରାଜା ବିଶ୍ୱାବସୁଙ୍କ କନ୍ୟା ଲଳିତାଙ୍କୁ ବିବାହ କରିବା ପରେ ସେ ଠାବ କଲେ ନୀଳମାଧବଙ୍କ ପବିତ୍ର ସ୍ଥଳକୁ। ମାତ୍ର ରାଜା ଇନ୍ଦ୍ରଦ୍ୟୁମ୍ନ ପହଞ୍ଚିବା ବେଳକୁ ମହାପ୍ରଭୁ ନୀଳମାଧବ ଉଭାନ୍ ହୋଇଗଲେ।

ମହାନଦୀ କୂଳରେ ଏଡ଼େ ସୁନ୍ଦର ନୀଳପର୍ବତ। ମହାପ୍ରଭୁ ନୀଳମାଧବ ହିଁ ଏତେ ସୁନ୍ଦର ନୀଳପର୍ବତ ଉପରେ ପୂଜା ପାଉଛନ୍ତି। ହେଲେ ସେ ଉଭାନ୍ ହୋଇଗଲେ କେମିତି! ଏହାପରେ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ସ୍ୱପ୍ନାଦେଶ ଦେଲେ, ଶ୍ରୀକ୍ଷେତ୍ର ପୁରୀର ସମୁଦ୍ର କୂଳକୁ ଯିବାକୁ। ସେଠାରେ ଏକ ଦାରୁ ସଂଗ୍ରହ କରିବାକୁ।

ପୁରୀର ସମୁଦ୍ରକୂଳରେ, ନୂଆନଈର ବାଙ୍କୀମୁହାଁଣରୁ ମିଳିଥିଲା ଏହି ଦାରୁ। ସାଧାରଣ ଭାବେ ଲୋକେ ବିଶ୍ୱାସ କରନ୍ତି ଯେ ଏ ଦାରୁ ସମୁଦ୍ର ବାଟେ ଅନ୍ୟକୁଆଡୁ ଆସିଥିଲା। ମାତ୍ର ଯେତେଦୂର ସମ୍ଭବ, ଏହି ଦାରୁ ମହାନଦୀକୂଳର କଣ୍ଟିଲୋର ନୀଳପର୍ବତ ନିକଟରୁ ଆସିଥିଲା, ନଦୀପଥରେ। କିଛି ମତ ଦିଅନ୍ତି ଯେ ଏହି ଦାରୁ ସମଲାଇଙ୍କ ସମ୍ବଲପୁର ବା ସୁବର୍ଣ୍ଣପୁରଠାରୁ ମଧ୍ୟ ଆସିଥାଇପାରେ, ନଦୀପଥରେ।



ସମ୍ବଲପୁର, ସୁବର୍ଣ୍ଣପୁର, କଣ୍ଟିଲୋ - ଏସବୁ ପବିତ୍ରସ୍ଥଳ ରହିଛି ଆମର ପବିତ୍ର ମହାନଦୀ କୂଳରେ। ପୁରୁଣା ବ୍ୟବସ୍ଥା ଅନୁସାରେ ନଦୀପଥରେ ଏବେ ବି କାଠସବୁ ପାଣିରେ ଭସାଯାଇ ବିଭିନ୍ନ ସ୍ଥାନକୁ ପଠାଯାଉଛି। କଣ୍ଟିଲୋ ନିକଟସ୍ଥ ଦଶପଲ୍ଲାରେ ଏ କାଠସବୁ ଭାସି ଭାସି ଆସିଲା ବେଳେ ମହାନଦୀ ପାଣିରେ ବେଶ୍ ସୁନ୍ଦର ଦେଖାଯାଏ। ଯେତେଦୂର ସମ୍ଭବ, ନୀଳମାଧବ/ଜଗନ୍ନାଥଙ୍କ ପବିତ୍ର ଦାରୁଟି କଣ୍ଟିଲୋଠାରୁ ମହାନଦୀ ଦେଇ, ତା'ପରେ କାଠଯୋଡ଼ି, କୁଆଖାଇ, ଭାର୍ଗବୀ ଓ ନୂଆନଈ ଦେଇ ବାଙ୍କୀମୁହାଁଣକୁ ଆସିଥିଲା।

ଏସବୁ ନଦୀକୂଳରେ ଅନେକ ଗାଁ ଓ ସହର। ଏହା ମଧ୍ୟରେ ଅନେକଗୁଡ଼ିଏ ମନ୍ଦିର ମଧ୍ୟ ନିର୍ମିତ ହୋଇଛି ବିଭିନ୍ନ ନଦୀକୂଳରେ। ଏସବୁ ମନ୍ଦିର ନିର୍ମାଣ ପଛରେ କିଛି ନା କିଛି କାହାଣୀ ଅଛି। ଜଗନ୍ନାଥଙ୍କର ଦାରୁଯାତ୍ରା ସହିତ ଏ ମନ୍ଦିରମାନଙ୍କର କିଛି ସମ୍ପର୍କ ଥାଇପାରେ। ଏ ଅଞ୍ଚଳର ଲୋକମାନେ ନିଶ୍ଚୟ ଅଧିକ କିଛି ଜାଣିଥାଇପାରନ୍ତି!

ମହାନଦୀ, କାଠଯୋଡ଼ି ନଦୀର ଶାଖାନଦୀ କୂଳରେ ମଧ୍ୟ ଅନେକ ମନ୍ଦିର ତିଆରି ହୋଇଛି ଓ କେତେକ ସ୍ଥାନରେ ଦାରୁପୂଜା ବି ଚାଲିଛି।

କାଠଯୋଡ଼ିରେ ଏକ ଶାଖାନଦୀ ଦେବୀ-କନ୍ଦଳ ନଦୀ କୂଳରେ, କସରଦା ଗ୍ରାମରେ ଏକ ନିମବୃକ୍ଷକୁ ସ୍ଥାନୀୟ ଅଧିବାସୀ କିଛିବର୍ଷ ହେଲା ପୂଜା କରୁଛନ୍ତି। ଅନେକଙ୍କ ମତରେ, ଏ ବୃକ୍ଷରେ ଶଙ୍ଖ, ଚକ୍ର, ଗଦା, ପଦ୍ମ - ଏସବୁ ଚିହ୍ନ ଅଛି। ଏ ଗଛର ପତ୍ର ମିଠା। ପିତା ନୁହେଁ, ମିଠା। ଏଠାରେ ଗୋଟିଏ ଛୋଟିଆ ମନ୍ଦିର ତିଆରି ହୋଇଛି। ଅନନ୍ତ ବାସୁଦେବ ମନ୍ଦିର।

ପ୍ରତିବର୍ଷ ଦୋଳପୂର୍ଣ୍ଣିମା ସମୟରେ ଏଠାରେ ବିଭିନ୍ନ ଗାଁର ଠାକୁରମାନଙ୍କର ବିମାନସବୁ ମହାଆଡ଼ମ୍ବରରେ ଆସି ଏକ ବଡ଼ଧରଣର ମେଳଣରେ ଭାଗ ନିଅନ୍ତି। ପ୍ରସିଦ୍ଧ ଦୋପୋଟି ମେଳଣ।

ଭବିଷ୍ୟତରେ ଏଠାରେ କଅଣ ହେବ କିଏ ଜାଣେ? ଏଠାର ପବିତ୍ର ନିମବୃକ୍ଷର କାହାଣୀ ଏପର୍ଯ୍ୟନ୍ତ ଅଧାରେ ହିଁ ଅଛି।

ଅଳ୍ପଦୂରରେ ଅଡ଼ଶପୁର, ପ୍ରସିଦ୍ଧ ପ୍ରାଚୀନଦୀ ଓ ଜୟଦେବଙ୍କ କେନ୍ଦୁଲି। କିଛିଦୂରରେ ନିଆଳି ମାଧବ ମନ୍ଦିର।

୧୯୯୬ ମସିହାର ନବକଳେବର ସମୟରେ ଜଗନ୍ନାଥଙ୍କ ଦାରୁପ୍ରାପ୍ତି ହୋଇଥିଲା ଖୋର୍ଦ୍ଧା ନିକଟସ୍ଥ ଦଧିମାଛଗାଡ଼ିଆ ଗ୍ରାମରେ। ଶଙ୍ଖ, ଚକ୍ର, ଗଦା, ପଦ୍ମ - ଏସବୁ ଚିହ୍ନ ଥିବା ଏକ ସୁନ୍ଦର ନିମବୃକ୍ଷ ଏଠାରେ ଥିଲା। ଏକ ବିରାଟ ନାଗସାପ ଏ ବୃକ୍ଷଟିକୁ ଜଗି ରହିଥିଲା। ଅନେକ କାହାଣୀ ଅଛି ଏ ବିଷୟରେ। ପୁରୁଣା ଉଇହୁଙ୍କାଟା ଏବେ ବି ଅଛି। ଏହାପୂର୍ବରୁ ୧୯୬୯ ମସିହାର ନବକଳେବର ସମୟରେ ଜଗନ୍ନାଥଙ୍କ ଦାରୁପ୍ରାପ୍ତି ହୋଇଥିଲା ଅଳ୍ପଦୂରସ୍ଥ ଚମ୍ପାଝର ଗ୍ରାମରେ। ଏ ଦୁଇଟି ଗ୍ରାମ ଭିତରେ ଦୂରତା ମାତ୍ର ସାତ କିଲୋମିଟର। ହୁଏତ ଏ ଅଞ୍ଚଳଟି ଜଗନ୍ନାଥଙ୍କର ପବିତ୍ର ଉପତ୍ୟକା। ଇଂରାଜୀରେ ଯାହାକୁ 'ହୋଲି ଭ୍ୟାଲି' କହନ୍ତି। ନୀଳମାଧବଙ୍କ କଣ୍ଟିଲୋ ଓ ଖୋର୍ଦ୍ଧା ମଧ୍ୟରେ ଅନେକଗୁଡ଼ିଏ ଶବରପଲ୍ଲୀ ଦେଖିବାକୁ ମିଳେ। ପ୍ରତି ଗାଁରେ, ଏମିତିକି ଚମ୍ପାଝର ଓ ଦଧିମାଛଗାଡ଼ିଆ ଗ୍ରାମରେ ବି। ଶବରମାନେ ଦାରୁଦେବତାଙ୍କୁ ପୂଜା କରିବାରେ ଅଭ୍ୟସ୍ତ। ସେମାନେ ମା' ମଙ୍ଗଳାଙ୍କୁ ମଧ୍ୟ ପୂଜା କରନ୍ତି। ନିଜ ପରମ୍ପରା ଅନୁସାରେ ପବିତ୍ର ଦାରୁବୃକ୍ଷ ନିକଟରେ ପଥର ମୂର୍ତ୍ତି ବା ପଥରଖଣ୍ଡସବୁ ରଖି ସେଥିରେ ସିନ୍ଦୁର ଲଗାଇ ପୂଜା କରନ୍ତି। ସନ୍ଧ୍ୟାବେଳେ ଦୀପ ମଧ୍ୟ ଜାଳନ୍ତି। ଏସବୁ ଦେଖିବାକୁ ଖୁବ୍ ଭଲ ଲାଗେ। ଖୋର୍ଦ୍ଧା ନିକଟରେ ଅନେକଗୁଡ଼ିଏ ଶବରପଲ୍ଲୀ ଅଛି। ଏଥିରୁ କେତେକ ଗ୍ରାମ ଜାତୀୟ ରାଜପଥ ନିକଟରେ। ପାଠକମାନେ ଇଚ୍ଛା କଲେ, ଅଳ୍ପ ସମୟରେ ଏସବୁ ଗାଁକୁ ଯାଇପାରିବେ ଓ କିଛି ନା କିଛି ଦେଖିପାରିବେ। ଶବରମାନଙ୍କର ପୂଜାପଦ୍ଧତି ପ୍ରଭୃତି।

ପ୍ରତ୍ୟେକ ଗାଁର କିଛି ନା କିଛି ସ୍ୱାତନ୍ତ୍ୟ ଅଛି। କେତେକ ଗାଁରେ, ଏସବୁ ଏତେ ଆକର୍ଷଣୀୟ ଯେ ପୂଜାସ୍ଥଳକୁ ଫେରିବାକୁ ଇଚ୍ଛା ହୁଏନା। ଦଧିମାଛଗାଡ଼ିଆ ଗ୍ରାମରେ ଶବରମାନେ ରହୁଥିଲେ ଜଗନ୍ନାଥଙ୍କ ଦାରୁପ୍ରାପ୍ତି ସ୍ଥାନର ବହୁତ ନିକଟରେ। କିଛିବର୍ଷ ହେଲା ସେମାନେ ନିକଟରେ ଥିବା ଅନ୍ୟଏକ ନୂଆ ଶବରପଲ୍ଲୀକୁ ଚାଲିଯାଇଛନ୍ତି। ସେଠାରେ ବି ସେମାନେ ନିଷ୍ଠାର ସହିତ ଦାରୁପୂଜା କରୁଛନ୍ତି।

ସେଠାରେ ସମସ୍ତଙ୍କ ମନକୁ ପାଇଲା ଭଳି ଗାଁ ମଝିରେ ଏକ ସୁନ୍ଦର ବରଗଛ ଅଛି। ଜଗନ୍ନାଥଙ୍କ ସ୍ୱପ୍ନାଦେଶ ଅନୁଯାୟୀ ଦଧିମାଛଗାଡ଼ିଆ ଗ୍ରାମର ଦାରୁପ୍ରାପ୍ତି ସ୍ଥାନରେ ଏକ ଜଗନ୍ନାଥ ମନ୍ଦିର ନିର୍ମିତ ହୋଇଛି। ଜଗନ୍ନାଥଙ୍କ ଦାରୁର ଅବଶିଷ୍ଟାଂଶରେ ନିର୍ମିତ ହୋଇଛି ଜଗନ୍ନାଥଙ୍କ ମୂର୍ତ୍ତି।

ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁ ଜଗନ୍ନାଥ, ନୀଳମାଧବ, ବିମଳା ଓ ଭୁବନେଶ୍ୱରୀ ପୂଜା ପାଉଛନ୍ତି। ବିମଳା ଓ ଭୁବନେଶ୍ୱରୀଙ୍କର ସ୍ୱତନ୍ତ୍ର ମନ୍ଦିର ଅଛି। ମାତ୍ର ସମଲାଇ ବା ସମଲେଶ୍ୱରୀଙ୍କର ମନ୍ଦିର ନାହିଁ।

ମାତ୍ର ଦଧିମାଛଗାଡ଼ିଆ ଜଗନ୍ନାଥ ମନ୍ଦିରରେ ଜଗନ୍ନାଥଙ୍କ ସହିତ ମହାଲକ୍ଷ୍ମୀ। ବିମଳା, ଭୁବନେଶ୍ୱରୀ ଓ ନୀଳମାଧବ ତ ପୂଜା ପାଉଛନ୍ତି, ତା' ସହିତ ଏଠାରେ ମଧ୍ୟ ମା' ସମଲାଇଙ୍କର ଗୋଟିଏ ମନ୍ଦିର ଅଛି। ମା' ସମଲାଇ ବା ସମଲେଶ୍ୱରୀଙ୍କର ଏହି ମନ୍ଦିରଟି ଉପକୂଳ ଓଡ଼ିଶାରେ ପ୍ରଥମ। ଏହା ପୂର୍ବରୁ ଉପକୂଳ ଓଡ଼ିଶାରେ ସମଲେଶ୍ୱରୀ ମନ୍ଦିର କେବେ ଦେଖିବାକୁ ମିଳେନାହିଁ। ସମଲାଇଙ୍କଠାରୁ ଆରମ୍ଭ କରି ଜଗନ୍ନାଥଙ୍କ ପର୍ଯ୍ୟନ୍ତ ସବୁ ଦାରୁଦେବତା ଏଠାରେ ଅଛନ୍ତି। ଏହି ନିଆରା ପରମ୍ପରା ପାଇଁ ଗବେଷକ ଓ ଛାତ୍ରମାନେ ନିଶ୍ଚୟ ଏଠାକୁ ଆସିବାକୁ ପସନ୍ଦ କରିବେ।

ନୀଳମାଧବଙ୍କ ସାମ୍ନାରେ ଅଛି ରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ଏକ ସୁନ୍ଦର ମୂର୍ତ୍ତି। ନୀଳମାଧବଙ୍କୁ ଆନନ୍ଦ ମନରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ପ୍ରଣାମ କରୁଛନ୍ତି। ଏ ଦୃଶ୍ୟ ଯିଏ ଦେଖିବ, ଖୁସି ହୋଇଯିବ। ଅତୀତରେ ସିନା ଇନ୍ଦ୍ରଦ୍ୟୁମ୍ନ ଦେଖିପାରି ନ ଥିଲେ ନୀଳମାଧବଙ୍କୁ, ଏଠାରେ କିନ୍ତୁ ତାଙ୍କର ସେ ଅଧୁରା ଇଚ୍ଛା ପୂରଣ ହୋଇଛି।

ଅନେକ ସୁନାମଧନ୍ୟ ଭକ୍ତଙ୍କର ପ୍ରତିମୂର୍ତ୍ତି ସବୁ ଏଠାରେ ମନ୍ଦିର ପ୍ରାଙ୍ଗଣରେ ଅଛି। ଏସବୁ ଏଡ଼େ ସୁନ୍ଦର ଯେ ଦେଖିବା ଲୋକେ ଭୁଲିପାରିବେନି। ବିଶେଷକରି ପିଲାମାନେ କେବେ ବି ଭୁଲିବେନି। ଦାସିଆ ବାଉରୀ, ସାଲବେଗ, ବଳରାମ ଦାସ, ଚୈତନ୍ୟ, ବନ୍ଧୁମହାନ୍ତି ପ୍ରଭୃତି ପ୍ରସିଦ୍ଧ ଭକ୍ତମାନଙ୍କର ମୂର୍ତ୍ତିସବୁ ପ୍ରକୃତରେ ଦେଖିବାର କଥା। ଜଗନ୍ନାଥଙ୍କୁ ଦେବା ପାଇଁ ନଡ଼ିଆଟିଏ ହାତରେ ଧରିଛି ଦାସିଆ ବାଉରୀ। ବନ୍ଧୁ ମହାନ୍ତିଙ୍କୁ ନିଜ ହାତରେ ଖାଇବାକୁ ଦେଉଛନ୍ତି ମହାପ୍ରଭୁ ଜଗନ୍ନାଥ। କାଞ୍ଚି ଅଭିଯାନରେ ଯାଇଥିବା ବେଳେ ମାଣିକ ହାତରୁ ଦହି ଖାଉଛନ୍ତି ମହାପ୍ରଭୁ ବଳଭଦ୍ର ଓ ଜଗନ୍ନାଥ। ଲକ୍ଷ୍ମୀପୁରାଣର କାହାଣୀ - ମହାଲକ୍ଷ୍ମୀ ଓ ଶ୍ରୀୟା ଚାଣ୍ଡାଲୁଣୀଙ୍କର ମୂର୍ତ୍ତି ବେଶ୍ ସୁନ୍ଦର। ନୀଳମାଧବଙ୍କ ସାମ୍ନାରେ ଠିଆ ହୋଇଛନ୍ତି ମହାରାଜା ଇନ୍ଦ୍ରଦ୍ୟୁମ୍ନ। ମନଭରି ଦେଖୁଛନ୍ତି ନୀଳମାଧବଙ୍କୁ। ଆହୁରି ଅନେକ ଭକ୍ତମାନଙ୍କର ମୂର୍ତ୍ତି ମଧ୍ୟ। ଏସବୁ ଏତେ ସୁନ୍ଦର ଯେ ଥରେ ଦେଖିଲେ ଆଉଥରେ ଆସିବାକୁ ଇଚ୍ଛା ହେବ।

ଜନୈକ ଚଳଚ୍ଚିତ୍ର ପ୍ରଯୋଜକ ଏଠାରେ ଗୋଟିଏ ଚଳଚ୍ଚିତ୍ର ନିର୍ମାଣ କରିଛନ୍ତି। ଆଉଜଣେ ଚଳଚ୍ଚିତ୍ର ପ୍ରଯୋଜକ ମଧ୍ୟ ଫିଲ୍ମ ନିର୍ମାଣ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଖୋର୍ଦ୍ଧା ସହରଠାରୁ ମାତ୍ର ୧୦ କିଲୋମିଟର, ଗଡ଼ଖୋର୍ଦ୍ଧାଠାରୁ ୮ କିଲୋମିଟର। ସମସ୍ତ ଶ୍ରେଣୀର ଦର୍ଶକମାନଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ। ଅଳ୍ପ ସମୟ ଭିତରେ ଅନେକ କିଛି ଦେଖିପାରିବେ ଓ ସମସ୍ତ ଠାକୁର ଠାକୁରାଣୀଙ୍କୁ ମନଖୁସିରେ ଦର୍ଶନ କରିପାରିବେ। ଜନ୍ମାଷ୍ଟମୀ ପ୍ରଭୃତି ଅନେକ ଉତ୍ସବ ଏଠାରେ ବର୍ଷସାରା ପାଳନ ହୁଏ। ଏ ବର୍ଷ ମଧ୍ୟ ହେବ। ଅଳ୍ପଦିନ ପରେ ଆସୁଛି ଜନ୍ମାଷ୍ଟମୀ, ଅଗଷ୍ଟ ୧୪ ତାରିଖରେ।

*ସୂର୍ଯ୍ୟନଗର, ଭୁବନେଶ୍ୱର*

# ବେଖାତିରରେ ସାଧାରଣ ଓ ଖାତିରରେ ଖ୍ୟାତିସମ୍ପନ୍ନ !



ଋତୁରାଜ ପଟ୍ଟନାୟକ

**ଆ**ମେ ବହିରୁ ସମ୍ବାଦପତ୍ରରୁ, ବିଦ୍ୟାଳୟରୁ କିମ୍ବା ବିଭିନ୍ନ ଆଲେଖ୍ୟ ଜରିଆରେ ବହୁତ ଖ୍ୟାତି ସମ୍ପନ୍ନ ଲୋକଙ୍କ ସମ୍ପର୍କରେ ଜାଣିବାର ଅବକାଶ ପାଇଛୁ। ସେମାନଙ୍କ ମଧ୍ୟରୁ କିଏ ବିଶ୍ୱରେ ବିଖ୍ୟାତ ଅବା କିଏ ଦେଶରେ ଖ୍ୟାତ। କିଛି ବ୍ୟକ୍ତି ରାଜ୍ୟରେ ବହୁତ ନାମ କରିଛନ୍ତି ଯାହା ଗଣମାଧ୍ୟମରୁ ଜଣାପଡେ। କେଉଁ ବ୍ୟକ୍ତି କେଉଁଥି ପାଇଁ ଖ୍ୟାତି ଅର୍ଜନ କରିଛି ତାହା ମଧ୍ୟ ଜଣାପଡେ। ଆମେ କିନ୍ତୁ ଏଇଠାରେ ଟିକିଏ ଅଲଗା ଖ୍ୟାତି ସମ୍ପନ୍ନ ବ୍ୟକ୍ତିମାନଙ୍କ ସମ୍ବନ୍ଧରେ ଲେଖିବାକୁ ଚେଷ୍ଟାକରିଛୁ। କିଏ ବିଜ୍ଞାନରେ ଭଲକାମ ପାଇଁ କିଏ ପରିବେଶ ପାଇଁ କିଏ କଳା, ସଂସ୍କୃତି ପାଇଁ ଅବା କିଏ ସଂଗୀତ ପାଇଁ ଭଲ ସଙ୍ଗୀତଜ୍ଞ। ଆମେ ଟିକେ ଅଲଗା ଦୃଷ୍ଟିରେ ଦେଖିବା ଯେଉଁମାନେ କିଛି ବ୍ୟକ୍ତିଙ୍କର କାମ ଓ ତାଙ୍କର ଖ୍ୟାତି କିପରି ଜାରି ରହିଛି। ଆମେ କିଛି ସଙ୍ଗୀତଜ୍ଞ କବି ଓ ଲେଖକଙ୍କୁ ପ୍ରାୟ ସବୁବେଳେ ସମ୍ବାଦପତ୍ର ମାନଙ୍କରେ ବା ସଭାରେ ମଞ୍ଚାସୀନ ହେବାର ଦେଖିଛୁ। ସେଇଭଳି କିଛି ଚର୍ଚ୍ଚିତ ଶିକ୍ଷାବିତ୍ ଓ ବୁଦ୍ଧିଜୀବୀଙ୍କୁ ମଧ୍ୟ ଦେଖିଛୁ। ଅନେକ ବହୁ ବର୍ଷ ଧରି ସମ୍ବାଦପତ୍ର ମାନଙ୍କରେ ଦେଖିଛୁ। ଏବେ ଆମେ ବେଶୀ ସମ୍ବାଦପତ୍ର ପଢୁନାହୁଁ କେବଳ କିଛି ନିଜ ଚିହ୍ନାପରିଚିତ ଲୋକଙ୍କ ଖବର ଛପିଲେ ପଢୁ। କାରଣ ଯେଉଁ ଖ୍ୟାତି ସମ୍ପନ୍ନ ଲୋକଙ୍କ କଥା ଆମେ ସମ୍ବାଦପତ୍ରରେ ପଢୁଥିଲେ ସେମାନଙ୍କୁ ଏବେ ବେଶୀ ବିଭିନ୍ନ ସଭା ସମିତିରେ ଦେଖୁଛୁ। କିଏ ଆୟୋଜକ ଓ କିଏ ମଞ୍ଚରେ ସେମାନଙ୍କର ଗୁଣ ଗାୟକ।

ଆମର ଯାହା ମନେ ହୁଏ ଆଉ କେହି ସମ୍ବର୍ଦ୍ଧିତ ହେବାକୁ ସତେ ଯେପରି ଓଡ଼ିଶାରେ ନାହାନ୍ତି କି ହୋଇ ପାରିବେନାହିଁ। କିଛି ମଧ୍ୟ ରାଜନୈତିକ ବ୍ୟକ୍ତି ସେହି ଭଳି ଗତ ତିରିଶରୁ ଚାଳିଶ ବର୍ଷ ଧରି ସମ୍ବାଦପତ୍ରରେ ସ୍ଥାନ ପାଉଛନ୍ତି। ଦେଖାଯାଏ କିଛି ଶିକ୍ଷକ ମଧ୍ୟ ବହୁତ ଖ୍ୟାତି ଅର୍ଜନ କରିଛନ୍ତି କାରଣ ସେମାନେ ଭଲ ପାଠ ପଢ଼ାନ୍ତି। କିନ୍ତୁ ଏହିଭଳି ଖ୍ୟାତି ସମ୍ପନ୍ନ ବ୍ୟକ୍ତିମାନେ ସବୁବେଳେ ସେମାନଙ୍କର ଉପସ୍ଥିତି ସଭାମାନଙ୍କରେ ଓ ସମ୍ବାଦପତ୍ର ଜାରି ରଖିଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ସରକାରୀ ଚାକିରୀ କରିଥିଲେ ଓ ସେମାନେ ସରକାରରେ ଥିଲା ବେଳେ ଯାହା କାମ କରିଥିଲେ ସେଭଳି ଆଖିଦୃଶିଆ କାମ କରିଥିବା କେହି ନଜର ରଖିନାହାନ୍ତି। କିନ୍ତୁ ଅବସର ପରେ ସେମାନଙ୍କର ଉପଦେଶ ଓ ପରାମର୍ଶ ସଭାସମିତିରେ ବହୁତ ଶ୍ରୁତିମଧୁର ହୋଇଥାଏ। କାରଣ ଏଇଟା କର ସେଇଟା କର କହିବାରେ ସେମାନେ କେବେହେଲେ ହେଳା କରିନଥାନ୍ତି। ତା' ଛଡ଼ା ଶବ୍ଦ ସଂଯୋଜନାରେ ସେମାନେ ନିପୁଣ 'କହି ଜାଣିଲେ କଥା ସୁନ୍ଦର' ନ୍ୟାୟରେ ସେମାନେ ଆମକୁ ଭୂଆଁ ବୁଲେଇ ସାବାସୀ ନିଅନ୍ତି।

ଏଥର ଆସନ୍ତୁ ଆମେ ଦେଖିବା ଆମ ଓଡ଼ିଶାରେ କ'ଣ ଗୁଣୀବ୍ୟକ୍ତିଙ୍କର ଅଭାବ ଅଛି ସେ ସଂଗୀତରେ ହେଉ କିମ୍ବା ଶିକ୍ଷା କ୍ଷେତ୍ରରେ ହେଉ, କାରଣ ମୁଁ ଦେଖେ ବହୁତ ଲୋକ ଘରୋଇ ପାଠ ପଢ଼ାଇ ରୋଜଗାର କରୁଛନ୍ତି। କିଛି ବିଭିନ୍ନ ଛୋଟିଆ ଦଳରେ ଓ ସଭାରେ ସୁମଧୁର ଗୀତ ବୋଲିଥାନ୍ତି। ଆମର ଓଡ଼ିଶାରେ ତିରିଶଟି ଜିଲ୍ଲାର ବହୁ ଏହିଭଳି ବିଭିନ୍ନ କାମରେ କୌଶଳରେ ଓ କାରିଗରୀର ଉତ୍କର୍ଷ କାମ କରିଛନ୍ତି। ସେହିଭଳି ଆମକୁ ଲାଗେ ଆମ ଓଡ଼ିଶାରେ ବହୁ ଗୁଣୀ କବି ଲେଖକ ଓ ସାହିତ୍ୟିକ ବି ଅଛନ୍ତି। କିନ୍ତୁ ଆମେ ଦେଖିଛୁ କିଛି ଲୋକ ନିଜର ପ୍ରତିଭା ଏତେ ଅଧିକ ଯେ ସମ୍ବାଦପତ୍ର ମାନଙ୍କରେ ସେମାନଙ୍କର ଖ୍ୟାତି ଏପର୍ଯ୍ୟନ୍ତ ସରିନାହିଁ। ଗତ ତିରିଶରୁ ଚାଳିଶି ବର୍ଷ ଧରି ସେହି ଲୋକ ସାହିତ୍ୟରେ ଓ ସଭା ସମିତି ମାନଙ୍କରେ ଲୋକମାନଙ୍କ ଆଗରେ ପୂଜା ପାଇଥାନ୍ତି। ପୂଜା ପାଇବା ସତେ ଯେମିତି ସେମାନଙ୍କର ଜନ୍ମସିଦ୍ଧ ଅଧିକାର। କାରଣ ସେମାନେ ସାଧାରଣ ନୁହନ୍ତି ପ୍ରଚଣ୍ଡ ଖ୍ୟାତି ସମ୍ପନ୍ନ, ସେମାନେ ସାଧାରଣ ଲୋକଙ୍କର କଡରେ ବସିବା ଆୟୋଜକଙ୍କୁ କଷ୍ଟ ଦେଇଥାଏ କିମ୍ବା ସେମାନଙ୍କର ବସିବା ଓ ଅନ୍ୟର କଥା ଦୁଇପଦ ଶୁଣିବାକୁ ପ୍ରସ୍ତୁତ ନଥାନ୍ତି କିମ୍ବା ଅନ୍ୟର ଲେଖାକୁ ପଢ଼ିବା ଆବଶ୍ୟକତା ମନେ କରନ୍ତିନାହିଁ। ଏହା ମଧ୍ୟ ସତ୍ୟ ଯେ ସେମାନଙ୍କର ସେଗୁଡାକ ଓ ସେହି ଲେଖା ବେଶୀ ଦରକାରରେ ଆସିବନାହିଁ ବୋଲି ଜାଣିଥାନ୍ତି। ପ୍ରକୃତରେ ସେଗୁଡାକ କ'ଣ ତାଙ୍କର ଅଧିକ ବୟସରେ ଦରକାର ଅଛି? ବୋଧହୁଏ ଅନ୍ୟର ଲେଖା କିମ୍ବା ଭାଷଣ ସେମାନଙ୍କର ବିଶେଷ ଦରକାର ନଥିବାର ମନେ ହୁଏ। ଯୁବ କିମ୍ବା ମଧ୍ୟମ ବୟସର ସ୍ତମ୍ଭକାରମାନଙ୍କୁ ସେହି ବୟୋଜ୍ୟେଷ୍ଠ କିମ୍ବା ଖ୍ୟାତି ସମ୍ପନ୍ନ ଲେଖକମାନେ ନିଜର ଚିନ୍ତାଧାରାକୁ ବୁଝେଇବାକୁ ଚେଷ୍ଟା କରନ୍ତି। ଏହା ବଦଳରେ ସେମାନେ ଯଦି ସହଯୋଗର ବାଟ ଦେଖାନ୍ତେ କିମ୍ବା ବର୍ତ୍ତମାନର ପରିବର୍ତ୍ତନ ଗତିରେ ଯୁବ ଲେଖକମାନେ ଯେଉଁ ଚିନ୍ତାରେ ଲେଖିବାକୁ ଚେଷ୍ଟା କରୁଛନ୍ତି ସେଇଟାକୁ ଠିକ ରୂପରେଖ ଦେବାରେ ସାହାଯ୍ୟ କରିବା ଜରୁରୀ।

ଏହାଛଡ଼ା କିଛି ସାମ୍ବାଦିକ କି ସ୍ତମ୍ଭକାର ଅଛନ୍ତି ଯେଉଁମାନେ ପ୍ରାୟ ସବୁବେଳେ ସମ୍ବାଦପତ୍ରରେ ଲେଖିଥାନ୍ତି କିମ୍ବା ତାଙ୍କ ଚିନ୍ତାଧାରାକୁ ସବୁବେଳେ ବିଭିନ୍ନ ଗଣମାଧ୍ୟମରେ ଯଥା ଟିଭିରେ ଓ ଅନ୍ୟ ଚିଠା ଦଳ ମାନଙ୍କରେ ବିଶ୍ଳେଷଣ କରିଥାନ୍ତି। ଏହି ସାମ୍ବାଦିକମାନେ ଯାହା କୁହନ୍ତି ଓ ଆଲୋଚନା କରିଥାନ୍ତି ଜନସାଧାରଣଙ୍କର ମନକୁ ପ୍ରଭାବିତ କରିଥାଏ ବୋଲି ସେମାନଙ୍କର ଧାରଣା। କିନ୍ତୁ ଆମେ ଏହି ଆଲୋଚନାରେ ବିକାଶର ଟିକେ ହେଲେ ମଧ୍ୟ ସ୍ୱରୂପ କିମ୍ବା ସ୍ୱାଦ କି ବାସ୍ନା ବାରି ହୋଇନଥାଏ। ଏହାର କାରଣ ମଧ୍ୟ ଜାଣିବାକୁ ହେବ କୋଉଠି ନା କୋଉଠି କୌଣସି ଦଳ କିମ୍ବା ବ୍ୟକ୍ତି ସହ ସମ୍ପର୍କରେ ଥିଲା ଭଳି ମନେହୁଏ। ସେମାନଙ୍କ ଆଚରଣରେ ଉଚ୍ଚାରଣରେ ଆକାଶ ପାତାଳ ଫରକ ଗତ ଚାଳିଶି ବର୍ଷ ଧରି କିଛି ସାମ୍ବାଦିକ ନିଜର ଲେଖାଦ୍ୱାରା ଓଡ଼ିଶାରେ ସେପରି କିଛି ଆଖିଦୃଶିଆ ପରିବର୍ତ୍ତନରେ ସହାୟକ ହୋଇନାହାନ୍ତି। କିମ୍ବା ରାଜନୈତିକ ଦଳ ମାନଙ୍କୁ ପ୍ରଭାବିତ କରି ଠିକ୍ ରାସ୍ତା ଦେଖାଇବାରେ ସହାୟକ ହୋଇନାହାନ୍ତି, ଯାହାଦ୍ୱାରା ଓଡ଼ିଶାର ପ୍ରଗତି କିମ୍ବା ଯୁବକମାନଙ୍କର ଭବିଷ୍ୟତକୁ ପ୍ରଭାବିତ କରିନାହାନ୍ତି। ଏଥିରୁ ଜଣାଯାଏ ଓଡ଼ିଶାର ପ୍ରଗତିର ଗତି କାହିଁକି ଅନ୍ୟ ରାଜ୍ୟ ତୁଳନାରେ ବହୁତ କମ୍। ଟିକିଏ ଅନ୍ୟ ରାଜ୍ୟର କାମ କେମିତି ହେଉଛି କେଉଁମାନେ ସରକାରକୁ ନିଜ ରାଜ୍ୟର ପ୍ରଗତିରେ କିପରି ସହାୟତା କରୁଛନ୍ତି ସେମାନଙ୍କର ଯୋଜନାବୋର୍ଡ କି କେଉଁ କାମ କିପରି ଆଗେଇ ନେଉଛନ୍ତି ସେବାବଦରେ କିଛି ଲେଖୁନାହାନ୍ତି ଯଦିଓ ଆଲୋଚନାରେ ସେମାନଙ୍କର କାମ କରିବାର ଶୈଳୀ ଓ ରୂପରେଖ ଜଣାପଡନ୍ତା ଯାହା ଓଡ଼ିଶାରେ କ୍ଷମତାରେ ଥିବା ଲୋକଙ୍କର ଆଖି ଖୋଲନ୍ତା ଓ ନିଜ ରାଜ୍ୟର ବିକାଶ ଧାରାକୁ ଗତିଶୀଳ କରାଇବାରେ ସହାୟକ ହୁଅନ୍ତା। ଆମେ ଭାବୁଛୁ ଯୁବ ଲେଖକଙ୍କର ଲେଖା କିମ୍ବା କଥା କହିବା ଶୈଳୀକୁ ତୀକ୍ଷ୍ଣ ଓ ଶାଣିତ କରିବାର ସମୟ ଆସିଛି। ଯାହା ସାଧାରଣ ଲୋକଙ୍କ ପାଇଁ ଅତି ଉପାଦେୟ ହେବ ଓ ପାଠକମାନେ ପୁଣି ବହିରେ ହେଉ କିମ୍ବା ସମ୍ବାଦପତ୍ରରେ ହେଉ ସମାଜ ସୁଧାରରେ କିଛି ନୂଆ ଚିନ୍ତା ଓ କାମ ଆରମ୍ଭ କରନ୍ତେ। ଆମେ ଆଗକୁ କିପରି ଓଡ଼ିଶାର ଲୋକଙ୍କୁ ଦେଖିବାକୁ ଚାହୁଁଛୁ ସେ ଚାଷରେ ହେଉ କିମ୍ବା ଶିକ୍ଷାରେ ହେଉ କିମ୍ବା ଉଦ୍ୟୋଗ ବିକାଶରେ ହେଉ ଅବା ପର୍ଯ୍ୟଟନ ବିକାଶରେ ହେଉ। ଲୋକମାନେ କ'ଣ ଭାବୁଛନ୍ତି ଯେଉଁ ଲୋକମାନେ ଅସୁବିଧାରେ ଅଛନ୍ତି କିମ୍ବା କ'ଣ ସୁବିଧା ହେଲେ ଆର୍ଥିକ ଅସୁବିଧାରେ ରହୁଥିବା ଲୋକମାନେ ଅଧିକ ରୋଜଗାର କରିପାରିବେ। ଲୋକଙ୍କ କଥା ଓ ନିଜ ଅଞ୍ଚଳର ପରିବେଶ, ସଂଗୀତ, ନୃତ୍ୟ, ସଂସ୍କୃତି ଓ ଲୋକଙ୍କର ଚଳଣି ବିଷୟରେ ଲେଖାଗଲେ ପାଠକର ମନରେ ନୂଆ ଉତ୍ସାହ ସୃଷ୍ଟି କରିବାରେ ସାହାଯ୍ୟ କରନ୍ତା। ଉପାୟ ତ ଲୋକ ନିଜେ ବାହାର କରିପାରିବେ ଓ ସବୁବେଳେ ବାହାର କରିଥାନ୍ତି। ଖ୍ୟାତି ସମ୍ପନ୍ନ ଲୋକମାନେ କ'ଣ ଚାହାନ୍ତି ନାହିଁକି ନିଜ ଅଞ୍ଚଳର ସାଧାରଣ ଲୋକଙ୍କର ଜୀବନ ଶୈଳୀ ଓ ସେମାନଙ୍କର କାମ ଲାଗି ସାଧାରଣ ଲୋକ ଯେ ମଧ୍ୟ ଖ୍ୟାତି ଅର୍ଜନ କରୁ। ନିକଟରେ ହଳଧର ନାଗଙ୍କୁ ତାଙ୍କର ନିଷ୍ପାପର କାର୍ଯ୍ୟଶୈଳୀ ଓ କାର୍ଯ୍ୟ ପାଇଁ ରାଷ୍ଟ୍ରୀୟ ମାନ୍ୟତା ମିଳିଲା ଏହା ଅତି ଚମତ୍କାର ମନେ ହୁଏ। ସେହିପରି ନିଜର କର୍ମ ପାଇଁ ଜେନାମଣି ଭଳି ଜରେ ମହିଳା ଅତି ପାହାଡିଆ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ରହିଲେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇପାରିଲା। ବୋଧହୁଏ ଆହୁରି ଅନେକ ଯୁବକ ଓ ନିଷ୍ପାପର ବ୍ୟକ୍ତି ଅଛନ୍ତି ଯେଉଁମାନେ ନିଜର କର୍ମ ପାଇଁ ନିଜ ଅଞ୍ଚଳରେ ପ୍ରତିଷ୍ଠା ଲାଭ କରିଛନ୍ତି। କେବଳ ତାହା ନୁହେଁ ଆହୁରି ବିଭିନ୍ନ କ୍ଷେତ୍ରରେ ବହୁ ଲୋକଙ୍କୁ ରାଜ୍ୟସ୍ତରରେ ଓ ରାଷ୍ଟ୍ରସ୍ତରରେ ପ୍ରତିଷ୍ଠା କରିବା ଦରକାର ଅଛି। ଏହାମଧ୍ୟ ସତ୍ୟ କିଛି ଲୋକ ଅନ୍ୟକୁ ବାଟ ଛାଡିବାକୁ ଦେଉନାହାନ୍ତି; କାରଣ ବହୁତ। ଏହି ଦିଗରେ ସାଧାରଣ ଲୋକଙ୍କର ଓଡ଼ିଶା ପାଇଁ ଚେଷ୍ଟା ଅନେକ ଅଛି। ଯାହା ଜି ସାରେଗାମା ହେଉ କିମ୍ବା ଇଣ୍ଡିଆନ୍ ଓ୍ୱାଇଲ୍ଡ ହେଉ କିମ୍ବା ଭଏସ ଅଫ୍ ଇଣ୍ଡିଆ ହେଉ ଅଥବା କ୍ରୀଡ଼ାରେ ହେଉ କିମ୍ବା ପ୍ରଶାସନିକ କ୍ଷେତ୍ରରେ ହେଉ ସମସ୍ତଙ୍କୁ ଓଡ଼ିଶାର ଲୋକ ସମ୍ମାନ ଦେଇଥାନ୍ତି। ସମୟ ଆସିଛି ଟିକେ ସାଧାରଣ ଲୋକଙ୍କୁ ଶୁଣନ୍ତୁ ଯେଉଁମାନଙ୍କ ଲାଗି ଆପଣମାନେ ଖାତିର ପାଇଥାନ୍ତି ଓ ଖ୍ୟାତି ସମ୍ପନ୍ନ ହୋଇଥାନ୍ତି ଏବଂ ଆପଣମାନଙ୍କୁ ନେଇ ଓଡ଼ିଶାର ବେଖାତିରରେ ରହୁଥିବା ଲୋକଟିଏ ଗର୍ବ ଅନୁଭବ କରିଥାଏ। ଅତି ବଢ଼ିଆ ହୁଅନ୍ତା ଯଦି ବରିଷ୍ଠ ଖ୍ୟାତି ସମ୍ପନ୍ନ ଲୋକମାନେ ଯଦି ଅନ୍ୟକୁ ବାଟ ଦେଖାନ୍ତେ କିମ୍ବା ସାଧାରଣ ଲୋକଙ୍କୁ ଟିକେ ଆଗକୁ ବଢ଼ିବାକୁ ଉପାୟ ବତେଇଥାନ୍ତେ। ମୋତେ ଲାଗେ ଅନେକ କବି ଓ ସାହିତ୍ୟିକ ଅଛନ୍ତି ତା ଛଡ଼ା ଭଲ ଗାଳ୍ପିକ ମଧ୍ୟ ଅଛନ୍ତି ଯାହାଙ୍କୁ ଆଗକୁ ଆଣିବା ଅତ୍ୟନ୍ତ ଜରୁରୀ। କାରଣ ଲୋକ ସେଇ ପୁରୁଣା ଲେଖକଙ୍କର ଲେଖା ଆଉ ପଢ଼ିବାକୁ ଚାହୁଁନାହାନ୍ତି। କାରଣ ସେଥିରେ ଆବେଗ ବା ଉନ୍ମାଦନା ନାହିଁ। ସୁନ୍ଦର ଗଳ୍ପ କିଏ ପଢ଼ିବାକୁ ଚାହିଁବ ନାହିଁ କିନ୍ତୁ କାହିଁକି ପଢୁନାହାନ୍ତି। ଅତି କଷ୍ଟକର ଓ ସହଜ ଭାଷାରେ ବହୁତ କମ୍ ଲେଖା ବହି ଆକାରରେ ଦେଖିବାକୁ ମିଳୁଛି। ଆର୍ଥିକ ଦୂରାବସ୍ଥାରୁ ଓଡ଼ିଶାରବହୁ ପ୍ରତିଭା ଖେଳରେ ହେଉ କିମ୍ବା ସଂଗୀତରେ ହେଉ ଦେଶ ଭିତରେ କିମ୍ବା ଦେଶ ବାହାରେ ସେମାନଙ୍କର ପ୍ରତିଭାକୁ ପ୍ରଦର୍ଶନ କରିବା ଅସମ୍ଭବ ହେଉଛି। ସେମାନଙ୍କ ପ୍ରତି ସମାଜର ଓ ସରକାରର ଗୁରୁଦାୟିତ୍ୱ ରହିଛି, ବଣମଲ୍ଲୀ ପରି ସେମାନେ ଶୀଘ୍ର ଅକାଳେ ଅଲୋଡ଼ା ହୁଅନ୍ତି। ସେହିପରି କ୍ରୀଡ଼ା ଜଗତରେ ଓ ଚାକିରୀ କ୍ଷେତ୍ରରେ ମଧ୍ୟ ସହଯୋଗ ଓ ସହାୟତା ଦରକାର ଅଛି।

ଏହି ତଥାକଥିତ ଖ୍ୟାତି ସମ୍ପନ୍ନ ବ୍ୟକ୍ତିମାନେ ସାଧାରଣ ଲୋକଙ୍କୁ କିମ୍ବା ଯୁବକମାନଙ୍କୁ ଯେଉଁ ବାଟ କିମ୍ବା ଉପାୟ ଦେଖାଇଥାନ୍ତି ସେହି ପ୍ରକାରର ଉପାୟ କିମ୍ବା ପଥ ନିଜର ପିଲାଙ୍କୁ ଦେଖାଇବାକୁ ପଛାଇଥାନ୍ତି। କାରଣ ଶସ୍ତା ଉପଦେଶ ଦେବା ସହଜ ନିଜ ପିଲାଙ୍କୁ ବଡ କରିବା ସ୍ୱାର୍ଥରେ ସେମାନେ ପ୍ରାୟ ଅନ୍ଧ, ତେଣୁ ସେଭଳି ଲୋକ ପ୍ରତି ଜନତାର ଆସ୍ଥା ଓ ସମ୍ମାନ କମ ହେବା ସ୍ୱାଭାବିକ। କିନ୍ତୁ କ୍ଷମତା କିମ୍ବା ଅନ୍ୟ ଅଧିକ ରୋଜଗାରର କଥା ଥାଏ ସେତେବେଳେ ସଂଘର୍ଷର ବାଟରୁ ଦୂରେଇ ଦେଇଥାନ୍ତି। ଏଥିରୁ ଆପଣ ଜାଣିପାରିବେ ଖ୍ୟାତି ସମ୍ପନ୍ନ ବ୍ୟକ୍ତି ଓ ସାଧାରଣ ଲୋକଙ୍କ ମଧ୍ୟରେ ଫରକ କ'ଣ ଓ ବେଖାତିର କେଉଁଠାରୁ ଆରମ୍ଭ ହୋଇଥାଏ। ଖ୍ୟାତି ସମ୍ପନ୍ନ ଲୋକଙ୍କ ସହଯୋଗ ତ ଦରକାର କାରଣ ସୁବିଧା ହୁଏ ତାକୁ ବ୍ୟବହାର କରିବା ଓ ସାଧାରଣ ଲୋକ ତା'ର ଉପଯୋଗ କରି ନିଜକୁ ଧନ୍ୟ ମନେ କରନ୍ତି ଓ ବେଳେ ବେଳେ ସୁବିଧା ସୁଯୋଗ ମଧ୍ୟ ପାଇଥାନ୍ତି। ସେ ଯାହାହେଉ କ୍ଷମତା ସମ୍ପନ୍ନ ବ୍ୟକ୍ତି ଅଧିକାଂଶ ସମୟରେ ନିଜକୁ ଖ୍ୟାତି ସମ୍ପନ୍ନ ବ୍ୟକ୍ତି ଭାବେ ପ୍ରତିଷ୍ଠିତ କରିବାକୁ ଚେଷ୍ଟା କରିଥାଏ ଓ ଅବସର ନେବାପରେ ତାହାର ବ୍ୟବହାର କରିବାକୁ ସହଜ ହୋଇଥାଏ। ସାଧାରଣ ଲୋକଙ୍କ ଇଚ୍ଛାରେ ଓ ସହମତିକୁ ଆଧାର କରି ହିଁ ଖାତିରରେ ଥାଆନ୍ତି ଖ୍ୟାତି ସମ୍ପନ୍ନ ବ୍ୟକ୍ତିମାନେ। ଏହି ପ୍ରକ୍ରିୟାକୁ ବଦଳେଇବା ପାଇଁ ଚେଷ୍ଟାର ଆବଶ୍ୟକତା ଅଛି ଯାହା ସମାଜର ପରିବର୍ତ୍ତନରେ ସହାୟକ ହେବ ଓ ସାଧାରଣ ଲୋକମାନଙ୍କ ମଧ୍ୟରେ ଉତ୍ସାହ ଆଣିଦେବ ନିଜର ପ୍ରତିଷ୍ଠା ଓ ସ୍ୱାଭିମାନ।

ଗୋଟିଏ ଜାତି କିମ୍ବା ଗୋଟିଏ ରାଜ୍ୟର ଲୋକଙ୍କୁ ବିକାଶର ଧାରାରେ ଓ ଗଢ଼ିବାକୁ ହେଲେ ସମର୍ପିତ ସେବା ମନୋଭାବ ଦରକାର ଓ ନିଜେ ଯାହା କରୁଛ ନିଜ ପିଲାଙ୍କ ପାଇଁ ସେଇକଥା ଅନ୍ୟକୁ ଶିଖାଇବା ଜରୁରୀ। ଏଭଳି ବ୍ୟକ୍ତିର ଅଭାବ ନାହିଁ ମାତ୍ର ପରିବେଶ ଏଭଳି ବ୍ୟକ୍ତିଙ୍କୁ ନେତୃତ୍ୱ ଦେବାକୁ କୁଣ୍ଠିତ। ସର୍ବଦା ଗୋଷ୍ଠୀ ଓ ଦଳରେ ଆମେ ଆଜି ବିଭାଜିତ। ଦୀର୍ଘବର୍ଷ ଧରି ପ୍ରବଚନ ଶୁଣି ଶୁଣି ଆମେ ହାଲିଆ। ଦରଦୀ ପ୍ରାଣ ନେଇ ମନ ଖୋଲା କଥା କହି ଲୋକଙ୍କ ସୁଖ ଓ ଦୁଃଖର ଭାଗୀ ହୋଇ ହାତକୁ ହାତ ମିଳାଇ ଚାଲିବାର ବେଳ ଆସିଛି। ଏହାକୁ ଅବହେଳା କଲେ ଆମର ଆସନ୍ତା ପିଢ଼ୀ ଆମକୁ କ୍ଷମା ଦେବନାହିଁ।

*ମୋ-୯୪୩୯୫୪୧୫୧୫*

ଆମ ଠିକଣା
ଏକମାତ୍ର
ସମ୍ପାଦନା କାର୍ଯ୍ୟାଳୟ
ଏଚଆଇଜି-୧୩୭,
ଧର୍ମବିହାର, ଖଣ୍ଡଗିରି
ଭୁବନେଶ୍ୱର-୩୦
ଦୂରଭାଷ :
୦୮୭୬୩୩୬୮୦୨୯
୦୭୦୦୮୩୪୦୩୮୯



**କ୍ଷୀରୋଦ ଦାସ**
ମୋ : ୯୪୩୭୧୬୩୦୦୨
ମେଲ୍: khirod65@gmail.com

# ବେଦନାର ବେଦ (୨୭)



ଧାରାବାହିକ ଉପନ୍ୟାସ

**ମାଟିମନସ୍କ, କଥକତା, ସ୍ମୃତିସଜଳ କାହାଣୀ ଚମତ୍କାର ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଅପୂର୍ବ ଉପମାଯୁକ୍ତ ଭାଷାବିନ୍ୟାସ ତଥା ଗାଳ୍ପିକ କ୍ଷୀରୋଦୀୟ ଶୈଳୀରେ ଲିଖିତ ଅଗଣିତ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ। ପ୍ରାୟ ୧୪ଖଣ୍ଡ ଗଳ୍ପ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ପଡୁଥିବା ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଏବଂ ଆଞ୍ଜୁଳା ଆଞ୍ଜୁଳା ଆହାପଣ।**

ଚକ୍ରଧର ନୀରବ ହୋଇଗଲା। ପାହାଡ ଓଜନର ଚିନ୍ତାର ବୋଝତଳେ ବୋଧହୁଏ ଚାପି ହୋଇଗଲା। ସେ ଭୁଲି ଯାଉଥିଲା ନିଜର ସ୍ଥିତି। ସେ ଭୁଲି ଯାଉଥିଲା ନିଜର କର୍ତ୍ତବ୍ୟ। ତା'ର ଆଉ କିଛି ଚିନ୍ତା କରିବାକୁ ଇଚ୍ଛା ହେଉ ନଥିଲା। ତା'ପାଖରେ ଚିନ୍ତା କରିବା ପାଇଁ କିଛି ଖୋରାକ୍ ହିଁ ନଥିଲା। ସେ ସମ୍ପୂର୍ଣ୍ଣ ଶୂନ୍ୟ, ଅନ୍ତଃସାରଶୂନ୍ୟ ହୋଇ ବସିରହିଥିଲା ଗୋଟିଏ ସ୍ଥାନରେ।

ତା'କାନରେ ବାଜିଲା ଗୋଟାଏ ଶବ୍ଦ। ସୁଁ ସୁଁ କାନ୍ଦଣାର ଶବ୍ଦ। ଚମ୍ପା କାନ୍ଦୁଥିଲା। ସତେକି ତା'ପାଇଁ କାନ୍ଦ ହିଁ ସବୁ ସମସ୍ୟା ସମାଧାନର ଏକମାତ୍ର ଉପାୟ।

ଚକ୍ରଧର ଶୁଣିଲା। କିଛି କରିପାରିଲାନି। କିଛି କରିପାରିବାର ଉପାୟ ତାକୁ ଜଣା ନଥିଲା ସେଇ ମୁହୂର୍ତ୍ତରେ।

"ତମେ ଯାଅ! ଚମ୍ପା କହିଲା - "ଏଇ ସଙ୍ଗେ ସଙ୍ଗେ ପଳାଇ ଯାଅ ଗାଁ'କୁ। ସେଠି ଜମି ବିକ କି ଘରଡିହ ବିକ, ଯାହା କରୁଛ କର। କାଲି ସକାଳୁ ଯେଉଁଠି ଯେମିତି ହେଲେ ଟଙ୍କା ଧରି ଆସିବ। ଏମାନେ ମଣିଷ ନୁହଁନ୍ତି। ଶଇତାନ, ଜହ୍ଲାଦ। ଟଙ୍କା ନପାଇଲେ ମୋ ପୁଅର କ'ଣ ନାଇଁ କ'ଣ କରିପକାଇବେ। ଏଇଟା ଗୋଟାଏ ନର୍କ। ଏଠୁ ଯେତେ ଶୀଘ୍ର ମୁକ୍ତି ମିଳିବ, ସେତେ ମଙ୍ଗଳ। ଯେତେ ଶୀଘ୍ର ପାରୁଛ, ତୁମେ ଚାଲିଯାଅ....।

ଚମ୍ପାର କାନ୍ଦ ବନ୍ଦ ହେଉନଥିଲା।

"ସଂଧ୍ୟା ହୋଇଗଲାଣି ଆସି। ଏବେ କ'ଣ ଆଉ ବସ୍ କି ଟ୍ରେନ୍ ଧରିହେବ? କାଲି ସକାଳୁ ସକାଳୁ ଗଲେ ହେବନି!" - ଚକ୍ରଧର ଯେମିତି ଅଳି କରୁଥିଲା ନିଜ ସ୍ତ୍ରୀ ପାଖରେ!

ସେ ଜାଣେ, ଏଠୁ ଶହେ କିଲୋମିଟର ଦୂର ଏକ ଅନ୍ଧାରୁଆ ଗାଁରେ, ଏବେ ଆକାଶ ଆଡ଼କୁ ଭୋକିଲା ଆଁ'ଟିଏ କରି ନିଃସଙ୍ଗ ଭାବରେ ଠିଆ ହୋଇଥିବ ତା' ନଡ଼ାଛପର ଘର। ଘର ଭିତରେ ଗୋଟାଏ ପୁରୁଣାକାଳିଆ କାଠ ଆଲ୍ମିରା, କେଁ କଟର ଆର୍ତ୍ତନାଦ କରୁଥିବା ଗୋଟେ ଭଙ୍ଗା ଖଟ, ଦି'ତିନି ପଟ ସିଲ୍ଭର ବାସନକୁସନ, ଦି'ଟା ଧାନ ଓଳିଆ, ତିନି ଚାରି ଗଉଣୀ ଉଷୁନା ଚାଉଳ, ଗଉଣେ ଦି'ଗଉଣି ମୁଗ, ବାଡିଘର ଅଗଣାରେ ଟଙ୍ଗା ଯାଇଥିବା ଲଙ୍ଗଳ ଓ ଜୁଆଳିକୁ ଛାଡ଼ିଦେଲେ ଆଉ କିଛି ନଥିବ। ତା'ଭିତରୁ କେମିତି ମିଳିବ ଏବେ ବାରହଜାର ସାତଶହ ଟଙ୍କା? ସେତକ ଧରି କିଏ ଏବେ ତାକୁ ଅପେକ୍ଷା କରିଥିବ ସେଠି?

ଚକ୍ରଧରର ବିକଳ ମୁହଁକୁ ଦେଖି ଚମ୍ପା ମନରେ ଦୟା ଲାଗିଲା। ସେ ବି କ'ଣ ଜାଣିନାଇଁ ନିଜ ଘରର ପରିସ୍ଥିତି! ଯାହା ପାଇଁ ରାତି ପାହିଲେ ଆରମ୍ଭ ହୁଏ ପେଟପାଟଣାର କସରତ, ତା'ପାଇଁ କିଏ ସାଇତି ରଖିଥିବ ଏତେଗୁଡାଏ ଐଶ୍ୱର୍ଯ୍ୟ?

ସାରାରାତି କାହା ଆଖିକୁ ନିଦ ନଥିଲା। ନର୍ସିଂହୋମ ବାରଣ୍ଡାରେ ପଡିଥିବା ଲମ୍ବା ଚେୟାରଟା ଫାଙ୍କା ପଡିଥିଲେ ସୁଦ୍ଧା, ସେଥିରେ ଜଣେ ମରିଷ ମହା ଆରାମରେ ଶୋଇପାରିବାର ସମସ୍ତ ସମ୍ଭାବନା ଥିବା ସତ୍ତ୍ୱେ ଚକ୍ରଧର ସେଠି ସାରା ରାତି ବସି ରହିଥିଲା ଚୁପ୍‌ଚାପ୍। ତା'ମୁଣ୍ଡ ଭିତରେ ଲାଗିଯାଇଥିଲା ଅଦ୍ଭୁତ ଏକ ଚିନ୍ତା ଖେଳ। କେବେ ଶେଷ ହେଉନଥିବା ସେ ଚିନ୍ତାର ଜାଲରେ ମୁହୂର୍ତ୍ତକୁ ମୁହୂର୍ତ୍ତ ସେ ଅଧିକରୁ ଅଧିକ ଛନ୍ଦି ହୋଇ ପଡୁଥିଲା। ଯେତେ ଚିନ୍ତା କଲେ ମଧ୍ୟ, ଯେତେ ବାଡେଇ ଛାଟି ହେଲେ ମଧ ତାକୁ କିଛି ବୁଦ୍ଧିବାଟ ଦେଖାଯାଉ ନଥିଲା।

ରାତି ପାହି ସକାଳ ହେଲା। ନର୍ସିଂହେମ୍ ପଛପାଖ ଗଛ ଉହାଡରୁ ଶୁଭିଲା କାଉ, କୋଇଲର ରାବ। ସାରା ରାତି ଶୋଇନଥିଲା ଚମ୍ପା। ଭଲ କରି ଫର୍ଚ୍ଚା ନହେଉଣୁ ସେ ଡାକିଲା ଚକ୍ରଧରକୁ।

ଚକ୍ରଧର ବାହାରି ପଡିଲା ଗାଁ'କୁ। ଗଲାବେଳେ ଚମ୍ପାର କାନେ କାନେ କହିଗଲା- "ପୁଅ ଉପରେ ନଜର ରଖିଥିବୁ। ତାକୁ ଛାଡି ନିମିଷେ କୁଆଡ଼େ ଯିବୁନାଇଁ। ଡାକ୍ତର ଯଦି ସିଲେଇ ଖୋଲିବାକୁ ଆସନ୍ତି, କହିବୁ ସଂଧ୍ୟା ଭିତରେ ନିଶ୍ଚୟ ଟଙ୍କା ଦିଆଯିବ। ସଂଧ୍ୟା ପୂର୍ବରୁ ମୁଁ ଫେରିଆସିବି।"

କହିଲା ଏବଂ ଖଟିଆ ଉପରେ ଶୋଇଥିବା ପୁଅର ମୁଣ୍ଡକୁ ଟିକେ ଆଉଁସିଦେଇ ଏକମୁହାଁ ହୋଇ ଓହ୍ଲାଇଗଲା ଶିଡି ପାହାଚ ଦେଇ ତଳକୁ।

ଗେଟ୍ ପାଖ ପାନଦୋକାନ ପାଖରେ ପହଞ୍ଚି ଅନ୍ୟମନସ୍କ ହୋଇଗଲା ଚକ୍ରଧର। କୁଆଡକୁ ଯିବ ସେ? ଲକ୍ଷ ସ୍ଥଳକୁ ବାଟ କୁଆଡ଼େ? କିଛି ସ୍ଥିର କରିନପାରି ପାଖ ଦୋକାନରୁ ସେ ଟଙ୍କାକର ବିଡ଼ି କିଣିଲା। ଗୋଟାକରେ ନିଆଁ ଧରାଇ ଭସ୍ ଭସ୍ ଧୂଆଁ ଛାଡୁ ଛାଡୁ ଭାବିଲା - ବାରହଜାର ସାତଶହ ଟଙ୍କା। ଏତକ ଟଙ୍କା କ'ଣ ସେ ଗାଁ ଘରର କାଠ ସିନ୍ଧୁକ ଭିତରେ ଚାବି ପକାଇ ରଖିଦେଇ ଆସିଛି ଯେ ଯିବ, ସାଥେ ସାଥେ ସିନ୍ଧୁକ ଖୋଲି ଅଣ୍ଟାରେ ଖୋସି ଚାଲି ଆସିବ!

ଚକ୍ରଧର ଠିଆ ହୋଇଥିଲା ଗୋଟିଏ ସ୍ଥାନରେ। ତା'ପାଦ ଜମା ଆଗକୁ ପଡୁନଥିଲା। ତା'ପାଦ ବି ପଛକୁ ଫେରୁନଥିଲା। ସେ ସ୍ଥିର କରିପାରୁ ନଥିଲା ନିଜ ଗନ୍ତବ୍ୟସ୍ଥଳ। ସେ ସ୍ଥିର କରିପାରୁ ନଥିଲା ନିଜ କାର୍ଯ୍ୟପନ୍ଥା।

ବାର ହଜାର ସାତଶହ ଟଙ୍କା!!

କିଏ କିଣି ପକାଇବ ଏଇ ସାଙ୍ଗେ ସାଙ୍ଗେ ଘରଡ଼ିହକୁ? କିଏ କିଣି ପକାଇବ ଜୋରକୂଳିଆ ଚାରିଗୁଣ୍ଠ ଖାଲୁଆ ଜମିକୁ? ସେତକ ଚାଲିଯିବା ପରେ, ଏତେ ବଡ ସଂସାରରେ ସେ କେଉଁଠି ଥାପିବ ପାଦ? କେଉଁଠି ଗୁଞ୍ଜିବ ମୁଣ୍ଡ?

ନିଜ ଅଜାଣତରେ ସେ ଧୀରେ ଧୀରେ ଚାଲିବା ଆରମ୍ଭ କରି ଦେଇଥିଲା ଆଗକୁ। ଜଖମ ହୋଇଯାଇଥିଲା ତା'ମଗଜ। ପକ୍ଷାଘାତରେ ଆକ୍ରାନ୍ତ ହୋଇଯାଇଥିଲା ତା'ଚିନ୍ତାଶକ୍ତି। ସେ ଆଉ ଖଣ୍ଡେ ବିଡିରେ ନିଆଁ ଧରାଇଲା। ଧୂଆଁ ଛାଡ଼ିଲା ଏବଂ ଅନୁଭବ କଲା ଯେ ଧୂଆଁ ପରି ମିଳାଇ ଯାଇପାରୁନାଇଁ ତା'ଭିତରର ଦୁଃଖ, ଯନ୍ତ୍ରଣା ଓ ନୈରାଶ୍ୟ।

- ଏ ଚକ୍ରଧର........

ଅପରିଚିତ ଏ ସ୍ଥାନରେ ନିଜ ନାଁ ଶୁଣି ନିର୍ଘାତ ଚମକି ପଡିଲା ଚକ୍ରଧର। ଆଗପଛ, ବାମ-ଡାହାଣ ଚାରିଆଡକୁ ଆଖିରେ ଆଖିରେ ଅଣ୍ଡାଳି ପକାଇଲା। ଦେଖିଲାବେଳକୁ ବାମ ପାଖ ଗୋଟାଏ ଚା'ଦୋକାନ ପାଖରେ ଠିଆ ହୋଇଛନ୍ତି କମଳା ଦିଦି। ଠିଆ ହୋଇଛନ୍ତି ଓ ତାକୁ ହାତଠାରି ପାଖକୁ ଡାକୁଛନ୍ତି। ଚକ୍ରଧର ଆହୁରି ପାଖକୁ ଚାଲିଯାଇ ତାଙ୍କୁ ନିରେଖି ଚାହିଁଲା। ବିଶ୍ୱାସ କରିପାରିଲା ନାଇଁ ନିଜ ଆଖିକୁ। ସତରେ କ'ଣ ଇଏ କମଳା ଦିଦି?

ହଁ କମଳା ଦିଦି ତ!

ପାଖକୁ ଯାଇ ଚକ୍ରଧର ତାକୁ ନମସ୍କାର କଲା।

ସକାଳୁ ସକାଳୁ କୁଆଡେ ବାହାରିଛ କି ଚକ୍ରଧର? ତମେ ଏପର୍ଯ୍ୟନ୍ତ ଗାଁକୁ ଯାଇନାହଁ କି? ତୁମ ପୁଅ ଦେହ ଭଲ ଅଛି ଟି! ଆଗ୍ରହ ଓ ସ୍ନେହର ସହିତ ପଚାରିଲେ କମଳାଦିଦି ଓ ଯୋଗକଲେ- "ଚା' ପିଇବ କି?"

ଆହା, କେତେ ମଧୁର ଶୁଭୁଚି କମଳା ଦିଦିଙ୍କ ଏଇ କଥା ଦୁଇପଦ! ଅଥଳ ସମୁଦ୍ରର ଅକାତକାତ ପାଣି ଭିତରେ ଉବୁଟୁବୁ ହୋଇ ଅଣନିଶ୍ୱାସୀ ହୋଇପଡୁଥିବା ମଣିଷଟିକୁ ମିଳିଗଲା କି ଡଙ୍ଗାଟିଏ! ଆବେଗରେ ଅତିଶଯ୍ୟରେ ଚକ୍ରଧରର କାନ୍ଦି ପକାଇବାକୁ ଇଚ୍ଛା ହେଲା। ସେ ହଠାତ୍ କିଛି କହିପାରିଲା ନାହିଁ।

ସେ ଯେ ବଡ଼ ଦୁଃସ୍ଥିତିରେ ଅଛି, ତା' ଥମ୍ ଥମ୍ କାନ୍ଦୁରା ମୁହଁକୁ ଚାହିଁ ଅନୁମାନ କରିନେଲେ କମଳା ଦିଦି। ଚକ୍ରଧରର ଦୁଃଖ ସଂକ୍ରମିତ ହୋଇଗଲା ତାଙ୍କ ମୁହଁକୁ। ଭାରୀ ଗଳାରେ ସେ କହିଲେ - "ତୁମକୁ କ'ଣ ଏ ସଂସାରରେ ଅନ୍ୟ କୌଣସି ଡାକ୍ତରଖାନା କି ନର୍ସିଂହୋମ୍ ମିଳିଲା ନାଇଁ ଯେ ତମେ ଏ ନର୍ସିଂହୋମ୍‌କୁ ଆସୁଥିଲ? କାହିଁକି ଆସୁଥିଲ ଏଠିକି?"

'ସଞ୍ଜୟ!!' - କମଳା ଦିଦିଙ୍କ କଣ୍ଠରେ ଅନେକ ଘୃଣା ଓ କ୍ରୋଧ ଭରି ରହିଥିଲା ଏ ନାମଟି ଉଚ୍ଚାରଣ କଲାବେଳେ। ତାଙ୍କ ମୁହଁ ବିକୃତ ଦେଖାଗଲା।

*କ୍ରମଶଃ...*

# ମାଟି



**କମଳ କୁମାର ମହାନ୍ତି**

ଅସରନ୍ତି ବର୍ଣ୍ଣନାରେ ଅଙ୍କା ହୋଇଥିବ
ମାଟିର ଚିତ୍ର
ଆଦିଗନ୍ତ ଲମ୍ବିଥିବ ତା'ର
କାନି ପଣତ।

କାନିତଳେ ଥିପି ପଡିଥିବ
ଅନାବିଳ ବାତ୍ସଲ୍ୟର ଲୁହ
ଦେଉଳ ଭିତରେ ଯେମିତି
ଦେବତାର ଅଦେଖା ଆଶୀର୍ବାଦ।

କେତେ ଯେ ସୁରିଲା ଚମ୍ପୁ
ଲୟ ଖୋଜିଥିବ ତା'ଗିରିବନ ଲତା
ନଈତଟ ଧାର
କେତେ ଯେ ଅସରା କାବ୍ୟର ଭଣତି
ଫିଟାଇ ଦେଇଥିବ ମମତାର ମାଟିଚୁଲିରେ
ତା'ଭୋକ ଆଉ ଭାତହାଣ୍ଡିର ଗୁମର।

ସବୁରି ମୁହଁରେ ଯିଏ ଭରିଦେଇଥିବ
ମହୁମୋହ
ତା'ଆଖିରେ ଆଜି
ଲୁହ ଅନର୍ଗଳ
କାନିତଳେ ନିଆଁକୁ ସାଇତି
ହସୁଥିବ ସେ ଦିଗଙ୍ଗନା ପରି
ସୂର୍ଯ୍ୟ ଚନ୍ଦ୍ର ଉଇଁ ପୁଣି ଅସ୍ତ ଯାଉଥିବେ
ସେ କିନ୍ତୁ ଚେଇଁ ରହିଥିବ
ଅନନ୍ତ ସମୟ
ସାଇତି ନେବାକୁ ଆମ
ସ୍ତନଂଧୟ ଆବେଗ।

ଈଶ୍ୱର ତ ଅର୍ପିଥିଲେ ତାକୁ
ଗୋଟିଏ ମହିମାର୍ଣ୍ଣବ ରୂପ
ଆଜି ତା'କୁ ଭାଙ୍ଗି ଗଢ଼ି ନୂଆକରି
ସଜାଇ ଦେବାରେ ବିତିଯାଏ ଯେତେ
ଯୋଜନା, ଅର୍ଥ,ଅନୁକମ୍ପା
ସବୁ ହେଉଥିବ ମିଛ
ଆମ ଛଦ୍ମବେଶ ଖସିପଡିବା ଆଗରୁ
ସେ ବରଂ ତାଙ୍କ ଦେଇଥିବ
ତା'ର ଛିଣ୍ଡା ପଣତ।

*ଆରସା, ଭଦ୍ରକ*
*ମୋ-୯୪୩୯୦୪୭୨୮୩*

# କୁନାବାପାଙ୍କ କୁନିକଥା ୧୦



କୁନା ଏବେ ସ୍କୁଲ ଯାଉଛି ନୂଆ ନୂଆ। ଏବର୍ଷ ସ୍କୁଲ ବହି ଭିତରେ ଓଡ଼ିଆ ବହିଟିଏ ଦେଖି କୁନା ବାପାଙ୍କର ଖୁସି କହିଲେ ନସରେ। ଓଡ଼ିଆ ମାଧ୍ୟମରେ ତ ଏତେ ଛୋଟ ପିଲାଙ୍କୁ ନିଅନ୍ତିନି। ତେଣୁ ଘରପାଖ ନର୍ସରୀ ସ୍କୁଲରେ ପଢ଼ା ଆରମ୍ଭ କରିଛି। ସ୍କୁଲର ପୋଷାକ ସାଙ୍ଗକୁ ଜୋତା ଓ କାନ୍ଧରେ ବ୍ୟାଗ ଦେଖି, ବେଳେ ବେଳେ କୁନାବାପା ତାଙ୍କ ପିଲାଦିନ କଥା ମନେପକାନ୍ତି। ସ୍କୁଲର ପାଠପଢ଼ା, ସାଙ୍ଗସାଥି ପୂଜାପର୍ବ, ଆଉ ଛୁଟିଦିନେ ମାମୁଁଘର ଗାଁ ବୁଲା। ପିଲାଦିନର କଥା ନିଆରା।

ଏଇ ଗଲାକାଲି କଥା। କୁନା ସ୍କୁଲରୁ ଘରକୁ ଆସିଲା ପରେ, କୁନାବୋଉ ସ୍କୁଲରୁ ଘରପାଠ କ'ଣ ଦେଇଛନ୍ତି ଦେଖୁ ଦେଖୁ ଦୈନନ୍ଦିନ ଉପରେ ନଜର ପକାଇଲେ। ଆସନ୍ତା ମାସରେ ଗଣେଶ ପୂଜା, ତେଣୁ ପୂଜା ଚାନ୍ଦା ବାବଦକୁ କିଛି ଟଙ୍କା ଦାଖଲ କରିବାର ସୂଚନା। ମନେ ମନେ ଭାବିଲେ ଗଣେଶ ପୂଜାରୁ ପାର୍ବଣ ଋତୁ ଆରମ୍ଭ। ନୂଆ ପୋଷାକ, ବୁଲାବୁଲି ଖର୍ଚ୍ଚ ଆଉ ପୂଜା ପାଇଁ ବିଭିନ୍ନ କମିଟି ମାନଙ୍କର ଚାନ୍ଦା ବାବଦ ଖର୍ଚ୍ଚରେ ମାସିକିଆ ବଜେଟ୍ ବଢ଼ିଯିବ। ଭାବିଲେ ସିନା, ହେଲେ ଅପେକ୍ଷା କଲେ, କୁନାବାପାଙ୍କ ଘରବାହୁଡାକୁ। କୁନାକୁ ଦ୍ୱିପହରରେ ଶୁଆଇ ଦେଇ ଚିଠା ପ୍ରସ୍ତୁତ କଲେ। ଓଡ଼ିଆ ପଞ୍ଜିକାରୁ ତାରିଖ ଦେଖି ଆଗକୁ ଆସୁଥିବା ପାର୍ବଣ ଋତୁର ତିନିମାସର ପୁରା ହିସାବ କଲେ। କେଉଁ ପୂଜା କମିଟି ଗଲାଥର କେତେ ଚାନ୍ଦା ନେଇଥିଲେ ଆଉ ଏବର୍ଷ ଜିଏସ୍‌ଟି ଯୋଗୁଁ ଆଉ କେତେ ଟଙ୍କା ଅଧିକ ଖର୍ଚ୍ଚ ହେବ, ତା'ର ମଧ କିଛି ଅନୁମାନ ଲଗେଇଲେ।

ସଂଧ୍ୟାରେ ଘରକୁ ଫେରି ଧୁଆଧୁଇ ହୋଇ ଆରାମ ଚେୟାରରେ ବସିବା ସମୟରେ କୁନାବାପା ଚା'ଜଳଖିଆ କଥା ପଚାରିବା ବେଳକୁ ସବୁ ରେଡି। କୁନାବୋଉ କୁନାବାପାଙ୍କୁ ଚା'ଜଳଖିଆ ସାଙ୍ଗରେ ଚିଠାଟିଏ ମଧ ଧରେଇଦେଲେ। କୁନାବାପା କହିଲେ, କ'ଣ ପରିବା, ସଉଦା କିଛି ସରିଗଲା କି? ଏ ଚିଠା କ'ଣ? କୁନା ବୋଉ ଆରମ୍ଭ କଲେ - ପାର୍ବଣ ଋତୁ ଆର ମାସରୁ ଆରମ୍ଭ ହେଉଛି। ଏସବୁ ପୂଜା ବାବଦ, ଘର ଖର୍ଚ୍ଚ, ବୁଲାବୁଲି ଖର୍ଚ୍ଚ ଆଉ ଚାନ୍ଦା ବାବାଦ କ'ଣ କେତେ ଦିଆହେବ ଏଇ ତା'ର ଚିଠା। ଫେଷ୍ଟିଭାଲ ଆଡଭାନ୍ସ ପାଇଁ ଆଗୁଆ ଆପ୍ଲାଏ କରିବାକୁ ମନେ ପକେଇ ଦେଉଛି। ଗଲାବର୍ଷ ଗଣେଶ ପୂଜା, ଦଶହରା, ଲକ୍ଷ୍ମୀପୂଜା, କାଳୀପୂଜା, ସବୁ ପୂଜାରେ କେତେ କ୍ଲବ, ପାଣିବାଲା, ଲାଇନ୍ ବାଲା, ବିଏମ୍‌ସିର ଅଳିଆ ଉଠାବାଲା, ଖିଅର ବାଲା, ଇସ୍ତ୍ରୀବାଲା, ଏ ସମସ୍ତଙ୍କ ଖର୍ଚ୍ଚ ଲେଖିଛି। ଏବର୍ଷ ଅଧିକ କିଛି ମାଗିବେ ନିଶ୍ଚୟ। ଯୋଉତ ପୂଜା କରୁଛନ୍ତି, ରାତିସାରା ସୁଆଇ ଦେଉନାହାନ୍ତି। ଡିଜେ ବାଜା ବଜେଇ ଭଷାଣି କରି ମଦ ପିଇ ଉଲୁକୁମାତ୍ ହେଉଛନ୍ତି ଯେ, ଥାନା, କେସ୍ ଯାଏ କଥା ଯାଉଛି। କେବେ ଏସବୁରୁ ନିସ୍ତାର ମିଳିବ କେଜାଣି? କୁନାବାପା ସବୁ ଶୁଣୁଥାନ୍ତି। ଶେଷରେ ସବୁ ଶୁଣି କିହଲେ, ଆହେ ଆମେପରା ଓଡ଼ିଆ। ଆମର ବାରମାସରେ ତେର ଯାତ। ଆଉ ଏଇ ପର୍ବଗୁଡାକତ' ଆମର ପରିଚୟ। ଆଗରୁ ତ ଏମିତି ଟିଭି ସିନେମା କିଛି ନଥିଲା। ତେଣୁ ଏଇ ପୂଜା ପର୍ବରେ ସମସ୍ତେ ଏକାଠି ହୋଇ ଖୁସିମଜା କରୁଥିଲେ। ତେଣୁ ଏ ପରମ୍ପରାକୁ ଆଗକୁ ବଢ଼େଇ ନେବା ଆମ କାମ। ହଁ ଆଧୁନିକତା ହେତୁ କିଛି ବ୍ୟତିକ୍ରମ ହେଉଛି। ତେବେ ତୁମେ ଆମ ପରମ୍ପରାର ମାଧୁର୍ଯ୍ୟକୁ ଉପଭୋଗ କର। ତାରି ଭିତରେ ଆମେ ଆମ ଓଡ଼ିଆତ୍ୱକୁ ବଜାୟ ରଖିବା। ଆଉ ବ୍ୟତିକ୍ରମ ତ ନିଶ୍ଚୟ ରହିବ। ତାକୁ ଦେଖିଲେ କ'ଣ ହେବ। ଏଇ ପୂଜା ପାର୍ବଣରେ ଜଣାପଡୁଛି ଆମ କଲୋନୀରେ କେତେ ଭଲ କଳାକାର ଅଛନ୍ତି। ଆଉ ରହିଲା ଖର୍ଚ୍ଚ କଥା। ସବୁ ବୃହତ୍ତର କାର୍ଯ୍ୟରେ ନିଜର ସହଭାଗୀତା ରହିବା ନିତାନ୍ତ ଆବଶ୍ୟକ। ସମାଜର ରୀତିନୀତିରେ ଚଳିବା ହିଁ ପ୍ରକୃତ ସାମାଜିକ ପ୍ରାଣୀ, ମାନେ ମନୁଷ୍ୟର କର୍ତ୍ତବ୍ୟ। ଆମେବି ତ ଏସବୁ ପର୍ବକୁ ଦେଖି ଓ ବିଭିନ୍ନ କାର୍ଯ୍ୟକ୍ରମକୁ ଉପଭୋଗ କରୁଛେ ନାଁ।

**ସର୍ବେ ଭବନ୍ତୁ ସୁଖିନଃ।**

**- ଶାରଦା ପ୍ରସାଦ ମହାପାତ୍ର**

# ଖରା ମେଘ ଢୁଲେ



**ଆଶିଷ କୁମାର ମିଶ୍ର**

ନିଲମ୍ କଲେଜ ଗଲା ଦିନଠୁ
ଆଜି ପ୍ରଥମଥର ଫୋନ୍ କରିଥିଲା।
କହିଲା-
ବର୍ଷା ମାସ ବେଶୀ ଭିଜିବନି
ଥଣ୍ଡା ଧରିବ,
ସେ ଗଲାପରେ ତ ମୋର ଜୀବନରେ
ଗୋଟିଏ ମାତ୍ର ଋତୁ
ଆଉ ମୁଁ ଭିଜୁଛି ଅହରହ ଲୁହର ବର୍ଷାରେ!

ସେ ବହୁତ ଭଲପାଏ ବର୍ଷାରେ ଭିଜିବାକୁ
ସ୍କୁଲ ଗଲାବେଳେ ଅଚାନକ୍ ବର୍ଷାହେଲେ
ତା'ଗୋଲାପୀ ରଙ୍ଗର ଛତାକୁ ତଳେ ଥୋଇଦେଇ
ମତେ ଟାଣି ନିଏ,
ଦୁଇ ହାତ ମେଲି ଭିଜେ
ନିର୍ଧୁମ ଭିଜେ,
ଆଉ ମତେ ଚୁପ୍ କିନା କହେ
ବୋଉକୁ କହିବନି ଜାଣିଲେ ପାଟି କରିବ।

ଗାଁ ମୁଣ୍ଡ ନାଳରେ ଡଙ୍ଗା ଭସେଇବା ବେଳେ
ବୋଉ ଆସନ୍ତି
କାନ ମୋଡ଼ି
ତା' ଦେହରେ ଗୋଳିଆ ପାଣି ଯାଏନା ବୋଲି
ଗାଳି କରି ହାତ ଧରି ଟାଣି ନିଅନ୍ତି ତା'କୁ
କିନ୍ତୁ
ସେ ଏକଲୟରେ ଅନେଇଥାଏ ମତେ
ଆଖିକୁ ଦେଖି ମୁଁ ଠିକ୍ ବୁଝିପାରେ
ତା'ମନରେ କ'ଣ ବିତୁଥାଏ।

ମନେ ନାହିଁ କେତେଥର ବନ୍ଧା ପଡ଼ିଛି
ତା' ପାଖରେ,
ଅଧା ଖରା ଅଧା ବର୍ଷା ହେଲେ
ସେ ଡେଇଁ ଡେଇଁ, ତାଳିମାରି, ହସିହସି କହେ
'ଖରା ମେଘ ଢୁଲେ'
ତମେ ହାରିଗଲ
ମତେ ସୁଝେଇବ କେବେ?
ହେଲେ ସିଏ କେମିତି ଜାଣିବ
ତା'ପାଖରେ ହାରିବା ବି ଗୋଟେ ଭାଗ୍ୟ!

ତେଲଣ୍ଡା, ସୁବର୍ଣ୍ଣପୁର
ମୋ : ୮୦୧୮୯୯୯୬୨୫



# ଈଶ୍ୱର

**ବାସନ୍ତୀଲତା ଦାଶ**

ଈଶ୍ୱରଙ୍କୁ ଟିକେ ଦେଖିବା ପାଇଁ
ମନରେ ଏତେ ଯେ ଭାବୁଛ କାଇଁ?
ସୁନୀଳ ଗଗନେ ଦେଖନା ଚାହିଁ
ପ୍ରଭାତେ ସୂରୁଜ ଆସନ୍ତି ଉଇଁ।

ରାତି ଆକାଶରେ ଚନ୍ଦ୍ର ଓ ତାରା
ଇନ୍ଦ୍ରଙ୍କର ପୁଣି ବରଷା ଧାରା।
ପବନ ଦେବଙ୍କ ପବନ ପାଇଁ
ଚାତକ ପରାଏ ରହିଥା' ଚାହିଁ।
ଅଗ୍ନି ଦେବଙ୍କର ଅମିତ ତେଜ
ଧରଣୀ ମାଆର ଧୈର୍ଯ୍ୟକୁ ହେଜ।

ସମୁନ୍ଦର ପୁଣି ନଦୀ ଓ ନାଳ
ବହିଯାଏ ଯହିଁ ଜୀବନ ଜଳ।
ବୃକ୍ଷ ଦେବତାଙ୍କ ଅସୀମ ଦାନ
ଫଳ ମୂଳ ଖାଇ ଗଢ଼ ଜୀବନ।
ବସୁଧା ଦେବୀଙ୍କ ଦେଖି ଶକତି
ମନରେ କି ତୁମେ ପାରୁନ ଚିନ୍ତି।
ଭକ୍ତିଭାବେ ପୂଜ ଏହି ଦେବଙ୍କୁ
ସୁଫଳ ମିଳିବ କାଳ କାଳକୁ।

*ପ୍ଲଟ-୪୨୩୩*
*ବଡଗଡ, ଭୁବନେଶ୍ୱର*

# ନଈପାଣି



**ଯୋଗେନ୍ଦ୍ର କୁମାର ନାୟକ**

ନଈପାଣିକୁ ଭରସା ନାଇଁ
ବିଜ୍ଞ ଲୋକେ ଇ ଜାଣନ୍ତି
କେବେ ଉପର ମୁଣ୍ଡରେ ବର୍ଷାହୁଏ
କେବେ ଉଚ୍ଛୁଳା ନଈ କୂଳ ଖାଇ ଖାଇ ଯାଏ।

ଛାତିଏ ପାଣିର ଉନ୍ମାଦରେ
ଲହଡି ଭାଙ୍ଗୁଥିବା ଲୋକକି ଜାଣିପାରେ
ତା'ମାଧୁର୍ଯ୍ୟମୟ ଇଲାକାରେ
କେବେ ସ୍ରୋତହୁଏ ପ୍ରଖର
କେବେ ଭଉଁରୀ ରଚେ
ଉଦଣ୍ଡ ଶୃଙ୍ଗାର।

ପାଣିର ପ୍ରତିଟି ଲହର ଭିତରେ
ଲୁଚିଥାଏ ମୃତ୍ୟୁର ସିତ୍କାର
ଖଣ୍ଡିଉଡ଼ା ମାରୁଥିବା ପକ୍ଷୀକି ଜାଣିପାରେ
ଜଳଠୁ ଆକାଶ କେତେଦୂର
ଡାହାଣା ପ୍ରେମକି ବୁଝେ
ନିରିହ ଛାତିଲାଗି ପାପ
କେଡ଼େ ସାତପର।

ଆତ୍ମବିଶ୍ୱାସ ନ ଥିବା ଛାତିର
ପାଣି ମଝିରେ ଘର
କେବେ କେବେ ଜହ୍ନ ଛାଇରେ
ଜଳଜଳ ଦିଶେ ସତେଜ ଜୀବନ
କେବେ କେବେ ଉବୁଟୁବୁ ହୁଏ
ଜହ୍ନ ଓଠରେ ଲାଗିଥିବା କଳଙ୍କିତ ଯୌବନ।

ପାହାଡ ପରିକା ଛାତି ଉପରେ
କେବେଠୁ ହୁଏତ ବହି ଗଲାଣି
ଜୁଆରିଆ ନଈଟିଏ
ତା କଳକଳ ନାଦରେ
ତା ବନ୍ୟାର ଘୋ ଘୋ ଶବ୍ଦରେ
ଛାତି ଯେତିକି ପରିପୁଷ୍ଟ
ଛାତି ସହିନିଏ ସେତେ ସେତେ ବଜ୍ରାଘାତ।

ପ୍ଲଟ୍ ନଂ. ୩୬୯/୫, ବ୍ରହ୍ମେଶ୍ୱର କଲୋନୀ,
ଗଡ଼ଗୋପୀନାଥ ପ୍ରସାଦ, ଭୁବନେଶ୍ୱର- ୨୫
ମୋ : ୯୪୩୭୩୦୧୫୨୭

# ପରଝିଅ



**ରନିତା ସ୍ୱାଇଁ**

ଝିପ୍ ଝିପ୍ ବର୍ଷା ହେଉଛି ବୋଧେ। ବାଡି ପଟେ କଦଳୀ ପତ୍ର ଉପରେ... ଟୁପୁରୁ ଟୁପୁରୁ ବର୍ଷା ପାଣି ପଡି ଅନେକ ଚିତ୍ତାକର୍ଷ ଶବ୍ଦ ସୃଷ୍ଟି କରୁଛି...। ଆଃ କି ସୁନ୍ଦର ପରିବେଶ। ଶୋଇବା ଘରର ଝରକା ଖୋଲିଲା ସୋମା। ମେଘାଚ୍ଛନ୍ନ ଆକାଶ...ଶାନ୍ତ ସ୍ନିଗ୍ଧ ପୃଥିବୀ... ଚଗଲା ପବନଟା ଛୁଇଁ ଯାଉଥିଲା ସୋମାର ଦେହକୁ..। ଆତ୍ମବିଭୋର ହୋଇ ଉଠୁଥିଲା ସେ। ମାନସଙ୍କୁ ଅପେକ୍ଷା କରୁଥିଲେ ସୋମା। ସବୁଦିନ ଦ୍ୱିପ୍ରହରରେ ଘରକୁ ଖାଇବାକୁ ଆସନ୍ତି ମାନସ। କେଜାଣି ଆଜି ଏମିତି ପାଗରେ ଆସିବେ କି ନାହିଁ। ମାନସଙ୍କ କଥା ଭାବୁ ଭାବୁ ଅତୀତରେ ହଜି ଯାଇଥିଲେ ସୋମା। ଏମିତି ଏକ କୋହଲା ପାଗରେ ସୋମା ସହ ଭେଟ ହୋଇଥିଲା ମାନସର। ଦୁହେଁ ଦୁହିଁଙ୍କୁ ଭଲ ପାଇ ବସିଥିଲେ। ସୋମାର ବାପା ନଥିଲେ। ଘରେ ମା' ଆଉ ଭାଇ ଭଉଣୀ। କାଳେ ମାନସ କଥା ଜାଣିଲେ ମା' କ'ଣ କହିବେ। ସାହି ପଡୋଶୀ କ'ଣ ଭାବିବେ ଏମିତି ଭାବି ବିଚଳିତ ହେଉଥିଲେ ସୋମା। ଅନେକ ଜାଗାରୁ ବିବାହ ପ୍ରସ୍ତାବ ଆସୁଥିଲା ସୋମାର। ଦିନେ ସୋମା ସାହସ ବାନ୍ଧି ମାନସଙ୍କ କଥା କହିଥିଲେ ମା'ଙ୍କୁ। ସହଜରେ କେହି ବି ରାଜି ହୋଇ ନଥିଲେ। ଅନେକ ଝଡ ଝଞ୍ଜା ଓ ବାଧା ବିଘ୍ନ ପରେ ବିବାହ ସ୍ଥିର ହୋଇଥିଲା। ଖୁସିରେ ଗୋଡ ତଳେ ଲାଗୁ ନଥିଲା ସୋମାର। ସତରେ ତାର ଗୋଟିଏ ପରିବାର ହେବ। ଏକ ସ୍ୱତନ୍ତ୍ର ପରିଚୟ ହେବ। ସ୍ୱପ୍ନର ସଂସାର ହେବ। ତା'ର ସିନା ବାପା ନାହିଁ କିନ୍ତୁ ଶ୍ୱଶୁରଙ୍କୁ ବାପା ରୂପେ ପାଇବ। ସ୍ୱାମୀ ମାନସ ତ ଦେବତା ପରି ମଣିଷ ଟିଏ। ଶାଶୁ, ଶ୍ୱଶୁର, ଯାଆ, ଦେଢ଼ଶୂର, ନଣନ୍ଦଙ୍କୁ ନେଇ ଭରପୁର ସଂସାର। ସମସ୍ତଙ୍କ ଠୁ ଅନେକ ସ୍ନେହ ପାଇବ। ସମସ୍ତଙ୍କର ସ୍ନେହର ପାତ୍ର ହେବ। ସେ ବି ସମସ୍ତଙ୍କୁ ଏତେ ଭଲ ପାଇବ ଯେ ଘରକୁ ସ୍ୱର୍ଗ କରିଦେବ। ଏମିତି କେତେ କ'ଣ ସ୍ୱପ୍ନ ଦେଖିଥିଲା ସୋମ। ଯୁଗଟିଏ ବିତିଗଲାଣି ବିବାହକୁ। ପିଲାମାନେ ବି ବଡ ହୋଇ ନିଜ ଗୋଡରେ ଠିଆ ହେଲେଣି। ଚାଳ ଘରଟା ବଦଳି ଯାଇଛି। ସବୁ ପରିବର୍ତ୍ତନ ହୋଇଛି। କିନ୍ତୁ ସୋମା କ'ଣ.. ଏଘର ପାଇଁ ନିଜର ହୋଇପାରିଛି। ସତରେ କ'ଣ କାହା ହୃଦୟରେ ଘରଟିଏ କରି ପାରିଛି ସେ। କେବେ କର୍ତ୍ତବ୍ୟ କି ଦାୟିତ୍ୱରେ ତ ହେଳା କରିନି। ସମସ୍ତଙ୍କୁ ମନ ଭରି ଭଲ ପାଇଛି। ଅସରା ଅସରା ଲୁହ ଥାଇ ସମସ୍ତଙ୍କୁ ଖୁସି ଦେବାକୁ ଚେଷ୍ଟା କରିଛି। ତା'ହେଲେ ସମସ୍ତଙ୍କ ପାଇଁ କ'ଣ ସେ ଆଜି ବି ପର ଝିଅ?

ହଠାତ୍ ଶାଶୁଙ୍କ ଡାକରେ ଭାବନାରେ ପୂର୍ଣ୍ଣଚ୍ଛେଦ ପଡିଲା ସୋମାର। ତା'ର ମନେ ପଡି ଯାଇଥିଲା ଶାଶୁଙ୍କୁ ଔଷଧ ଦେବା କଥା। ବୋଉ ଏଇ ନିଅ ଔଷଧ ଖାଇଦିଅ। ଶାଶୁ କହିଲେ ରହ ମାନସ ଆସୁ। ତୁ ଠିକ୍ ଔଷଧ ଦେଉଛୁ କି ନାହିଁ। କଥା ଶୁଣି ଆଖି ଛଳ ଛଳ ହୋଇଗଲା ସୋମାର। କ'ଣ ମୋତେ ବିଶ୍ୱାସ ହେଉନି ବୋଉ? ମୁଁ କ'ଣ ଆପଣଙ୍କ ସେବାରେ କେବେ ଅବହେଳା କରିଛି। ତା'ହେଲେ ଏମିତି ସନ୍ଦେହ କାହିଁ।

ଥରୁଟିଏ ତ ମୋତେ ନିଜର ବୋଲି ଭାବି ଦେଖ। ମୁଁ ପର ଝିଅ ନୁହେଁ। ବୋଉ ଆପଣଙ୍କ ନିଜର ବୋହୂ। କାହିଁକି ଏମିତି ହୁଏ। ସବୁ ନିଜ ଲୋକମାନଙ୍କୁ ଛାଡି ଆସି ଝିଅଟି ଅନ୍ୟ ଘରକୁ ଆପଣାର ବୋଲି ଭାବେ। ନିଜର ସ୍ନେହ ପ୍ରେମ ଦେଇ ପରିବାରଟିକୁ ସ୍ୱର୍ଗପରି ସଜାଏ। ସମସ୍ତଙ୍କୁ ନିଜର କରେ ଆଉ ସବୁଦିନ ପରଝିଅ ହୋଇରହିଯାଏ। କଇଁ କଇଁ ହୋଇ କାନ୍ଦି ପକେଇଲା ସୋମା। ଆଉ କହିଲା.. ବୋଉ ମୁଁ ପର ଝିଅ ହୋଇ ରହିବାକୁ ଚାହେଁନା। ମୁଁ ସେଦିନକୁ ନିଶ୍ଚୟ ଅପେକ୍ଷା କରିବି, ଯେଉଁଦିନ ଏ ପର ଝିଅ ଆପଣଙ୍କ ଘର ବୋହୂ ହେବ।

**ପଟିଆ, ଭୁବନେଶ୍ୱର**

EKAMATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

ପରିକ୍ରମା




Bhubaneswar, 31st July - 06th August, 2017
ଭୁବନେଶ୍ୱର, ୩୧ ଜୁଲାଇ - ୦୬ ଅଗଷ୍ଟ, ୨୦୧୭

## ଅଭିମନ୍ୟୁ ସାହୁ ହତ୍ୟା ମାମଲା : ୪ ଦୋଷୀଙ୍କୁ ଆଜୀବନ ଜେଲ୍

**ଟିଟିଲାଗଡ଼ :** ୨୦୧୩ ମସିହାରେ ବହୁଚର୍ଚ୍ଚିତ ଟିଟିଲାଗଡ଼ ବିଧାୟିକା ଟୁକୁନି ସାହୁଙ୍କ ସ୍ୱାମୀ ତଥା ତତ୍କାଳୀନ ରାଜ୍ୟ ଯୁବବିଜେଡି ସଂପାଦକ ଅଭିମନ୍ୟୁ ସାହୁ ହତ୍ୟାକାଣ୍ଡର ରାୟ ଶୁକ୍ରବାର ପ୍ରକାଶ ପାଇଛି । ଟିଟିଲାଗଡ଼ର ଅତିରିକ୍ତ ଦୌରାଜଜ୍ ପ୍ରଶାନ୍ତ କୁମାର ଦାଶ ୪ଜଣ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରି ସେମାନଙ୍କୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି । ଗତ ୧୫ ତାରିଖରୁ ଏହି ମାମଲାର ଶୁଣାଣି ସରି ରାୟ ସଂରକ୍ଷିତ ଥିଲା । ଟିଟିଲାଗଡ଼ ଅତିରିକ୍ତ ଦୌରାଜଜ୍‌ଙ୍କ ଇଜଲାସରେ ଏହି ଲୋମହର୍ଷଣକାରୀ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଆଲୋକ ଦାସ, ଜଗଦୀଶ ବାଗ, ସନ୍ତୋଷ ରଣା ଓ ନରେଶ ସିଂଙ୍କୁ ଅଦାଲତ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହାବ୍ୟତୀତ ପ୍ରତ୍ୟେକ ଅଭିଯୁକ୍ତଙ୍କୁ ୨୦ ହଜାର ଟଙ୍କା ଲେଖାଏଁ ଅର୍ଥଦଣ୍ଡ କରାଯାଇଛି । ଜୋରିମାନା ଅନାଦେୟ ଅତିରିକ୍ତ ୧ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି । ତେବେ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗରେ ମୁଖ୍ୟ ଦୋଷୀ ଆଲୋକ ଦାସଙ୍କୁ ଅତିରିକ୍ତ ୫ ବର୍ଷ ଜେଲ୍ ଦଣ୍ଡାଦେଶ ଓ ୫୦୦୦ ଟଙ୍କା ଜୋରିମାନା ଅନାଦେୟ ଅତିରିକ୍ତ ୪ ମାସ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି । ଭାରତୀୟ ପିଙ୍ଗଳ କୋଡ୍ ଧାରା ୩୦୨ ଓ ୧୨୦(ଖ) ତଥା ୨୭ ଆର୍ମସ ଆକ୍ଟରେ ଏହି ଅଭିଯୁକ୍ତମାନଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି । ହତ୍ୟାକାଣ୍ଡର କେହି ପ୍ରତ୍ୟକ୍ଷଦର୍ଶୀ ନ ଥିବା ସ୍ଥଳେ କେବଳ ପାରିପାର୍ଶ୍ୱିକ ପରିସ୍ଥିତି, ହତ୍ୟାରେ ବ୍ୟବହୃତ ଅସ୍ତ୍ରରେ ଅଭିମନ୍ୟୁଙ୍କ ରକ୍ତଦାଗ ଥିବା ଫୋରେନସିକ ଯାଞ୍ଚରୁ ଜଣାପଡ଼ିଥିଲା । ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରାଇବାରେ ଏହା କ୍ରାଇମବ୍ରାଞ୍ଚକୁ ସହାୟକ ହୋଇଥିଲା ବୋଲି ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ସରକାରୀ ଓକିଲ ଧରଣୀଧର ନାୟକ କହିଛନ୍ତି । ସେ ଆହୁରି କହିଛନ୍ତି ଯେ ପ୍ରତ୍ୟେକ ହତ୍ୟାକାଣ୍ଡ ପଛରେ ଏକ ନିହିତ ଉଦ୍ଦେଶ୍ୟ ଓ ଷଡ଼ଯନ୍ତ୍ର ଦିଗ ଥାଏ । କିନ୍ତୁ ଏ କ୍ଷେତ୍ରରେ ଅଭିମନ୍ୟୁଙ୍କୁ ହତ୍ୟା କରାଯିବାର କାରଣ ଓ ତା'ପଛରେ ଆଉ କେଉଁମାନେ ଥିଲେ ତାହା ସବୁଦିନ ପାଇଁ ରହସ୍ୟ ହୋଇ ରହିଗଲା । ଅବଶ୍ୟ ଯଦି ଅଭିଯୋଗକାରୀ ପକ୍ଷ ଉଚ୍ଚ ଅଦାଲତକୁ ଯିବେ ଓ ଘଟଣାର ଅଧିକ ତଦନ୍ତ କରାଯିବ ତେବେ ହୁଏତ ଏହି ହତ୍ୟାକାଣ୍ଡ ପଛର ଉଦ୍ଦେଶ୍ୟ ଓ ଷଡ଼ଯନ୍ତ୍ର ଦିଗ ଉନ୍ମୋଚିତ ହୋଇପାରେ ବୋଲି ଶ୍ରୀ ନାୟକ କହିଛନ୍ତି । ଏହି ମାମଲାର ଶୁଣାଣି ଓ ବିଚାର ପ୍ରକ୍ରିୟାରେ କୋର୍ଟ ୩୩ ଜଣ ସାକ୍ଷୀଙ୍କ ସାକ୍ଷ୍ୟଗ୍ରହଣ ଓ ୪୪ଟି ତଥ୍ୟପ୍ରମାଣକୁ ଆଧାରକରି ରାୟ ଶୁଣାଇଥିବା ସରକାରୀ ଓକିଲ ଭବାନୀ ଶଙ୍କର ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

## ଶୂନ ସହନଶୀଳ ମନୋଭାବ ପୋଷଣ କର : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର :** ଦୁର୍ନୀତି ବିକାଶର ବଡ଼ ଶତ୍ରୁ । କୌଣସି ପରିସ୍ଥିତିରେ ଦୁର୍ନୀତିକୁ ବରଦାସ୍ତ କରାଯିବନାହିଁ । ଦୁର୍ନୀତି ଯୋଗୁଁ ଗରିବ ଲୋକ ଯେପରି ତା'ର ଅଧିକାରରୁ ବଞ୍ଚିତ ନହୁଏ ସେଥିପ୍ରତି ସତର୍କ ରହିବା ସହ ଏ କ୍ଷେତ୍ରରେ 'ଶୂନ ସହନଶୀଳ' (ଜିରୋ ଟଲରାନ୍ସ) ମନୋଭାବ ପୋଷଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସଚିବାଳୟ ଠାରେ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ସମାଜ କଲ୍ୟାଣ ଯୋଜନା କ୍ଷେତ୍ରରେ ଦୁର୍ନୀତି ସଂକ୍ରାନ୍ତ ଅଭିଯୋଗ ସଂକ୍ରାନ୍ତରେ ରାଜ୍ୟର ବରିଷ୍ଠ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି । ବିଶେଷଭାବରେ ଜନକଲ୍ୟାଣକାରୀ ଯୋଜନା କୁହାଯାଉଥିବା ଗ୍ରାମ୍ୟ ଗୃହ ନିର୍ମାଣ, ନିରାମୟ, ଜନନୀ ସୁରକ୍ଷା ଓ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟକ୍ରମ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଆଲୋଚନା କରିଛନ୍ତି । ଏହି ଯୋଜନାରେ କେଉଁଠି, କିପରି ଦୁର୍ନୀତି ହେଉଛି ସେ ସମ୍ପର୍କରେ ଅନୁଧ୍ୟାନ କରି ତତ୍କାଳ ପଦକ୍ଷେପ ଗ୍ରହଣ କରିବା ଏବଂ ଯେତେ ପ୍ରଭାବଶାଳୀ ବ୍ୟକ୍ତି ହେଲେ ମଧ୍ୟ ସେମାନଙ୍କ ବିରୋଧରେ କଠୋରରୁ କଠୋରତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହ ଦୁର୍ନୀତି ନିରାକରଣ ଓ ଲୋକଙ୍କୁ ସଚେତନ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବାକୁ ସେ ପରାମର୍ଶ ଦେଇଛନ୍ତି । ଏହି ଅବସରରେ ଭିଜିଲାନ୍ସ ମହାନିର୍ଦ୍ଦେଶକ ଡ଼. ଆର୍.ପି.ଶର୍ମା ଦୁର୍ନୀତି ରୋକିବା ନିମନ୍ତେ ନିର୍ଦ୍ଦିଷ୍ଟ କାର୍ଯ୍ୟଯୋଜନା ଉପସ୍ଥାପନ କରିଥିଲେ । କାର୍ଯ୍ୟକ୍ରମ ଅନୁଯାୟୀ ବ୍ଲକସ୍ତରରେ ସମସ୍ତ ପଞ୍ଚାୟତ ପ୍ରତିନିଧି, ସରକାରୀ କର୍ମଚାରୀମାନଙ୍କୁ ଦୁର୍ନୀତିର କୁପରିଣାମ ସମ୍ପର୍କରେ ନିୟମିତ ସଚେତନ କରାଯିବ । ଏଥିପାଇଁ ବ୍ଲକ, ଜିଲା ଓ ରାଜ୍ୟସ୍ତରରେ କମିଟି ଗଠନ କରାଯିବ । ଏହି କମିଟିଗୁଡ଼ିକରେ ସ୍ଥାନୀୟ ଭିଜିଲାନ୍ସ ଅଧିକାରୀମାନେ ସାମିଲ ହେବେ । ଆବଶ୍ୟକ ସ୍ଥଳେ ବ୍ଲକ ଓ ଜିଲାସ୍ତରୀୟ କମିଟି କ୍ଷେତ୍ର ପରିଦର୍ଶନ କରି ବିକାଶ ଓ କଲ୍ୟାଣ କାର୍ଯ୍ୟକ୍ରମର ସ୍ୱଚ୍ଛତା ତଦାରଖ କରିବେ । ଏହିସବୁ କମିଟି ନିୟମିତ ବୈଠକ କରି ବିଭିନ୍ନ କଲ୍ୟାଣ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଭିଜିଲାନ୍ସ ମୁଖ୍ୟାଳୟକୁ ରିପୋର୍ଟ ଦେବ । ଭିଜିଲାନ୍ସ ବିଭାଗ ଏସବୁ ରିପୋର୍ଟର ତର୍ଜମା କରି ସମ୍ପୃକ୍ତ ବିଭାଗଗୁଡ଼ିକୁ ଜଣାଇବ । ଦୁର୍ନୀତି ପ୍ରତିଷେଧକ କାର୍ଯ୍ୟକ୍ରମକୁ ତଦାରଖ ପାଇଁ ରାଜ୍ୟସ୍ତରରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଓଭରସାଇଟ କମିଟି ଗଠନ କରାଯିବ । ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ସୂଚନା ଅନୁସାରେ ଦୁର୍ନୀତି ରୋକିବା ନିମନ୍ତେ କଠୋର ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ଲୋକକଲ୍ୟାଣକାରୀ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରାଯିବା ସମୟରେ ଏହାର କାର୍ଯ୍ୟାନ୍ୱୟନ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯିବ ଏବଂ ଦୁର୍ନୀତିରେ ଜଡ଼ିତ ଥିବା ଜଣା ପଡ଼ିଲେ ଆଇନ ଅନୁସାରେ ତୁରନ୍ତ ପଦକ୍ଷେପ ନିଆଯିବ । ସେହିପରି ଭିଜିଲାନ୍ସ ଡ଼ିଜି ଡ଼. ଶର୍ମା କହିଛନ୍ତି ଗ୍ରାମ୍ୟ ଗୃହ ନିର୍ମାଣ କ୍ଷେତ୍ରରେ ଏ ପର୍ଯ୍ୟନ୍ତ ଭିଜିଲାନ୍ସ ବିଭାଗକୁ ୫୬୦ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ୧୯୭ଟି କ୍ଷେତ୍ରରେ ଅଚାନକ ଯାଞ୍ଚ କରାଯାଇଛି ଏବଂ ୩୮ଟି କ୍ଷେତ୍ରରେ ମୋକଦ୍ଦମା ଦାୟର କରାଯାଇଛି । ଭିଜିଲାନ୍ସ ବିଭାଗ ପକ୍ଷରୁ ୨୦ତାରିଖରେ ଟୋଲ ଫ୍ରି ନମ୍ବର ସ୍ଥାପନ କରାଯିବା ପରଠାରୁ ଏ ପର୍ଯ୍ୟନ୍ତ ୨୮୯ଟି ଅଭିଯୋଗ ହସ୍ତଗତ ହୋଇଛି । ଏହାମଧ୍ୟରୁ ଅଧିକାଂଶ ଗ୍ରାମୀଣ ବାସଗୃହ ସଂକ୍ରାନ୍ତ ଅଭିଯୋଗ ବୋଲି ସେ ଉଲ୍ଲେଖ କରି ଭୁବନେଶ୍ୱର, କଟକ, ବାଲେଶ୍ୱର, ସମ୍ବଲପୁର ଓ କୋରାପୁଟ ଆଦି ସ୍ଥାନଗୁଡ଼ିକରେ ଟୋଲ ଫ୍ରି ନମ୍ବର ରଖାଯାଇଛି ବୋଲି କହିଛନ୍ତି । ଏହି ବୈଠକରେ ଅନ୍ୟମାନଙ୍କ ମଧରେ ଉନ୍ନୟନ କମିଶନର ଆର୍.ବାଲାକ୍ରିଷ୍ଣନ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ରାଜେଶ ବର୍ମା । ପଞ୍ଚାୟତିରାଜ ସଚିବ ଡ଼ି.କେ.ସିଂହ, ସ୍ୱାସ୍ଥ୍ୟ ସଚିବ ଡ଼.ପ୍ରମୋଦ କୁମାର ମେହେର୍ଦା ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

## ଜଣେମାତ୍ର ଶିକ୍ଷକରେ ଚାଲିଛି ବୁଟିଆଗୁଡ଼ା ସ୍କୁଲ୍

**ଡାବୁଗାଁ :** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ପଞ୍ଚାୟତ ସମିତି ଅଧିନରେ ଅଞ୍ଚଳା ପଞ୍ଚାୟତର ବୁଟିଆଗୁଡା ପ୍ରାଥମିକ ବିଦ୍ୟାଳୟରେ ଜଣେ ମାତ୍ର ଶିକ୍ଷକ ନିଯୁକ୍ତି ହୋଇଥିବାରୁ ଛାତ୍ରଛାତ୍ରୀମାନଙ୍କ ପାଠପଢ଼ାରେ ବହୁବିଧ ସମସ୍ୟା ଦେଖାଦେଉଛି । ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀରେ ୫୯ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଦୀର୍ଘ ଏକବର୍ଷ ହେଲା ଜଣେ ମାତ୍ର ଶିକ୍ଷକ ଅଭିମନ୍ୟୁ ମାଝୀ ୫ଟି ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ପଢ଼ାଉଛନ୍ତି । ତେବେ ୫ଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ଜଣେ ଶିକ୍ଷକ ପଢ଼ାଇବା ଦ୍ୱାରା ବିଭିନ୍ନ ସମସ୍ୟା ଦେଖାଦେଉଛି । ସ୍କୁଲରେ ଅନ୍ୟଜଣେ ଶିକ୍ଷକଙ୍କୁ ନିଯୁକ୍ତ କରିବା ନିମନ୍ତେ ବିଭାଗୀୟ ଅଧିକାରୀ କର୍ଣ୍ଣପାତ କରୁନଥିବାରୁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଗତ କିଛିଦିନ ତଳେ ଡାବୁଗାଁ ବ୍ଲକର ପ୍ରାଥମିକ ଶିକ୍ଷକ ବଦଳି ତାଲିମ ପ୍ରକାଶ ପାଇଛି । କିନ୍ତୁ ବୁଟିଆଗୁଡା ସ୍କୁଲରେ କୌଣସି ଶିକ୍ଷକଙ୍କୁ ବଦଳି ହୋଇ ନଥିବା ଜାଣିବା ପରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଉକ୍ତ ବିଦ୍ୟାଳୟରେ ଜଣେ ମାତ୍ର ଶିକ୍ଷକ ଥିବା ବେଳେ ବିଭାଗୀୟ ଅଧିକାରୀ ଜାଣିଥିଲେ ହେଁ କିଭଳି ଅନ୍ୟଜଣେ ଶିକ୍ଷକଙ୍କୁ ବଦଳି କରାଗଲାନି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି । ଶୀଘ୍ର ଉକ୍ତ ବିଦ୍ୟାଳୟରେ ଅନ୍ୟଜଣେ ଶିକ୍ଷକଙ୍କୁ ନିଯୁକ୍ତି କରିବାକୁ ଅଭିଭାବକ ମହଲରେ ଦାବି ହେଉଛି ।

## 'ରଘୁ-ଦିବାକରଙ୍କ ଦେଶପ୍ରେମର ପଟ୍ଟାନ୍ତର ନାହିଁ'

**ଭୁବନେଶ୍ୱର :** ଶହୀଦ ରଘୁ-ଦିବାକର ସ୍ମୃତି ସଂସଦ ଓ ଓଡ଼ିଆ ସାପ୍ତାହିକ ସମ୍ବାଦପତ୍ର 'ରଣଭୂଇଁ' ପକ୍ଷରୁ ବରିଷ୍ଠ ସାମ୍ବାଦିକ ସୁଜ୍ଞାନ ଚୌଧୁରୀଙ୍କ ସଭାପତିତ୍ୱରେ ଶହୀଦ ରଘୁନାଥ ମହାନ୍ତିଙ୍କର ୧୦୮ତମ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟଅତିଥି ଭାବରେ ପୂର୍ବତନ ବାଚସ୍ପତି ଶରତ କୁମାର କର ଶହୀଦ ରଘୁ-ଦିବାକରଙ୍କ ଆତ୍ମ ବଳିଦାନ ସମ୍ପର୍କରେ କହିବା ସହ ସମାଜରେ ଯୁବ ସମାଜ ଶହୀଦ ରଘୁ-ଦିବାକରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ମତ ରଖିଥିଲେ । ମୁଖ୍ୟବକ୍ତା ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ବାମନ ପରିଡା ତାଙ୍କ ବକ୍ତବ୍ୟରେ ଶହୀଦ ରଘୁ-ଦିବାକରଙ୍କର ଦେଶପ୍ରେମର ପଟ୍ଟନ୍ତର ନାହିଁ ବୋଲି ମତବ୍ୟକ୍ତ କରିଥିଲେ । ଏଥିରେ କାଳିଚରଣ ସିଂ, ଗିରିଜା ଶଙ୍କର ମହାପାତ୍ର ଯୋଗଦେଇ ଶହୀଦ ରଘୁ-ଦିବାକରଙ୍କ ଜୀବନୀ ଉପରେ ବିସ୍ତୃତ ବିବରଣୀ ଆଲୋକପାତ କରିଥିଲେ । ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମାଜସେବୀ ସାଧନା ମିଶ୍ର, ସୁମିତ୍ରା ତ୍ରିପାଠୀ, ଲୋକନାଥ ଦାସ, ଶିକ୍ଷାବିତ୍ ଡ. ମିହିର ନାରାୟଣ ମହାନ୍ତି, ଯୁବ ବୈଜ୍ଞାନିକ ହେମନ୍ତ କୁମାର ପାଳ, ବିଶିଷ୍ଟ ସମାଜସେବୀ ଓ ସାହିତ୍ୟିକ ପ୍ରମୋଦ କୁମାର ପାତ୍ରଙ୍କୁ 'ସେବାଶ୍ରୀ ସମ୍ମାନ-୨୦୧୭' ସମ୍ମାନରେ ସମ୍ମାନିତ କରାଯାଇଥିଲା । ପରେ ବିପ୍ଳବୀ କବି କସ୍ତୁରୀ ଚରଣ ଦାସ ବିପ୍ଳବ କବିତା ଗାନ କରି ସମସ୍ତଙ୍କୁ ସ୍ତମ୍ଭିଭୂତ କରିଥିଲେ । ଶେଷରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ବ୍ରଜବନ୍ଧୁ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଚଳିତ ମାସ ସୁଦ୍ଧା ଗୋପାଳପୁର-ଦୀଘା ଉପକୂଳ ରାଜପଥ ସର୍ଭେ ରିପୋର୍ଟ

**ଭୁବନେଶ୍ୱର :** ପ୍ରାୟ ୫୦୦ କିଲୋମିଟର ଗୋପାଳପୁର-ଦୀଘା ଉପକୂଳ ରାଜପଥର ପ୍ରଥମ ପର୍ଯ୍ୟାୟ ସର୍ଭେ ରିପୋର୍ଟ ଚଳିତ ମାସ ସୁଦ୍ଧା ଉପଲବ୍ଧ ହେବା ଆଶା କରାଯାଉଛି । ଏହି ରିପୋର୍ଟ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ରାଜ୍ୟସଭାରେ ସୂଚନା ଦେଇଛନ୍ତି କେନ୍ଦ୍ର ସଡ଼କ ପରିବହନ, ରାଜପଥ ଏବଂ ସାର ରାଷ୍ଟ୍ରମନ୍ତ୍ରୀ ଏମ୍.ଏଲ୍.ମାଣ୍ଡଭୀୟ । ମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଉପକୂଳରେ ଜାତୀୟ ରାଜପଥ ନିର୍ମାଣ ପାଇଁ ଗତ ୨୦୧୫ ଜୁନ୍ ମାସରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା । ଏଥିପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡ଼ିପିଆର୍) ପ୍ରସ୍ତୁତ କରିବାକୁ ଦୁଇଟି ସଂସ୍ଥାକୁ ପରାମର୍ଶଦାତା ନିଯୁକ୍ତ କରାଯାଇଥିଲା । ପ୍ରଥମେ ଏହା ଛତ୍ରପୁର ଠାରୁ ରତନପୁର ପର୍ଯ୍ୟନ୍ତ ସର୍ଭେ ରିପୋର୍ଟ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା, ମାତ୍ର ପରବର୍ତ୍ତୀ ସମୟରେ ଏହାକୁ ଗୋପାଳପୁରଠାରୁ ରତନପୁର ପର୍ଯ୍ୟନ୍ତ ଡ଼ିପିଆର୍ ପ୍ରସ୍ତୁତ ପାଇଁ ଚୈତନ୍ୟ ପ୍ରୋଜେକ୍ଟ କନ୍‌ସଲଟାନ୍ସିକୁ ଦିଆଯାଇଛି । ସେହିପରି ରତନପୁରଠାରୁ ଦୀଘା ପର୍ଯ୍ୟନ୍ତ ଡ଼ିପିଆର ପ୍ରସ୍ତୁତ କରିବାକୁ ଆର୍.ବି.ଆସୋସିଏଟ୍ସ ପ୍ରାଇଭେଟ୍ ଲିଟ୍‌କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ୨୦୧୬ ଫେବୃଆରୀ ୧୧ ତାରିଖରୁ ସେମାନେ ସର୍ବେକ୍ଷଣ ଆରମ୍ଭ କରିଛନ୍ତି । ୨୦୧୬ ସେପ୍ଟେମ୍ବର ମାସରେ ରାଜ୍ୟ ସରକାରଙ୍କ ସହ ଏ ସଂକାନ୍ତରେ ବୈଠକ ଅନୁଷ୍ଠିତ ହୋଇଛି ଓ ଓଡ଼ିଶା ସରକାର ମଧ୍ୟ ଏହି ପ୍ରସ୍ତାବରେ ନୀତିଗତ ସହମତି ଦେଇଛନ୍ତି । ୨୦୧୬ ନଭେମ୍ବର ୨୪ ତାରିଖରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏ ସଂକ୍ରାନ୍ତରେ ପ୍ରସ୍ତାବକୁ ମଞ୍ଜୁରି ଦେଇଛନ୍ତି । ପରାମର୍ଶଦାତା କମ୍ପାନୀଙ୍କ ସୂଚନା ଅନୁସାରେ ନିର୍ଦ୍ଧାରିତ କ୍ଷେତ୍ରରେ ପ୍ରାରମ୍ଭିକ ସର୍ବେକ୍ଷଣ ଇତି ମଧ୍ୟରେ ଶେଷ ହୋଇଛି । ରତନପୁରଠାରୁ ଦୀଘା ପର୍ଯ୍ୟନ୍ତ ସର୍ବେକ୍ଷଣ ରିପୋର୍ଟ ସରକାରଙ୍କ ହସ୍ତଗତ ହୋଇଛି । ଗୋପାଳପୁର-ରତନପୁର ପର୍ଯ୍ୟନ୍ତ ସର୍ଭେ ରିପୋର୍ଟ ପ୍ରସ୍ତୁତ ଚାଲିଛି ଏବଂ ଚଳିତ ମାସରେ ଏହା ସରକାରଙ୍କ ହସ୍ତଗତ ହେବାର ଆଶା ଅଛି । ପ୍ରସ୍ତାବିତ ରାଜପଥ ପାଇଁ ସରକାରୀ ଜମି ବ୍ୟତୀତ ବିପୁଳ ପରିମାଣର ବେସରକାରୀ ଓ ଜଙ୍ଗଲ ଜମି ଅଧିଗ୍ରହଣର ଆବଶ୍ୟକତା ରହିଛି । ବିସ୍ତୃତ ପ୍ରକଳ୍ପ ରିପୋର୍ଟ ମଞ୍ଜୁରି ପାଇବା ପରେ ଜମି ଅଧିଗ୍ରହଣ ହେବ । ଜମି ଅଧିଗ୍ରହଣ କାର୍ଯ୍ୟ ୯୦% ଶେଷ ପରେ ଯାଇ ରାଜପଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ଶ୍ରୀ ମାଣ୍ଡଭୀୟ କହିଛନ୍ତି । ସୂଚନାଯୋଗ୍ୟ ଯେ ଏହି ରାଜପଥକୁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି । ପ୍ରଥମଟି ଛତ୍ରପୁରରୁ ରତନପୁର (୨୬୨ କିଲୋମିଟର) ଓ ରତନପୁରରୁ ଦୀଘା (୨୪୦ କିଲୋମିଟର)ରେ ୧୪ଟି ସେତୁ ନିର୍ମାଣ କରାଯିବ । ସୁବର୍ଣ୍ଣରେଖା, ପଞ୍ଚପଡ଼ା, ବୁଢ଼ାବଳଙ୍ଗ, ମତେଇ, ବୈତରଣୀ, ବ୍ରାହ୍ମଣୀ, ପାଟଶାଳା, ହଂସୁଆ, ମହାନଦୀ, ଦେବୀ, ପ୍ରାଚୀ ଆଦି ନଦୀ ସହ ଚିଲିକା ଉପରେ ୪ କିଲୋମିଟର ଦୈର୍ଘ୍ୟର ସେତୁ ନିର୍ମାଣ କରାଯିବ ବୋଲି ସୂଚନା ମିଳିଛି ।

## ପୀୟୁଷ ପଟ୍ଟନାୟକ ଜିଏସ୍‌ଟି, ସୀମାଶୁଳ୍କର ମୁଖ୍ୟ କମିଶନର

**ଭୁବନେଶ୍ୱର :** ଭୁବନେଶ୍ୱର ଜୋନ୍ ଜିଏସ୍‌ଟି ଓ ସୀମାସୁଳ୍କ ନୂଆ ମୁଖ୍ୟ କମିଶନର ଭାବେ ୧୯୪୮ ବ୍ୟାଚ୍ ଆଇଆର୍‌ଏସ୍ ଅଫିସର ପୀୟୁଷ ପଟ୍ଟନାୟକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଦେଶର ବିଭିନ୍ନ ସ୍ଥାନରେ ଉତ୍ପାଦ ଓ ସୀମାଶୁଳ୍କ ଅଧିକାରୀ ଭବେ କାର୍ଯ୍ୟ କରି ସେ ବହୁ ସୁନାମ ଅର୍ଜନ କରିଛନ୍ତି । ନିଜର ଉତ୍ସର୍ଗୀକୃତ କର୍ତ୍ତବ୍ୟନିଷ୍ଠା ପାଇଁ ସେ ରାଷ୍ଟ୍ରପତି ସ୍ୱର୍ଣ୍ଣପଦକ ମଧ୍ୟ ଲାଭ କରିଛନ୍ତି । ଏହା ପୂର୍ବରୁ ସେ ମୁମ୍ବାଇରେ ସେବାକର କମିଶନର ଭାବେ କାର୍ଯ୍ୟ କରୁଥିଲେ । ଶ୍ରୀ ପଟ୍ଟନାୟକ ହେଉଛନ୍ତି ଅବିଭକ୍ତ ପୁରୀ ଜିଲ୍ଲା ବାଣପୁର ନିକଟ ଖଜୁରିଆ ଗ୍ରାମର ଶିକ୍ଷକ ସ୍ୱର୍ଗତ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକଙ୍କ ପୁଅ ଏବଂ ଭୁବନେଶ୍ୱର ନିବାସୀ ଭାସ୍କର ଚନ୍ଦ୍ର ନାୟକଙ୍କ ଜ୍ୱାଇଁ । ସେ ପୁରୀ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟରୁ ପ୍ରାଣୀବିଜ୍ଞାନରେ ଉଚ୍ଚତର ଶିକ୍ଷାଲାଭ କଲା ପରେ ଉତ୍ପାଦନ ଓ ସୀମାଶୁଳ୍କ ବିଭାଗରେ ଯୋଗ ଦେଇଥିଲେ ।

## ବାରଙ୍ଗ,ସୋନପୁରରେ ପ୍ରତିଷ୍ଠା ହେବ ଦୁଗ୍ଧ ପ୍ଲାଣ୍ଟ

**ଭୁବନେଶ୍ୱର :** କଟକ ଜିଲ୍ଲା ବାରଙ୍ଗ ନିକଟସ୍ଥ ଗୋବିନ୍ଦପୁର ଅରିଲୋଠାରେ ଓମ୍‌ଫେଡ୍ ସ୍ୱୟଂଚାଳିତ ୫ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ଏକ ଦୁଗ୍ଧ ପ୍ଲାଣ୍ଟ ପ୍ରତିଷ୍ଠା କରିବ । ରାଜ୍ୟ ସରକାର ଏଥିପାଇଁ ୫୧ ଏକର ଜମି ପ୍ରଦାନ କରିବେ । ଏଥିପାଇଁ ନାବାର୍ଡର ଗ୍ରାମୀଣ ଭିତ୍ତିଭୂମି ଉନ୍ନୟନ ପାଣ୍ଠିରୁ ୨୪୫ କୋଟି ଟଙ୍କା ମଞ୍ଜୁରି ଦିଆଯାଇଛି । ସେହିଭଳି ସୋନପୁରଠାରେ ଏକ ୫୦ ହଜାର ଲିଟର ଦୁଗ୍ଧ ପ୍ଲାଣ୍ଟ ସ୍ଥାପନ ଲାଗି ନିଲାମ ଆହ୍ୱାନ କରାଯାଇଛି । ରାଜ୍ୟରେ ଥିବା ୩ ଲକ୍ଷ ଚାଷୀଙ୍କ ଦୁଗ୍ଧ ସଂଗ୍ରହକୁ ଲକ୍ଷ୍ୟ ରଖି ଓମ୍‌ଫେଡ୍ ଏଭଳି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛି । ଓମ୍‌ଫେଡ୍ ନିର୍ଦ୍ଦେଶକ ମଣ୍ଡଳୀ ପକ୍ଷରୁ ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅନୁକ୍ରମରେ ଏହି ଦୁଇ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଯୋଜନା କରାଯାଇଛି । ବାରଙ୍ଗ ପ୍ଲାଣ୍ଟରେ କିମ୍ବା ଜଗନ୍ନାଥପୁରସ୍ଥିତ ନୂଆ ଗୋଖାଦ୍ୟ କାରଖାନା ପରିସରରେ ୟୁଏଚ୍‌ଟି ପ୍ଲାଣ୍ଟ ପ୍ରତିଷ୍ଠା କରି ଟେଟ୍ରା ପ୍ୟାକ୍‌ରେ ଖାଉଟିଙ୍କୁ ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଉପଲବ୍ଧ କରିବ । ଏହି କ୍ଷୀର ପ୍ୟାକେଟ୍‌ର ଜୀବନଦଶା ୯୦ ଦିନ ରହିବ । ଚଳିତବର୍ଷା ଋତୁରେ ଓମ୍‌ଫେଡ୍ ଗୋଟିଏ ଦିନରେ ୬ଲକ୍ଷ ୩୧ ହଜାର ଲିଟର ଦୁଗ୍ଧ ସଂଗ୍ରହ କରିଛି । ଦୈନିକ ୨୫,୦୦୦ ଲିଟରରୁ ୩୦,୦୦୦ ଲିଟର କ୍ଷୀର ଭୁବନେଶ୍ୱର ଡାଏରୀରେ ଗୁଣ୍ଡ ଦୁଗ୍ଧ ପ୍ରସ୍ତୁତ କରାଯାଉଛି । ଆଉ ଏକ ନିଷ୍ପତ୍ତିକ୍ରମେ ଯେଉଁ ସ୍ଥାନଗୁଡିକରେ ଓମ୍‌ଫେଡ୍ ବୁଥ୍ ନାହିଁ ସେଠାରେ ନୂତନ ଏଜେଣ୍ଟ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ କରାଯିବ । ଗୁଣାତ୍ମକମାନ ବିଶିଷ୍ଟ ଓମ୍‌ଫେଡ୍ ଘିଅକୁ ରାଜ୍ୟର ସମସ୍ତ ଦେବାଦେବୀ ମନ୍ଦିରକୁ ଯୋଗାଇ ଦିଆଯିବ । ଦୁଗ୍ଧର ଛେନା ଅଂଶ ବୃଦ୍ଧି ଘଟିଥିବାରୁ କମ୍ପାନୀର କ୍ଷତି ପରିମାଣ କମିଛି । ଚାଷୀଙ୍କୁ ବି ଦୁଗ୍ଧ ବାବଦ ଅଧିକ ପଇସା ମିଳୁଛି । ୨୦୧୬-୧୭ ଆର୍ଥିକବର୍ଷରେ ଓମ୍‌ଫେଡ୍ ୭କୋଟି ୫୦ ଲକ୍ଷ ଟଙ୍କାର ଲାଭ କରିଛି । ତେବେ କମ୍ପାନୀ ୨୦୧୭-୧୮ ଆର୍ଥିକବର୍ଷରେ ୮୮୪ କୋଟି ଟଙ୍କାର ବ୍ୟବସାୟ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛି । ତେବେ ଏହି ସମୟରେ ଓମ୍‌ଫେଡ୍ ୧୭କୋଟି ଟଙ୍କାର ଲାଭ ଧାର୍ଯ୍ୟ କରିଛି । ବିଭିନ୍ନ କ୍ଷେତ୍ରରେ ଖର୍ଚ୍ଚ କାଟ କଟକଣା ଜାରି ଜରିଆରେ ଓମ୍‌ଫେଡ୍‌କୁ ଆଗାମୀ ଦିନରେ ସ୍ୱୟଂ ସମ୍ପୂର୍ଣ୍ଣ କରାଯିବ ବୋଲି ଶ୍ରୀ ଗଗନ କହିଛନ୍ତି ।

## ଭିମ୍ ଆପ୍ ଡାଉନ୍‌ଲୋଡ୍ ୧୬ ନିୟୁତ ଟପିଲା

**ଭୁବନେଶ୍ୱର :** ନ୍ୟାସନାଲ୍ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ)ର ଭାରତ ଇଣ୍ଟରଫେସ୍ ଫର ମନି (ଭିମ୍) ଆପର ଡାଉନ୍‌ଲୋଡ୍ ସଂଖ୍ୟା ୨୦୧୭ ଜୁନ୍ ଶେଷ ସୁଦ୍ଧା ୧୬ ନିୟୁତ ଅତିକ୍ରମ କରିଛି ଏବଂ ଏହାର ଆକ୍ଟିଭ୍ ବ୍ୟବହାରକାରୀ ସଂଖ୍ୟା ୪ ନିୟୁତ ରହିଛି । ସହଜ, ସରଳ ଏବଂ ଶୀଘ୍ର ପେମେଣ୍ଟ କରିବା ପାଇଁ ଭିମ୍ ଆପ୍ ହେଉଛି ସାରା ଦେଶ ପାଇଁ ଏକ ଏକକ ପ୍ଲାଟଫର୍ମ । ୨୦୧୬ ଡିସେମ୍ବର ୩୦ରେ ଲଞ୍ଚ ହେବା ପରଠାରୁ ପ୍ରତ୍ୟେକ ମାସରେ ଭିମ୍ ଆପ୍ ଜରିଆରେ କାରବାର ପରିମାଣରେ ବୃଦ୍ଧି ପରିଲକ୍ଷିତ ହୋଇଛି । ଡାଉନ୍‌ଲୋଡ୍ ସଂଖ୍ୟା ୧୬ ନିୟୁତ ଅତିକ୍ରମ କରିବା ଡିଜିଟାଲ୍ କାରବାର ଏବଂ କମ୍ ନଗଦ ଅର୍ଥ ବିଶିଷ୍ଟ ଅର୍ଥନୀତି କ୍ଷେତ୍ରରେ ଏକ ମହତ୍ୱପୂର୍ଣ୍ଣ ସଫଳତା । ଏବେ ଏହାର ୧.୩ ଭର୍ସନ ଗୁଗୁଲ୍ ପ୍ଲେ ଷ୍ଟୋର୍ ଏବଂ ଆପଲ୍ ଷ୍ଟୋର୍‌ରେ ଉପଲବ୍ଧ ହେଉଛି । ଖୁବ୍‌ଶୀଘ୍ର ଏହି ଆପର ନୂତନ ଭର୍ସନ୍ (୧.୪)କୁ ଉନ୍ମୋଚନ କରାଯିବ । ଭିମ୍ ରେଫରାଲ୍ ସ୍କିମ୍ ମଧ ଜାରି ରହିଛି, ଯେଉଁଥିରେ ଭିମ୍ ଆପ୍‌ର ବ୍ୟବହାରକାରୀମାନେ ନୂତନ ବ୍ୟବହାରକାରୀଙ୍କୁ ଏହି ଆପ୍ ବ୍ୟବହାର କରିବା ପାଇଁ ଉତ୍ସାହିତ କରିବେ ଏବଂ ରେଫେରାଲ୍ କୋଡ୍ ଭାବେ ରେଫର୍ କରିଥିବା ବ୍ୟକ୍ତିଙ୍କ ମୋବାଇଲ୍ ନମ୍ବର ପ୍ରଦାନ କରିବେ । ଏଥିରେ ଉଭୟ ରେଫର୍ କରିଥିବା ବ୍ୟକ୍ତି ଏବଂ ରେଫର୍ ପାଇଥିବା ବ୍ୟକ୍ତି ପ୍ରୋତ୍ସାହନ ହାସଲ କରିବେ, ରେଫର ହାସଲ କରିଥିବା ବ୍ୟକ୍ତିଙ୍କୁ ମୋଟ ୫୦ ଟଙ୍କାର ସର୍ବନିମ୍ନ ୩ଟି ସ୍ୱତନ୍ତ୍ର କାରବାର କରିବାକୁ ପଡ଼ିବ । ପ୍ରକ୍ରିୟା ଶେଷ ହେବା ପରେ ରେଫର୍ କରିଥିବା ବ୍ୟକ୍ତି ୧୦ ଟଙ୍କା ପାଇବେ ଏବଂ ଯିଏ ପେମେଣ୍ଟ କରିଥିବେ ତାଙ୍କୁ ୨୫ ଟଙ୍କା ମିଳିବ ।

## ଫାଟ ମେଳା, ଉପରେ କୋଳାକୋଳି

**ଜଗତସିଂହପୁର :** ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରେ ଥିବା ତିର୍ତ୍ତୋଲ, ରଘୁନାଥପୁର ଓ ବିରିଡ଼ି ବ୍ଲକର ବିଜେଡ଼ି କର୍ମକର୍ତ୍ତାମାନଙ୍କୁ ନେଇ ତିର୍ତ୍ତୋଲ ସ୍ଥିତ ଆନନ୍ଦ ମଣ୍ଡପରେ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ତିର୍ତ୍ତୋଲ ବିଧାୟିକା ତଥା ଜଗତସିଂହପୁର ଜିଲ୍ଲା ମହିଳା ବିଜେଡ଼ି ସଭାନେତ୍ରୀ ଡା.ରାଜଶ୍ରୀ ମଲିକ ସଭାପତିତ୍ୱ କରିଥିବାବେଳେ କୃଷି ଓ ମତ୍ସ୍ୟ ସମ୍ପଦ ବିକାଶ ମନ୍ତ୍ରୀ ତଥା ପାରାଦ୍ୱୀପ ବିଧାୟକ ଡା. ଦାମୋଦର ରାଉତ, ଜଗତସିଂହପୁର ଜିଲ୍ଲାର ପର୍ଯ୍ୟବେକ୍ଷକ ତଥା ମହିଳା ଓ ଶିଶୁବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ବିଜେଡି ଜିଲ୍ଲା ସଭାପତି ତଥା ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ବିଷ୍ଣୁ ଦାସ, ବାଲିକୁଦା-ଏରସମା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମୁଦୁଲି ପ୍ରମୁଖ ଯୋଗ ଦେଇଥିଲା ବେଳେ ଜଗତସିଂହପୁର ସାଂସଦ ଡ଼. କୁଳମଣି ସାମଲଙ୍କ ଅନୁପସ୍ଥିତି ଏକ ଭିନ୍ନ କଥା ସୂଚାଇଥିଲା । ସୂଚନାଯୋଗ୍ୟ ଯେ ଏହି ବୈଠକରେ ତିର୍ତ୍ତୋଲ ବ୍ଲକ ବିଜେଡି ସଭାପତି ତଥା ବିଶନପୁର ପଞ୍ଚାୟତ ସରପଞ୍ଚ ବସନ୍ତ କୁମାର ମହାପାତ୍ର(ବଚ୍ଚୁ)ଙ୍କୁ ଅଣଦେଖା କରାଯାଇଥିବା ଦେଖିବାକୁ ମିଳିଛି । ରଘୁନାଥପୁର ଓ ବିରିଡି ବ୍ଲକ ସଭାପତିଙ୍କୁ ମଞ୍ଚରେ ଆସନ ଦିଆଯାଇଥିଲେ ମଧ୍ୟ ବଚ୍ଚୁଙ୍କୁ ସେଠାରେ ସ୍ଥାନ ମିଳିନଥିଲା । ବଚ୍ଚୁଙ୍କୁ ଅଣଦେଖା ଘଟଣାରେ ସେ କିଛି ବକ୍ତବ୍ୟ ମାଧ୍ୟମରେ ଉପସ୍ଥିତ ଜନସାଧାରଣଙ୍କୁ ନିଜର ମନକଥା ବଖାଣିବାକୁ ହାତ ଯୋଡି ବିଧାୟିକାଙ୍କୁ ଅନୁରୋଧ କରିଥିଲେ । ହେଲେ ବିଧାୟିକା ତାଙ୍କ ଗୁହାରୀକୁ କର୍ଣ୍ଣପାତ କରିନଥିଲେ । ପରେ ବଚ୍ଚୁ ଜିଲ୍ଲା ପର୍ଯ୍ୟବେକ୍ଷକ ଭାବେ ପ୍ରଫୁଲ୍ଲ ସାମଲଙ୍କୁ ଏହି ସମସ୍ୟା ଉପରେ ଅବଗତ କରାଇ ସଭାସ୍ଥଳ ଛାଡି ପଳାଇଥିଲେ । ଏହାକୁନେଇ କର୍ମୀ ମହଲରେ ଭୀଷଣ ଅସନ୍ତୋଷ ଦେଖାଯାଇଥିଲା । ଏଠାରେ ସମସ୍ତେ ଗୋଟିଏ ମଞ୍ଚରେ ବସିଥିଲେ ମଧ ବକ୍ତବ୍ୟ ଓ ବ୍ୟବହାରରେ ପାର୍ଥକ୍ୟ ରହିଥିଲା । ଯାହାକୁ ଦେଖି ଉପରେ କୋଳାକୋଳି ଭିତରେ କଳି ଥିବା ସମସ୍ତେ ଅନୁଭବ କରିଥିଲେ । ଏହି ସଭାରେ ମନ୍ତ୍ରୀ ଡା. ରାଉତ ବିଜେପି ଉପରେ ବର୍ଷିବାକୁ ଯାଇ କହିଥିଲେ ଓଡିଶାର ଜନସାଧାରଣଙ୍କ ବିଶ୍ୱାସରେ ବିଷ ମିଶାଇଛି । ଏହି ଦଳ ଏକ ଫମ୍ପା ମାଠିଆ । ମୋ ବୁଥ ସବୁଠୁ ମଜବୁଥ କାର୍ଯ୍ୟକ୍ରମ କରୁଛନ୍ତି । କିନ୍ତୁ କୌଣସି ବୁଥରେ ବିଜେପି କର୍ମୀ ନାହାଁନ୍ତି । ସବକା ସାଥ ସବକା ବିକାଶର ନାରା ଦେଇ ଭାରତୀୟ ଜନସାଧାରଣଙ୍କୁ କେବଳ ପ୍ରବଞ୍ଚନା କରିଚାଲିଛନ୍ତି, ଯାହା ପରିଲିକ୍ଷିତ ହେଉଛି କେନ୍ଦ୍ରସରକାରଙ୍କ ୩ବର୍ଷର ଶାସନ କାଳରେ । ଏହା ଏକ ସାମ୍ପ୍ରଦାୟିକ ଦଳ ଓ ବାହାପିଆଙ୍କ ବାରବାଟି ଚାଷ ସଦୃଶ । କେବଳ ହୋର୍ଡିଙ୍ଗ, ବ୍ୟାନର ମାଧ୍ୟମରେ ତାଙ୍କର ବିକାଶ ଦେଖାଦେଇଥାଏ, କିନ୍ତୁ ବାସ୍ତବଚିତ୍ର ସମ୍ପୂର୍ଣ୍ଣ ଭିନ୍ନ । କଂଗ୍ରେସକୁ ମଧ୍ୟ ରାଜାଙ୍କ ଦଳ । ଯିଏ ଖାଲି ଓଡିଶାରୁ ଦିଲ୍ଲୀ ଧାଁ ଦଉଡରେ ମାତିଛନ୍ତି । ଏହିସବୁ ରାଷ୍ଟ୍ରୀୟ ଦଳ ମାନଙ୍କର ରାଷ୍ଟ୍ରୀୟ ଭାବନାର ଅଭାବ, କ୍ଷମତା ଦଖଲ କରିବା ନିଶା ଯୋଗୁଁ ଆଜି ଭାରତବର୍ଷରେ ବିଭିନ୍ନ ରାଜ୍ୟରେ ଆଞ୍ଚଳିକ ଦଳ ଶାସନ କ୍ଷମତା ଅକ୍ତିଆର କରି ଲୋକଙ୍କ ଭଲମନ୍ଦ ବୁଝି ଶାସନ କରୁଛନ୍ତି । ବିଜେଡିର ୧୭ବର୍ଷର ଶାସନ କାଳରେ ଏନ୍ତୁଡିଶାଳରୁ ମଶାଣି ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ଯୋଜନା କରି ଓଡିଶାର ଅଗଣିତ ଜନସାଧାରଣଙ୍କ ବିଶ୍ୱାସଭାଜନ ହୋଇପାରିଛି । ବିଧାୟକ ଶ୍ରୀ ମୁଦୁଲି ପ୍ରମୁଖ ଯୋଗଦେଇ ବିଜେଡି ସମାଲୋଚନାରେ ବିଶ୍ୱାସକରେ ନାହିଁ, ନିଜର ସ୍ୱାଭିମାନ ରକ୍ଷାକରି ଓଡିଶାବାସୀଙ୍କ ପାଇଁ ସର୍ବଦା ନିରନ୍ତର ସେବା ଯୋଗାଇ ଦେବାକୁ ପ୍ରୟାସ କରିଥାଏ ବୋଲି ନିଜର ମତରେ ପ୍ରକାଶ କରିଥିଲେ । ବିଜେଡି ଦଳ ମାନ୍ୟବର ମୁଖ୍ୟମନ୍ତ୍ରୀ ତଥା ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଆମ ଗାଁ ଆମ ବିକାଶ ସ୍ଲୋଗନରେ ଆଗାମୀ ଦିନରେ କାମ କରିବ ବୋଲି କହିଥିଲେ ବିଷ୍ଣୁ ଦାସ । ବୈଠକରେ ଜିଲ୍ଲାର ପର୍ଯ୍ୟବେକ୍ଷକ ମନ୍ତ୍ରୀ ଶ୍ରୀ ସାମଲ ଯୋଗଦେଇ କର୍ମୀମାନଙ୍କୁ ଗୁରୁତ୍ୱ ଦେବା ସହିତ ସାଧାରଣ ଲୋକମାନଙ୍କ ପାଖରେ ସରକାରଙ୍କ ବିଭିନ୍ନଯୋଜନା ପହଁଚାଇ ଲୋକମାନଙ୍କୁ ସଚେତନ କରିବା ସଭାର ମୂଳ ଉଦ୍ଦେଶ୍ୟ ବୋଲି କହିଥିଲେ । ଏଥିରେ ଜଗତସିଂହପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ପ୍ରିୟଦର୍ଶୀ ନିବିଶ୍ୱାଳ, ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷା ସୁଜାତା ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ସନାତନ ଦଳାଇ, ପ୍ରବିର ରାୟ, ଲିପାଲି ରାଉଳ, ଡେଜାଲିନ ମହାପାତ୍ର, ଲତା ଦାସ, ପ୍ରତାପ ବେହେରା, ରଘୁନାଥପୁର ବ୍ଲକ ଅଧ୍ୟକ୍ଷା ସ୍ୱପ୍ନାସରିତା ବଳ, ଉପାଧ୍ୟକ୍ଷ ଦେବାଶିଷ ତ୍ରିପାଠି, ବିରିଡି ବ୍ଲକ ସଭାପତି ରବିନ୍ଦ୍ର ରାଉଳ, ତିର୍ତ୍ତୋଲ ବ୍ଲକ ଯୁବସଭାପତି ଗଙ୍ଗାଧର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ ।

### ୪୫ବର୍ଷର ବିଦ୍ୟାଳୟ, ହେଲେ ଭଙ୍ଗା ଚାଳିଆରେ ପାଠପଢ଼ା

## ୩ ଶିକ୍ଷକଙ୍କ ହାତରେ ୮୫ ପିଲାଙ୍କ ଭବିଷ୍ୟତ

**ଡାବୁଗାଁ :** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ପଞ୍ଚାୟତ ସମିତି ଅଧିନରେ ଥିବା ନୂତନ ପଞ୍ଚାୟତ, ଅଞ୍ଚଳା ସଦର ମହକୁମା ବିଦ୍ୟାଳୟର ପୁରୁଣା କୋଠାଟି ବିପଦସଙ୍କୁଳ ଅବସ୍ଥାରେ ରହିଛି । ସେହି ଗୃହରେ ବିଦ୍ୟା ଅଧ୍ୟୟନ କରାଇବା ବିପଦସଙ୍କୁ ହେବାରୁ କୋମଳମତି ଶିଶୁ ମାନଙ୍କୁ ବସାଇ ପାଠ ପଢ଼ାଇବା ସମ୍ଭବ ହେଉନି । ଶିକ୍ଷା ବିଭାଗର ୧୦ ହଜାର ଟଙ୍କା ବ୍ୟୟରେ କେଇଖଣ୍ଡ ବାଉଁଶ ଓ କାଠକୁ ନେଇ ଗଢ଼ା ହେଉଛି କୁଡିଆଟି । ଉକ୍ତ କୁଡିଆର କାନ୍ଥ ନାହିଁ କି ଝରକା ନାହିଁ କିମ୍ବା କବାଟ ନାହିଁ । ଚାରିପଟେ ଖୋଲାମେଲା । ତଳେ ସନ୍ତସନ୍ତିଆ ପରିବେଶ । ଆଉ ମାଟିର ଚଟାଣ ଉପରେ ବସି ଗଢୁଛନ୍ତି କୋମଳମତି ଶିଶୁମାନେ । ସରକାର କହୁଛନ୍ତି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା । ଅତ୍ୟଧିକ ବର୍ଷା ପବନ ହେଲେ ହୁଏତ କୁଡିଆ ଖଣ୍ଡିକ କେତେବେଳେ ଭାଙ୍ଗିଯିବ କିଏ କହିବ । ଏଥିନେଇ ଶିକ୍ଷା ବିଭାଗର ଉଚ୍ଚପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ପଡିନଥିବା ଯୋଗୁଁ ଅଭିଭାବକ ମହଲରେ ଅସନ୍ତୋଷ ସହ କ୍ଷୋଭ ସୃଷ୍ଟି ହେଉଛି । କେଉଁ ପରିସ୍ଥିତିରେ ବିଦ୍ୟାଳୟର ଅବସ୍ଥା ଏଭଳି ସ୍ଥିତିକୁ ଆସିଲା ଏବଂ କ'ଣ ପାଇଁ ଆଗୁଆ ପଦକ୍ଷେପ ନିଆଗଲା ନାହିଁ, ତାକୁ ନେଇ ପ୍ରଶ୍ନ କରିଛନ୍ତି ଶିକ୍ଷାବିତ୍‌ମାନେ । ଯଦି କୌଣସି ଅଘଟଣ ଘଟେ, ସେଥିପ୍ରତି କିଏ ଦାୟୀ ରହିବ ବୋଲି ପ୍ରଶ୍ନ କରିଛନ୍ତି ଅଭିଭାବକମାନେ । ୧୯୭୨ ମସିହାରେ ପ୍ରତିଷ୍ଠା ହୋଇଥିଲାଂ ଏହି ବିଦ୍ୟାଳୟ । ସ୍ଥାୟୀ ଗୃହ ବି ଥିଲା । ରକ୍ଷଣା ବେକ୍ଷଣ ଅଭାବରୁ ଏଇ କିଛିଦିନ ତଳେ ସମ୍ପୂର୍ଣ୍ଣ ବିପଦସଙ୍କୁଳ ଅବସ୍ଥାକୁ ଚାଲି ଆସିଛି । ଭୁଷୁଡି ପଡିବାର ଭୟ ରହିଛି । ତେଣୁ ଚଳିତ ଶିକ୍ଷା ବର୍ଷରୁ ପୁରୁଣା ଶ୍ରେଣୀ ଗୃହରେ କୋମଳମତି ଶିଶୁମାନଙ୍କୁ ବସାଇ ପାଠପଢ଼ାଇବାକୁ ଉଚିତ ମନେ କଲେନି ବିଦ୍ୟାଳୟ ପରିଚାଳନା କମିଟି ଓ ବିଦ୍ୟାଳୟ କର୍ତ୍ତୃପକ୍ଷ । ତେଣୁ ତିଆରି କରାଗଲା ଏହି ଖୋଲା ମେଲା



କୁଡିଆଟି । ଏବେ କୁଡିଆ ତଳେ ଚାଲିଛି ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା । ମୋଟ ପିଲା ସଂଖ୍ୟା ୮୫ଜଣ । ପ୍ରଥମରେ ୧୫ଜଣ, ଦ୍ୱିତୀୟରେ ୧୫ଜଣ, ତୃତୀୟରେ ୧୭ଜଣ, ଚତୁର୍ଥରେ ୨୦ଜଣ ଓ ପଞ୍ଚମରେ ୧୮ଜଣ ନାମ ଲେଖାଇଛନ୍ତି । ସେମାନଙ୍କୁ ପଢ଼ାଇବା ଲାଗି ରହିଛନ୍ତି ପ୍ରଧାନ ଶିକ୍ଷକ ନିଳାଚଳ ପଣ୍ଡାଙ୍କ ସମେତ ଅନ୍ୟ ଦୁଇଜଣ ଶିକ୍ଷୟିତ୍ରୀ । ସେମାନେ ହେଲେ ମୀନାକ୍ଷୀ ଦାଶ ଓ ଇତିଶ୍ରୀ ସେଠୀ । ସବୁପିଲାଙ୍କୁ କୁଡିଆ ଭିତରେ ବସାଇ ପାଠ ପଢ଼ାଉଛନ୍ତି । ଏଥିରୁ ଜଳଜଳ ହୋଇ ଦେଖାଯାଉଛି କିଭଳି ଶିକ୍ଷାଦାନ ହେଉଥିବ । ଲଗାତାର ବର୍ଷା ସହି ପାରିଲାନି ନଡା ଛପର, ଶେଷରେ ଛପର ଉପରେ ପକାଇ ଦିଆଗଲା ପଲିଥିନଟିଏ । ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଇଏ ହେଉଛି ଶିକ୍ଷାଦାନର ନଗ୍ନ ନମୂନା । କେବଳ ଏତିକିରେ ସୀମିତ ରହିନି ସ୍କୁଲର ସମସ୍ୟା । ଗତ ଏପ୍ରିଲ ମାସଠାରୁ ମଧ୍ୟାହ୍ନ ଭୋଜନର ଚାଉଳ ମିଳିନି । ସ୍କୁଲ କର୍ତ୍ତୃପକ୍ଷ ଚାଉଳ ଧାର କରଜ କରି ଚାଉଳ ଓ ପନିପରିବା କିଣିଥିବା ଅଭିଯୋଗ ବାଢ଼ିଛନ୍ତି । ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ହେମଧର ନାୟକ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ମହେଶ ଚନ୍ଦ୍ର ସାହା ସ୍କୁଲର ସମସ୍ୟା କଥା ବୁଝୁଥିବା କହି ନିଜ ଉପରୁ ଦାୟିତ୍ୱ ହଟାଇ ଦେଇଥିଲେ । ଏହାପରେ ଡାବୁଗାଁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ କହିଥିଲେ ୫ ବର୍ଷ ତଳେ ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଅନୁଦାନ ଆସିଥିବା ବେଳେ ସ୍କୁଲ ତିଆରି ହେବା ଜାଗାକୁ ନେଇ ବିବାଦ ହୋଇଥିବାରୁ ଅନୁଦାନ ଟଙ୍କା ଫେରିଯାଇଥିଲା । ୨୦୧୭-୧୮ ଆର୍ଥିକ ବର୍ଷରେ ନୂଆ ଶ୍ରେଣୀ ଗୃହଟିଏ ନିର୍ମାଣ କରିବାକୁ ସରକାରଙ୍କ ପାଖକୁ ପ୍ରସ୍ତାବ ଦିଆଯାଇଛି । ଖୁବ୍‌ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ । ଯେ ପର୍ଯ୍ୟନ୍ତ ନୂତନ ଶ୍ରେଣୀଗୃହ ନିର୍ମାଣ କରାଯାନାହିଁ, ସେ ପର୍ଯ୍ୟନ୍ତ ବାଧ୍ୟ ହୋଇ ଚାଳିଆ ଘରେ ବସାଇ ପିଲାଙ୍କୁ ପାଠ ପଢ଼ାଇବା ଛଡ଼ା ବିକଳ୍ପ ନାହିଁ । ଜିଲ୍ଲା ପ୍ରାସନ ତଥା ଶିକ୍ଷା ବିଭାଗର ଉଚ୍ଚକର୍ତ୍ତୃପକ୍ଷ ଏ ଦିଗରେ ତୁରନ୍ତ ଦୃଷ୍ଟି ଦେବାକୁ ଦୃଢ଼ ଦାବି କରିଛନ୍ତି ଅଭିଭାବକମାନେ ।

# ମଲାଣା

## ରହସ୍ୟମୟ ଲୋକବିଶ୍ୱାସର ଗାଁ ...

ଉପସ୍ଥାପନା
ଜାହ୍ନବୀସୁତ

ଆମ ସମାଜରେ ଅନେକ ଲୋକବିଶ୍ୱାସ ପ୍ରଚଳିତ। ଆଉ ସେହିସବୁ ବିଶ୍ୱାସକୁ ଆଧାର କରି ବର୍ଷ ବର୍ଷ ଧରି ଅନେକ ପରମ୍ପରା ସମାଜରେ ପ୍ରଚଳିତ ହୋଇଥାଏ। ବିଜ୍ଞାନର ଆଲୋକ ସେହିସବୁ ପରମ୍ପରାର ନିକଟବର୍ତ୍ତୀ ହୋଇଥିବଲେ ମଧ୍ୟ ଏବେ ବି କେଉଁଠି ନା କେଉଁଠି ଲୋକବିଶ୍ୱାସରେ ରହସ୍ୟ ଲୁଚି ରହିଛି। ସେମିତି ଏକ ରହସ୍ୟମୟ ଗାଁ ମଲାନାକୁ। ଏଠାରେ ବାସ କରୁଥିବା ଅଧିବାସୀମାନଙ୍କର ଏକ ଅଦ୍ଭୁତ ବିଶ୍ୱାସ ରହିଛି। ସେମାନେ ବିଶ୍ୱାସ କରନ୍ତି ଯେ ସେମାନେ ହେଉଛନ୍ତି ପୃଥିବୀର ସବୁଠାରୁ ପୁରାତନ ଗଣତାନ୍ତ୍ରିକ ଗାଁ ଏବଂ ସେମାନଙ୍କର ନିଜର ଏକ ପ୍ରତିନିଧି ସଭା ମଧ୍ୟ ରହିଛି। ଆଉ ସେମାନଙ୍କର ଏହି ପରମ୍ପରାକୁ ନିଜେ ତାଙ୍କ ଦେବତା ହିଁ ଦିଗ୍‌ଦର୍ଶନ ଦେଇଥାନ୍ତି। ସେମାନଙ୍କର ଦେବତା ହେଉଛନ୍ତି ଯାମଲୁ ଋଷି। ଅବଶ୍ୟ ଏବେ ଯାମଲୁ ଋଷି ପୁରାଣରେ ବର୍ଣ୍ଣିତ ଜଣେ ଋଷି ବୋଲି ଜଣାପଡ଼ିଛି ଏବଂ ସେ ଆର୍ଯ୍ୟମାନଙ୍କର ଭାରତ ଆଗମନ ପୂର୍ବରୁ ଏଠାରେ ରହିଥିଲେ। ଆଉ ଏପରିକି ବିଶ୍ୱାସ ରହିଛି ମଲାନାର ଅଧିବାସୀମାନେ ଆର୍ଯ୍ୟମାନଙ୍କର ବିଦ୍ରୋହୀ ଗୋଷ୍ଠୀ ଥିଲେ। ପ୍ରକୃତରେ ଆଉ କେତେକ ଗବେଷକମାନଙ୍କ ମତରେ ଏହି ମଲାନା ଗାଁ ପ୍ରଥମେ ମୋଗଲମାନଙ୍କ ସମୟରେ ସ୍ୱାଧୀନତା ପାଇଥିଲା। ମୋଗଲ ଶାସକ ଆକବର ଏକ ରୋଗୀରେ ପୀଡ଼ିତ ହୋଇ ଏହି ଗାଁକୁ ରୋଗ ନିରାକରଣ ପାଇଁ ଆସିଥିଲେ। ଆଉ ଏହି ଅଞ୍ଚଳର ଲୋକମାନଙ୍କ ଚିକିତ୍ସାରେ ସେ ସମ୍ପୂର୍ଣ୍ଣ ରୋଗମୁକ୍ତ ହୋଇଥିଲେ। ଆଉ ସେ ସେହି ସ୍ଥାନରୁ ଫେରିବା ସମୟରେ ଏହି ଗାଁରୁ ଆଉ କର ଆଦାୟ ନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ସେହିଦିନଠାରୁ ମଲାନାରୀ ଅଧିବାସୀମାନେ ଆଉ କର ନ ଦେଇ ଏକ ସ୍ୱାଧୀନ ଗାଁ ଭାବରେ ନିଜକୁ ଗ୍ରହଣ କରିନେଇଥିଲେ। ତେବେ କେତେକ ଗବେଷକ ସୂଚନା ଦେଇଥାନ୍ତି ଯେ ମଲାନା ଗାଁର ଅଧିବାସୀମାନେ ହେଉଛନ୍ତି ଗ୍ରୀକ୍‌ବୀର ଆଲେକଜାଣ୍ଡାରଙ୍କ ସେନାବାହିନୀର ବଂଶଜ। ଅର୍ଥାତ୍ ଗ୍ରୀକ୍‌ବୀର ଆଲେକ୍‌ଜାଣ୍ଡାର ଭାରତ ଆକ୍ରମଣ କରିବାକୁ ଆସିଥିବା ସମୟରେ ତାଙ୍କ ସହ ଏକ ବିଶାଳ ସେନାବାହିନୀ ମଧ୍ୟ ଭାରତ ଆସିଥିଲା। ଆଉ ପରବର୍ତ୍ତୀ ସମୟରେ ସେହି ସେନାବାହିନୀର କିଛି ସଦସ୍ୟ ଏହି ସ୍ଥାନରେ ରହିଯାଇଥିଲେ। ଆଉ ଆଜିର ମଲାନା ଗାଁର ଅଧିବାସୀମାନେ ହେଉଛନ୍ତି ସେହିମାନଙ୍କର ବଂଶଜ। ଏପରିକି ଶୁଣିବାକୁ ମିଳିଥାଏ ଯେ ଏହି ତଥ୍ୟ ଆଧାରରେ ପରିବର୍ତ୍ତନ ଆସିଲାଣି। ତେବେ ମଲାନା ଗାଁ ନିକଟରେ ଏବେ ଏକ ଜଳ ବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଆଉ ଏହି ସ୍ଥାନକୁ ଏକ ରାସ୍ତା ମଧ୍ୟ ସଂଯୋଗ ହେଲାଣି। ତଥାପି ମଲାନା ଅଧିବାସୀମାନଙ୍କର ସାମାଜିକ ନିୟମ ଏବଂ ସେମାନଙ୍କର ଅଦ୍ଭୁତ ବିଶ୍ୱାସ ହିଁ ଅନେକ ସମୟରେ ମଲାନା ଗାଁକୁ ଚର୍ଚ୍ଚାର ପରିସରକୁ ଆଣିଥାଏ।

ଭାରତର ଅନେକ ସ୍ଥାନରେ ରହିଛି ଅଦ୍ଭୁତ ଲୋକବିଶ୍ୱାସ ଓ ପରମ୍ପରା। ସେହିପରି ଏକ ସ୍ଥାନ ହେଉଛି ହିମାଚଳ ପ୍ରଦେଶର ମଲାନା ଗାଁ। ବିଜ୍ଞାନର ଅଗ୍ରଗତି ଓ ମୂଳସଭ୍ୟତାଠାରୁ ଅନେକ ଦିନ ବିଚ୍ଛିନ୍ନ ହୋଇ ରହିଥିଲା ଏହି ଗାଁ। ଏବେ ସ୍ଥିତିରେ ସାମାନ୍ୟ ପରିବର୍ତ୍ତନ ହୋଇଛି ନିଶ୍ଚୟ, କିନ୍ତୁ ଏବେ ବି ଏହି ଗାଁରେ ଅନେକ ଆଶ୍ଚର୍ଯ୍ୟକର ଓ ଅବିଶ୍ୱସନୀୟ ପରମ୍ପରା ଦେଖିବାକୁ ମିଳେ। ମଲାନାର ଅଧିବାସୀମାନଙ୍କର ଅତୁଟ ବିଶ୍ୱାସ ଦେଖିବାକୁ ମିଳେ ସେମାନଙ୍କର ଦେବତା ଜାମ୍ଲୁ ଦେବତାଙ୍କ ଉପରେ। ଏବେ ବି ଗ୍ରାମବାସୀମାନଙ୍କର ବିଶ୍ୱାସ ରହିଛି ଯେ ଜାମ୍ଲୁ ଦେବତା ସେମାନଙ୍କୁ ଶାସନ କରୁଛନ୍ତି ଏକ ଗ୍ରାମ କମିଟି ମାଧ୍ୟମରେ। ଆଉ ଏହି କମିଟିରେ ୧୧ ଜଣ ସଦସ୍ୟ ରହିଥାନ୍ତି। ବିଶ୍ୱାସ ଅନୁସାରେ ଏହି କମିଟିର ସଦସ୍ୟମାନେ ହେଉଛନ୍ତି ଜାମ୍ଲୁ ଦେବତାଙ୍କ ପ୍ରତିନିଧି। ଆଉ ଦେବତାଙ୍କ ନିର୍ଦ୍ଦେଶ ଅନୁସାରେ ସେମାନେ ଗ୍ରାମକୁ ଶାସନ କରିଥାନ୍ତି। ଗାଁରେ ଯେକୌଣସି ବିବାଦ ଦେଖାଗଲେ ଅଧିବାସୀମାନେ ଗ୍ରାମକମିଟିର ନିଷ୍ପତ୍ତିକୁ ଗ୍ରହଣ କରିଥାନ୍ତି। ଏଠିକା ଅଧିବାସୀମାନଙ୍କର ଆଉ ଏକ ବିଶ୍ୱାସ ରହିଛି ଯେ ସେମାନେ ଅନ୍ୟ ମଣିଷମାନଙ୍କଠାରୁ ଉଚ୍ଚ ଜାତିର। ଏମିତିକି ଅନ୍ୟମାନଙ୍କୁ ଛୁଇଁବା ମଧ୍ୟ ସେମାନଙ୍କ ପାଇଁ ଠିକ୍ ନୁହେଁ ବୋଲି ସେମାନେ ଭାବିଥାନ୍ତି। ଏହି ଗାଁକୁ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ମଧ୍ୟ କଠୋର ନିୟମାବଳୀ ରହିଛି। ବାହାରର ବ୍ୟକ୍ତିମାନେ ଗ୍ରାମବାସୀଙ୍କ ଘରକୁ ଛୁଇଁପାରିବେ ନାହିଁ। ପର୍ଯ୍ୟଟକମାନଙ୍କ ପାଇଁ ସ୍ୱତନ୍ତ୍ର ରାସ୍ତା ମଧ୍ୟ ରହିଛି। ମଲାନାବାସୀ ବ୍ୟବହାର କରୁଥିବା ରାସ୍ତାକୁ ଅନ୍ୟମାନେ ବ୍ୟବହାର କରିପାରିବେ ନାହିଁ ବୋଲି କଡ଼ା ନିୟମ ରହିଛି। ସ୍ୱାଧୀନ ତଥା ଆଧୁନିକ ଭାରତରେ ଏପରି ନିୟମ କଥା ଶୁଣିଲେ ଯେ କେହି ବି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ଏପରିକି ଏହି ନିୟମର ଉଲ୍ଲଂଘନ କରିଥିବା ବ୍ୟକ୍ତିକୁ ଦଣ୍ଡବିଧାନ ବି କରାଯାଇଥାଏ। ଦଣ୍ଡବିଧି ମୁତାବକ ସମ୍ପୃକ୍ତ ବ୍ୟକ୍ତି ଏକ ମେଣ୍ଢା ପ୍ରଦାନ କରିଥାଏ। ଆଉ ଏକ ନିର୍ଦ୍ଦିଷ୍ଟ ପୂଜା କରାଯାଇ ମେଣ୍ଢାକୁ ବଳି ଦିଆଯାଇ ଶୁଦ୍ଧିକରଣ କରାଯାଏ। ମଲାନାବାସୀମାନେ କୌଣସି ପରିସ୍ଥିତିରେ ମଧ୍ୟ ବାହାର ବ୍ୟକ୍ତି ରାନ୍ଧିଥିବା ଖାଦ୍ୟକୁ ଗ୍ରହଣ କରିନଥାନ୍ତି। କେବଳ ସେମାନେ ବାହାରକୁ ଯଦି କୌଣସି କାର୍ଯ୍ୟରେ ଯାଇଥାନ୍ତି, ତା'ହେଲେ ସେମାନେ ବାହାର ଖାଦ୍ୟ ଖାଇପାରିବେ। ତା'ର କାରଣ ମଧ୍ୟ ଜାଣି ଆଶ୍ଚର୍ଯ୍ୟ ଲାଗେ। ମଲାନାବାସୀଙ୍କର ବିଶ୍ୱାସ ରହିଛି ଯେ ମଲାନା ଗାଁରେ ଜାମ୍ଲୁ ଦେବତା ତାଙ୍କ ଉପରେ ସବୁବେଳେ ଦୃଷ୍ଟି ରଖୁଥାନ୍ତି। ତେଣୁ ସେ କୌଣସି ନିୟମ ବାହାରର କାର୍ଯ୍ୟ କରିପାରିବେ ନାହିଁ। କେବଳ ସେମାନେ ଗାଁର ପରିସୀମାରୁ ବାହାରକୁ ଗଲେ ଜାମ୍ଲୁ ଦେବତାଙ୍କ ଦୃଷ୍ଟିରୁ ବାହାରକୁ ଯାଇଥାନ୍ତି, ଆଉ ସେମାନେ ବାହାରର ଖାଦ୍ୟ ଖାଇଥାନ୍ତି। ଏସବୁ ପରମ୍ପରା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଥାଏ।










## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏନ୍‌ଡିଏକୁ ...

ଏଥିରେ କିଛି ବିଜେଡି ସାଂସଦଙ୍କ ବିଜେପି ସପକ୍ଷବାଦୀ ପ୍ରଚାର ସାମିଲ ହେଲେ ଏହି ସମ୍ଭାବନା ଦୃଢ଼ୀଭୂତ ହୁଏ। ହେଲେ ନବୀନ ଯେବେ ପୁଣିଥରେ ବିଜେପି ସହ ମେଣ୍ଟ କରନ୍ତି, ତେବେ ଏଥିରେ ଦଳର ବହୁ ବିଧାୟକ ଆଉ ନିର୍ବାଚନ ଲଢ଼ିବାର ସୁଯୋଗ ପାଇବେ ନାହିଁ। ଯାହାକୁ ନେଇ ସେମାନଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହେଉଛି। ହେଲେ ରାଜ୍ୟରେ କଂଗ୍ରେସର ସ୍ଥିତି ଦେଖିଲେ ମନେହୁଏ ବିଜେଡି-ବିଜେପି ମେଣ୍ଟ ନକରି ଏକା ଏକା ନିର୍ବାଚନ ଲଢ଼ିବେ। ବିଜେପି କିନ୍ତୁ ବିଜେଡିର ବହୁ ଦୁର୍ବଳତାକୁ ଅସ୍ତ୍ର କରି ନବୀନଙ୍କ ଶାସନରେ ଅଡୁଆ ସୃଷ୍ଟି କରିପାରେ ବୋଲି ମଧ୍ୟ ଆଲୋଚନା ହେଉଛି। ବିଜେଡି ପକ୍ଷରୁ କିନ୍ତୁ ମେଣ୍ଟ ଗଠନ କଥାକୁ ଅସ୍ୱୀକାର କରାଯାଉଛି। ବିହାର ଘଟଣା ଓଡ଼ିଶାରେ ଘଟିବ ନାହିଁ ବୋଲି ମତ ରଖିଛନ୍ତି ଦଳର ଏକାଧିକ ମନ୍ତ୍ରୀ ଓ ବିଧାୟକ। ସେମାନଙ୍କ ମତରେ ଏନ୍‌ଡିଏ ସହ ବିଜେଡି ମେଣ୍ଟ ନକରି ୨୦୧୯ ନିର୍ବାଚନ ଏକୁଟିଆ ଲଢ଼ିବ। ଏ ସମ୍ପର୍କରେ ଗୁରୁବାର ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ମହାରଥୀ, ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ଏବଂ ବିଧାୟକ ମହେଶ ସାହୁ କହିଛନ୍ତି ଯେ ବିଜେପି ସହ ବିଜେଡିର ମେଣ୍ଟ ହେବାର ସମ୍ଭାବନା ନାହିଁ। ବିଜୁ ଜନତା ଦଳ ପକ୍ଷରୁ ମଧ୍ୟ ଏ ନେଇ ସ୍ପଷ୍ଟୀକରଣ ଦିଆଯାଇଛି। ହେଲେ ବିଜେଡି-ବିଜେପି ମେଣ୍ଟ ସମ୍ପର୍କିତ ଆଲୋଚନା ରାଜନୀତି ଚର୍ଚ୍ଚାକୁ ତାଜା କରିଛି।

### ବ୍ରିକ୍ସ ରାଷ୍ଟ୍ରଙ୍କ ...

ସୂଚନାଯୋଗ୍ୟ, ବ୍ରିକ୍ସ ସମ୍ମିଳନୀରେ ଯୋଗଦେବାକୁ ଡୋଭାଲ ଚୀନ୍ ଗସ୍ତରେ ଯାଇଥିଲେ। ତେବେ ଚୀନ୍ ରାଷ୍ଟ୍ରପତିଙ୍କୁ ଭେଟିବା ପୂର୍ବରୁ ଅଜିତ୍ ଡୋଭାଲ କହିଥିଲେ ଯେ, ସବୁ ବ୍ରିକ୍ସ ଦେଶଙ୍କୁ ଆତଙ୍କବାଦ ବିରୋଧରେ ଏକାଠି ହେବା ଆବଶ୍ୟକ। ଏହି ସମୟରେ ଚୀନ୍ ପୁଣି ଥରେ ଏଠାରେ ଡୋକଲାମ ଏବଂ ଜମ୍ମୁ-କାଶ୍ମୀର ପ୍ରସଙ୍ଗ ଉଠାଇଥିଲା। ଡୋଭାଲ ଏବଂ ୟାଙ୍ଗ୍ ଉଭୟ ଭାରତ-ଚୀନର ସ୍ୱତନ୍ତ୍ର ପ୍ରତିନିଧି ଭାବେ ଏହି ସମ୍ମିଳନୀରେଯୋଗ ଦେଇଥିଲେ। ତେଣୁ ଉଭୟଙ୍କ ଆଲୋଚନା ଦ୍ୱାରା ଡୋକଲାମ ଅଚଳାବସ୍ଥାର ସମାଧାନ ରାସ୍ତା ବାହାରିବ ବୋଲି ଆଶା କରାଯାଉଛି। ସେହିପରି ଦୁଇ ଦିନିଆ ସପ୍ତମ ବ୍ରିକ୍ସ ଏନ୍‌ଏସ୍‌ଏ ସ୍ତରୀୟ ବୈଠକରେ ଉଦ୍‌ବୋଧନ ଦେଇ ଜିନ୍‌ପିଙ୍ଗ୍ କହିଛନ୍ତି, ବ୍ରିକ୍ସ (ବ୍ରାଜିଲ୍, ରୁଷିଆ, ଭାରତ, ଚୀନ୍ ଓ ଦକ୍ଷିଣ ଆଫ୍ରିକା)ର ୫ଟି ସଦସ୍ୟ ରାଷ୍ଟ୍ର ଜଟିଳ ଅନ୍ତର୍ଜାତୀୟ ରାଜନୀତିକ ଓ ଆର୍ଥିକ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ତେଣୁ ପରସ୍ପର ମଧ୍ୟରେ ଏଥିନେଇ ସହଯୋଗର ଆବଶ୍ୟକତା ପଡୁଛି। ତେବେ ସୁରକ୍ଷା ପ୍ରସଙ୍ଗରେ ଏହି ୫ଟି ରାଷ୍ଟ୍ର ସହଯୋଗ ବୃଦ୍ଧି ନେଇ ଅନେକ କିଛି ପଦକ୍ଷେପ ନେଇଛନ୍ତି।

### ଭାରତ ସପକ୍ଷରେ ...

ଏକ ମିଳିତ ରିପୋର୍ଟରେ ଆମେରିକା ପ୍ରତିରକ୍ଷା ଓ ବୈଦେଶିକ ବିଭାଗ ଭାରତର ଆବେଦନକୁ ପୂର୍ଣ୍ଣ ସମର୍ଥନ ଜଣାଇବା ପାଇଁ ଏନ୍‌ଏସ୍‌ଜିର ସଦସ୍ୟ ଦେଶମାନଙ୍କୁ ଆହ୍ୱାନ ଦେଇଛି। ୪୮ ସଦସ୍ୟ ବିଶିଷ୍ଟ ଏନ୍‌ଏସ୍‌ଜିରେ ଅନ୍ତର୍ଭୁକ୍ତ ହେବା ପାଇଁ ଭାରତ ଆବେଦନ କରିଥିଲା। ୨୦୧୭ ଜାତୀୟ ପ୍ରତିରକ୍ଷା କ୍ଷମତା ପ୍ରଦାନ ଆଇନ୍ (ଏନ୍‌ଡିଏଏ) ଅନୁସାରେ ଆମେରିକା କଂଗ୍ରେସରେ ଉପସ୍ଥାପିତ ଏହି ରିପୋର୍ଟରେ ଟ୍ରମ୍ପ ପ୍ରଶାସନ ଅଷ୍ଟ୍ରେଲିଆ ଗ୍ରୁପ୍ ସମେତ ଅନ୍ୟମାନଙ୍କୁ ଭାରତର ସଦସ୍ୟତାକୁ ସମର୍ଥନ କରୁଥିବା ବିଷୟ ଦୋହରାଇଛି।

### ଛତିଶଗଡ଼କୁ ...

କଥିତ ୬ଟି ପ୍ରକଳ୍ପକୁ ପରିବେଶ ମଞ୍ଜୁରୀ ମିଳିସାରିଛି ଏବଂ କାମ ଆରମ୍ଭ ହେବାକୁ ଯାଉଥିବାବେଳେ ସବୁଜ ଅଦାଲତଙ୍କ ଧକ୍କା ଲାଗିଛି। ସରକାରଙ୍କ ଅନୁମତିପ୍ରାପ୍ତ ଏହି ୬ଟି ପ୍ରକଳ୍ପର ନିର୍ମାଣକୁ ସମ୍ପୂର୍ଣ୍ଣ ଭାବେ କାହିଁକି ବନ୍ଦ କରାଯିବ ନାହିଁ ସେ ସମ୍ପର୍କରେ ଛତିଶଗଡ଼ ସରକାରଙ୍କୁ ଏନ୍‌ଜିଟି ବିଚାରପତି ସୋନାମ ୱାଙ୍ଗଡ଼ି ଏବଂ ପ୍ରଫେସର ପି. ମିଶ୍ର ଜବାବ ମାଗିଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅଗଷ୍ଟ ୨୫ ତାରିଖରେ ହେବାକୁ ଏନ୍‌ଜିଟି ଧାର୍ଯ୍ୟ କରିଛନ୍ତି। ମହାନଦୀରେ ୧୨ଟି ପ୍ରକଳ୍ପ ନିର୍ମାଣ ପାଇଁ ଛତିଶଗଡ଼ ସରକାରଙ୍କ ଆବେଦନକ୍ରମେ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ଅନୁମତି ଦେଇଥିଲା। ସେଥିମଧ୍ୟରୁ ୬ଟି ପ୍ରକଳ୍ପ ନିର୍ମାଣ ଦାୟିତ୍ୱ ରାୟଗଡ଼ର ଏମ୍‌ଏସ୍ ସୁପର ଗ୍ଲୋବାଲ୍ ଲିମିଟେଡ୍, ଏସିବି ଇଣ୍ଡଷ୍ଟ୍ରିଆଲ୍ ଲିମିଟେଡ୍, ରାୟପୁରର ଏମ୍‌ସିସି ହିନ୍ଦୁସ୍ଥାନ କଏଲ୍‌ସ ଲିମିଟେଡ୍, ବିଳାସପୁରର ଏମ୍‌ସି ଜୟସ୍ୱାଲ୍ ନିକୋ ଇଣ୍ଡଷ୍ଟ୍ରିଜ୍, ରାୟପୁରର ଏମ୍‌ଏସ୍ ଆରତି ସ୍ପଞ୍ଜ ଆଣ୍ଡ ପାୱାର ଲିମିଟେଡ୍ ଏବଂ ରାୟଗଡ଼ର ଏମ୍‌ଏସ୍ ସାରଦା ଏନର୍ଜି ଆଣ୍ଡ ମିନେରାଲ୍ ଲିମିଟେଡ୍‌କୁ ମିଳିଛି।

### 'ଭିନ୍ନତା ସତ୍ତ୍ୱେ ...

ଏହି ଶତାବ୍ଦୀ ଭାରତର ହେବ ବୋଲି ଆମେ ସମସ୍ତେ ବିଚାରୁଛୁ। ତେଣୁ ଭାରତକୁ ଆର୍ଥିକ କ୍ଷେତ୍ରରେ ନେତୃତ୍ୱ ଦେଲାଭଳି ଗଢ଼ିବାକୁ ହେବ। ଏଥିସହିତ ନୈତିକତା କ୍ଷେତ୍ରରେ ଆମଙ୍କୁ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବାକୁ ପଡ଼ିବ। ଆମ ପାଇଁ ଏହି ୨ଟି ପରଶମଣିକୁ ଆଦୌ ଅଲଗାକରାଯାଇ ନପାରେ। ଏହା ସର୍ବଦା ଏକହୋଇ ରହୁ।" ରାଷ୍ଟ୍ରପତି କୋବିନ୍ଦ ଆହୁରି କହିଲେ, ବିବିଧତା ହେଉଛି ଭାରତର ସଫଳତାର ଚାବିକାଠି। ଏହା ଆମଙ୍କୁ ଅଦ୍ୱିତୀୟ କରି ଗଢ଼ି ତୋଳିଛି। ଭାଷା, ସଂସ୍କୃତି, ଚଳଣି, ଧର୍ମ ଓ ଆଞ୍ଚଳିକତା କ୍ଷେତ୍ରରେ ଭିନ୍ନତା ସତ୍ତ୍ୱେ ଆମର ଏକତା ବଜାୟ ରହିଛି। ସେ ଏହି ଅବସରରେ କହିଥିଲେ, "ମୋତେ ଭାରତର ରାଷ୍ଟ୍ରପତି ଦାୟିତ୍ୱ ଦେବା ପାଇଁ ବଛାଯାଇ ଥିବାରୁ ମୁଁ ସମସ୍ତଙ୍କୁ କୃତଜ୍ଞତା ଜଣାଉଛି। ମୁଁ ନମ୍ରତାର ସହ ଏହି ଦାୟିତ୍ୱ ଗ୍ରହଣ କରୁଛି। ସେଣ୍ଟ୍ରାଲ ହଲ୍‌କୁ ଆଜି ଆସିଲାବେଳେ ମୋର ଅନେକ କଥା ମନେପଡୁଛି। ମୁଁ ଏକଦା ପାର୍ଲାମେଣ୍ଟର ସଦସ୍ୟ ଭାବରେ ଏହି ସେଣ୍ଟ୍ରାଲ ହଲ୍‌ରେ ବସି ଅନ୍ୟମାନଙ୍କ ସହ ଆଲୋଚନା କରିଛି। ଆମେ ଅନେକ କ୍ଷେତ୍ରରେ ଏକମତ ହୋଇଛୁ। ପୁଣି କେତେକ କ୍ଷେତ୍ରରେ ସହମତ ହୋଇନାହୁଁ। ତା ସତ୍ତ୍ୱେ ଆମେ ପରସ୍ପରକୁ ସମ୍ମାନ ଦେବା ଶିଖିଛୁ। ଏହା ହିଁ ଗଣତନ୍ତ୍ରର ପ୍ରକୃତ ସୌନ୍ଦର୍ଯ୍ୟ।" ସମ୍ବିଧାନର ମୂଳମନ୍ତ୍ର ନ୍ୟାୟ, ସ୍ୱାଧୀନତା, ସାମ୍ୟ ଓ ଭ୍ରାତୃତ୍ୱ ବଜାୟ ରଖିବାକୁ ମୁଁ ସର୍ବଦା ଯତ୍ନବାନ ହେବି ବୋଲି ରାଷ୍ଟ୍ରପତି କୋବିନ୍ଦ ଦୃଢ଼ତାର ସହ କହିଛନ୍ତି।

### କମିଶନରେଟ୍ ପୋଲିସର ...

ତେଣୁ ଏସବୁକୁ ଦୃଷ୍ଟିରେ ରଖି କମିଶନରେଟ୍ ପୁଲିସ ଦ୍ୱୈତନଗରୀରେ ଗୁରୁତର ଆହତଙ୍କୁ ତୁରନ୍ତ ହସ୍ପିଟାଲ୍ ପହଞ୍ଚାଉଥିବା ବ୍ୟକ୍ତିଙ୍କୁ ଉତ୍ସାହିତ କରିବା ଲାଗି ଏକ ପ୍ରୟାସ ଆରମ୍ଭ କରିଛି। ସଡ଼କ ଦୁର୍ଘଟଣାରେ ଆହତଙ୍କୁ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଗଲେ ସେମାନଙ୍କୁ କମିଶନରେଟ୍ ପୁଲିସ ପକ୍ଷରୁ ଏକ ପ୍ରଶଂସାପତ୍ର ପ୍ରଦାନ କରାଯିବା ସହିତ ୧୦୦୦ ଟଙ୍କା ପୁରସ୍କାର ପ୍ରଦାନ କରାଯିବ ବୋଲି ପୁଲିସ କମିଶନର ଯୋଗେଶ ବାହାଦୂର ଖୁରାନିଆ କହିଛନ୍ତି। ସେହିପରି ଯେଉଁ ପିସିଆର୍ ଭ୍ୟାନ୍ କର୍ମଚାରୀମାନେ ଆହତଙ୍କୁ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରିବା ଲାଗି ଆଗ୍ରହ ଦେଖାଇବେ ସେମାନଙ୍କୁ ମଧ୍ୟ ଏହି ପୁରସ୍କାର ପ୍ରଦାନ କରାଯିବ। ସେହିପରି ଯେଉଁ ଥାଲାସେମିଆ ରୋଗୀମାନେ ବାରମ୍ବାର ହସ୍ପିଟାଲ୍‌କୁ ଆସି ରେଡକ୍ରସରୁ ରକ୍ତ ନିଅନ୍ତି ସେମାନଙ୍କୁ ରକ୍ତ ବାବଦରେ କେତେକ ଫି' ଦେବାକୁ ହୋଇଥାଏ। ତେବେ ଆର୍ଥିକ ସ୍ୱଚ୍ଛଳ ନ ଥିବା ଏଭଳି ରୋଗୀଙ୍କୁ ସହାୟତା କରିବା ଲାଗି କମିଶନରେଟ୍ ପୁଲିସ ପକ୍ଷରୁ ମଧ୍ୟ ସହାୟତା ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ପ୍ରତି ବର୍ଷ ଏଭଳି ୧୦୦ ଜଣ ରୋଗୀଙ୍କୁ କମିଶନରେଟ୍ ପୁଲିସ ରେଡକ୍ରସ୍ ପାଣ୍ଠିରୁ ସହାୟତା ପ୍ରଦାନ କରାଯିବ। ଏସମ୍ପର୍କରେ ହସ୍ପିଟାଲ୍‌ସ୍ଥିତ ରେଡକ୍ରସ୍ ବିଭାଗର ମୁଖ୍ୟ ଡାକ୍ତର ନିଷ୍ପତ୍ତି ନେବେ ବୋଲି କମିଶନର ସୂଚନା ଦେଇଛନ୍ତି।

### ଭାରତ ଲାଗି ...

ସୀମାପାର ଆତଙ୍କବାଦ ବଢ଼ିବା ସହ ପାକ୍ ସେନା ସୀମାନ୍ତରେ ଅସ୍ତ୍ରବିରତି ଉଲ୍ଲଂଘନର ଅଧିକ ସୁଯୋଗ ପାଇବ। ବିଶେଷକରି କାଶ୍ମୀରରେ ପାକ୍ ଉଗ୍ରବାଦୀ ସଂଗଠନ ପ୍ରୋତ୍ସାହନରେ ବିଚ୍ଛିନ୍ନତାବାଦୀ ଆନ୍ଦୋଳନକାରୀଙ୍କୁ ଅଶାନ୍ତି ସୃଷ୍ଟି କରିବାକୁ ପ୍ରୋତ୍ସାହନ ମିଳିବା ନେଇ ଆଶଙ୍କା ଦେଖାଦେଇଛି। ୧୯୪୭ ପରଠାରୁ ପାକିସ୍ତାନରେ ଏଭଳି ଗଣତାନ୍ତ୍ରିକ ସମସ୍ୟା ସୃଷ୍ଟି ହୋଇଚାଲିଛି। ଯେଉଁଠି ଗଣତନ୍ତ୍ର ଅପେକ୍ଷା ସାମରିକ ବିଦ୍ରୋହ ଘଟାଇ ସର୍ବାଧିକ ଶାସନକାଳ ସେନା ହାତରେ ରହିଛି। ଶରିଫ ମଧ୍ୟ ଏହାର ଶିକାର ହୋଇଛନ୍ତି। ସେ ଏଭଳି ଜଣେ ନେତା ଯିଏକି ଲୋକତାନ୍ତ୍ରିକ ପ୍ରକ୍ରିୟାରେ ୩ଥର ବିଜୟ ଲାଭ କରିଥିଲେ ବି କୌଣସି ସମୟରେ କାର୍ଯ୍ୟକାଳ ସମ୍ପୂର୍ଣ୍ଣ କରିପାରିନାହାନ୍ତି। ଶରିଫଙ୍କ ହଟିବା ପରେ ଇସଲାମାବାଦରୁ କ୍ଷମତାକେନ୍ଦ୍ର ରାୱଲପିଣ୍ଡି (ସେନା ମୁଖ୍ୟାଳୟ)କୁ ସ୍ଥାନାନ୍ତର ହେବାର ସମ୍ଭାବନା ଅଧିକ ଦେଖାଦେଇଛି। କାରଣ ପାକିସ୍ତାନରେ ସେନା ନିର୍ଦ୍ଦେଶ ବିନା କୌଣସି କାର୍ଯ୍ୟ ହେଉ ନଥିବା ବେଳେ ଶରିଫଙ୍କ ଶାସନ ସମୟରେ କିନ୍ତୁ ଏହାର ଅନେକ ବ୍ୟତିକ୍ରମ ଦେଖାଯାଇଥିଲା। ମୁଶରଫଙ୍କଠାରୁ ଭୁଟ୍ଟୋ ପର୍ଯ୍ୟନ୍ତ ଶାସନ ସମୟକୁ ଭାରତୀୟ ପ୍ରେକ୍ଷାପଟରେ ତୁଳନା କରାଗଲେ ଶରିଫଙ୍କ ଶାସନ ଯେ ଅପେକ୍ଷାକୃତ ଭଲ ତାହା ସମସ୍ତେ ଅନୁଭବ କରନ୍ତି। ସାଧାରଣ ଲୋକଙ୍କ ସମର୍ଥନ ଶରିଫଙ୍କ ପଛରେ ଥିବାରୁ ସେନା ସିଧାସଳଖ କୌଣସି କଠୋର ନିଷ୍ପତ୍ତି ନେବାରେ ପଛଘୁଞ୍ଚା ଦେଇଥାଏ। ଏବେ ଶରିଫଙ୍କୁ କେବଳ ସେନା ଅଧିକ ଅଡୁଆରେ ପକାଇବନି; ବରଂ ଭାରତ-ପାକିସ୍ତାନ ସୀମାନ୍ତରେ ଆତଙ୍କବାଦୀଙ୍କ ସହାୟତାରେ ଅଧିକ ଅସ୍ଥିରତା ସୃଷ୍ଟି କରିପାରେ। ଦ୍ୱିପାକ୍ଷିକ ପ୍ରସଙ୍ଗ ଅଧିକ ଜଟିଳ ହେବା ଆଶଙ୍କା ମଧ୍ୟ ରହିଛି। ଅନ୍ୟପକ୍ଷରେ ୨୦୧୩ରୁ କ୍ଷମତାରେ ଥିବା ଶରିଫଙ୍କ ଦଳ ୨୦୧୮ରେ ନିର୍ବାଚନର ସାମ୍ନା କରିବ। ଏଭଳିସ୍ଥିତିରେ ଶରିଫଙ୍କ ବିରୋଧରେ ଏଭଳି ଅଭିଯୋଗ ଉଠାଇ ନ୍ୟାୟିକ ରାୟ ଆଣିଥିବା ପାକିସ୍ତାନ ତେହେରିକ୍ ଇନ୍‌ସାଫ୍ ପାର୍ଟି ନେତା ତଥା ପ୍ରାକ୍ତନ କ୍ରିକେଟର ଇମ୍ରାନ୍ ଖାନ୍ ସର୍ବଦା ଭାରତ ବିରୋଧୀ ଆଭିମୁଖ୍ୟ ରଖିଆସିଛନ୍ତି। ବିଭିନ୍ନ ସମୟରେ ଆତଙ୍କବାଦୀ ଗୋଷ୍ଠୀଙ୍କ ପକ୍ଷଧର ରହିଆସିଛନ୍ତି। ଏଥିପାଇଁ ସେନା ମଧ୍ୟ ତାଙ୍କୁ ପରବର୍ତ୍ତୀ ସମୟରେ କ୍ଷମତାସିକ୍ତ କରାଇବାକୁ ଚାଲ୍ ଖେଳିପାରେ। ଶରିଫଙ୍କ ବିରୋଧରେ ଅଦାଲତଙ୍କ ଆଭିମୁଖ୍ୟକୁ ଅସ୍ତ୍ର କରି ପିଏମ୍‌ଏଲ୍-ଏନ୍‌କୁ ଦୁର୍ବଳ କରିବାକୁ ସେନା ଚେଷ୍ଟା କରିବ। ସମ୍ପ୍ରତି କାଶ୍ମୀରରେ ବିଚ୍ଛିନ୍ନତାବାଦୀ ନେତାଙ୍କୁ ଏନ୍‌ଆଇଏର ଗିରଫଦାରୀ, ଭାରତୀୟ ସୁରକ୍ଷାକର୍ମୀଙ୍କ ଉପରେ ପାକ୍ ପ୍ରାୟୋଜିତ ଉଦ୍‌ଭ୍ରାନ୍ତ ଯୁବକଙ୍କ ପଥରମାଡ଼ ପରିସ୍ଥିତିକୁ ଅଧିକ ବିଗାଡ଼ିଛି। ଏପରିକି ନିୟମିତ ଅସ୍ତ୍ରବିରତି ଉଲ୍ଲଂଘନ ମଧ୍ୟ ଚାଲିଛି। ଭାରତ-ପାକ୍ ସମ୍ପର୍କରେ ଏବେ ତିକ୍ତତା ରହିଥିବାବେଳେ ଶରିଫ ଗାଦିଚ୍ୟୁତ ହେବା ଜେହାଦୀ ଗୋଷ୍ଠୀଙ୍କୁ କାଶ୍ମୀରରେ ଅଧିକ ଉତ୍ତେଜନା ସୃଷ୍ଟି କରିବାକୁ ବେଶ୍ ସୁବିଧା ସୃଷ୍ଟି କରିବ। ଶରିଫ ସରକାରଙ୍କ ହସ୍ତକ୍ଷେପ ଯୋଗୁଁ ଜେହାଦୀ ଗୋଷ୍ଠୀଙ୍କୁ ଅଧିକ ପରିମାଣରେ ଅସ୍ତ୍ରଶସ୍ତ୍ର ମିଳୁ ନ ଥିଲା। ଏବେ କିନ୍ତୁ ଏହା ସହଜ ହେବ ବୋଲି ଆଶା କରାଯାଉଛି। ଆଲୋଚନା ଜରିଆରେ କାଶ୍ମୀର ସମସ୍ୟାର ସମାଧାନର ପକ୍ଷଧର ଶରିଫଙ୍କ ଅନୁପସ୍ଥିତି ସୀମାରେ ଅଧିକ ଅଶାନ୍ତ ବାତାବରଣ ସୃଷ୍ଟି କରିପାରେ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦିଅନ୍ତି।

### ଜିଲ୍ଲାପାଳଙ୍କୁ ...

ସେଥିପାଇଁ ଜିଲ୍ଲାପାଳମାନଙ୍କୁ ସମବାୟ କ୍ଷମତା ପ୍ରଦାନ କରିବା ସମ୍ପର୍କିତ ଏକ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଶୁକ୍ରବାର ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ତୃଣମୂଳ ସ୍ତରରେ ଥିବା ସମବାୟ ଅନୁଷ୍ଠାନ ଯଥା ପ୍ରାଥମିକ କୃଷିଋଣ ସମବାୟ ସମିତି (ପ୍ୟାକସ୍), ବୃହତ୍ତ ବହୁମୁଖୀ ଆଦିବାସୀ ସେବା ସମବାୟ ସମିତି (ସର୍ଭିସ୍ କୋ ଅପରେଟିଭ୍ ସୋସାଇଟ୍) ଏବଂ ଚାଷୀ ସେବା ସମବାୟ ସମିତି (ଏଫ୍‌ଏସ୍‌ସିଏସ୍) ସମେତ ଆଞ୍ଚଳିକ ସମବାୟ ବିପଣନ ସମିତି (ଆର୍‌ସିଏମ୍‌ଏସ୍) ଗୁଡ଼ିକର ସଠିକ୍ ପରିଚାଳନା ଏବଂ ତଦାରଖକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଜିଲ୍ଲାପାଳମାନଙ୍କୁ ଜିଲ୍ଲାର ଅତିରିକ୍ତ ସମବାୟ ନିବନ୍ଧକ କ୍ଷମତା ପ୍ରଦାନ କରିଛନ୍ତି। ଓଡ଼ିଶା ସମବାୟ ଆଇନ୍-୧୯୬୨ ଏବଂ ଓଡ଼ିଶା ସମବାୟ ନିୟମାବଳୀ ୧୯୬୫ ଅନୁଯାୟୀ ଜିଲ୍ଲାପାଳମାନେ ସେମାନଙ୍କ ଜିଲ୍ଲା ମଧ୍ୟରେ ଅତିରିକ୍ତ ସମବାୟ ନିବନ୍ଧକ ଭାବରେ କ୍ଷମତା ଦିଆଯାଇଥିବା ଜଣାପଡିଛି।

ଚାଷୀଙ୍କୁ କୃଷି ଋଣ ପ୍ରଦାନ, ସାର, ବିହନ ଯୋଗାଣ ଏବଂ ଧାନ ସଂଗ୍ରହ କ୍ଷେତ୍ରରେ ଉପରୋକ୍ତ ସମବାୟ ଅନୁଷ୍ଠାନ ଗୁଡିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣକରି ଆସୁଛନ୍ତି। କମ୍ପ୍ୟୁଟରୀକରଣ ପରେ ସମବାୟ ସଂସ୍ଥା ମାନଙ୍କର କାର୍ଯ୍ୟ ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ସମବାୟ ଅନୁଷ୍ଠାନ ଗୁଡ଼ିକର ଦକ୍ଷତା ବୃଦ୍ଧି ପାଇଁ ସେଗୁଡିକ ଜିଲ୍ଲାପାଳମାନଙ୍କ ପ୍ରତ୍ୟକ୍ଷ ନିୟନ୍ତ୍ରଣରେ ରଖିବାକୁ ଜିଲ୍ଲାପାଳ ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା। ଅତିରିକ୍ତ ନିବନ୍ଧକ ଭାବରେ ଜିଲ୍ଲାପାଳମାନଙ୍କୁ ସମବାୟ ସମିତି ଓ ଆଞ୍ଚଳିକ ବିପଣନ ସମିତି ଗୁଡିକ ଅଧିକ ଫଳପ୍ରଦ ପରିଚାଳନା ହୋଇପାରିବ। ଆବଶ୍ୟକସ୍ଥଳେ ଜିଲ୍ଲାପାଳମାନେ ସମବାୟ ଆଇନ ଅନୁଯାୟୀ ପଦକ୍ଷେପ ମଧ୍ୟ ଗ୍ରହଣ କରିପାରିବେ।

### ଆଦିବାସୀ ଜିଲ୍ଲାକୁ ...

ଓଡ଼ିଶାର ଆଦିବାସୀମାନେ ରାଜ୍ୟର ଭୌଗୋଳିକ ସ୍ଥିତିର ୪୪% ଅଞ୍ଚଳରେ ବସବାସ କରୁଛନ୍ତି। ଓଡ଼ିଶା ଏହାର ସାଂସ୍କୃତିକ ବୈଭବ ପାଇଁ ଗର୍ବିତ। ଆଜି ଏକ ଐତିହାସିକ ଦିବସ, ଯେଉଁଦିନ ୯ଟି ଆଦିବାସୀ ବହୁଳ ଜିଲାରେ ସ୍ୱତନ୍ତ୍ର ବିକାଶ ପରିଷଦ ଗଠନ ନେଇ କ୍ୟାବିନେଟ ନିଷ୍ପତ୍ତି ନେଇଛି। ଏହି ପରିଷଦ ସଂପୃକ୍ତ ଅଞ୍ଚଳର ସାଂସ୍କୃତିକ, ଶିକ୍ଷା ଓ ଅର୍ଥନୈତିକ ବିକାଶରେ ସହାୟକ ହେବ। ପ୍ରତି ଆଦିବାସୀ ସଂପ୍ରଦାୟର ସଶକ୍ତୀକରଣ କ୍ଷେତ୍ରରେ ଏହା ଉଲ୍ଲେଖନୀୟ ପଦକ୍ଷେପ ଭାବେ କାର୍ଯ୍ୟ କରିବ। ଭିନ୍ନ ଭିନ୍ନ ଆଦିବାସୀ ସଂପ୍ରଦାୟର ସଂଖ୍ୟା ଯାହା ହେଉନା କାହିଁକି ସେମାନଙ୍କ ସମ୍ମାନ, ଅଧିକାର ଓ ସାଂସ୍କୃତିକ ପରିଚୟ ଅକ୍ଷୁଣ୍ଣ ରଖିବା ପାଇଁ ଏହା କାର୍ଯ୍ୟ କରିବ। ସେ କହିଥିଲେ, ବିକାଶ କେବଳ ପରିସଂଖ୍ୟାନ ନୁହେଁ। ଏହି ପ୍ରକ୍ରିୟା ଜାରି ରହିଲେ ଲକ୍ଷ୍ୟ ସାଧନ ହୋଇଥାଏ। ରାଜ୍ୟ ସରକାର ଆଦିବାସୀଙ୍କ ବିକାଶ ପାଇଁ ବହୁବିଧ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏବେ ୫ଲକ୍ଷ ଆଦିବାସୀ ଛାତ୍ରଛାତ୍ରୀ ଆବାସିକ ବିଦ୍ୟାଳୟରେ ରହି ଶିକ୍ଷାଗ୍ରହଣ କରୁଛନ୍ତି। ଜଙ୍ଗଲ ଜମି ଅଧିକାର ଆଇନ ବଳରେ ସର୍ବାଧିକ ହିତାଧିକାରୀଙ୍କୁ ଜମି ପ୍ରଦାନ କରି ଓଡ଼ିଶା ସମଗ୍ର ଦେଶରେ ରେକର୍ଡ ସୃଷ୍ଟି କରିଛି। କେନ୍ଦୁପତ୍ର ତୋଳାଳିଙ୍କର ପାରିଶ୍ରମିକ ବୃଦ୍ଧି ସହ ସେମାନଙ୍କୁ ବୋନସ ପ୍ରଦାନ କରାଯାଇଛି। ଏହା ବିକାଶ ଓ ଆଦିବାସୀ ସଶକ୍ତୀକରଣ ପ୍ରକ୍ରିୟାର ଏକ ଉଦାହରଣ ବୋଲି ସେ କହିଥିଲେ। ଆଦିବାସୀ ଛାତ୍ରଛାତ୍ରୀ ହକି ଓ ତୀରନ୍ଦାଜ କ୍ଷେତ୍ରରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ କରିଛନ୍ତି। ଆମେ ସେମାନଙ୍କ ପାଇଁ ଗର୍ବିତ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। କ୍ୟାବିନେଟରେ ନିଆଯାଇଥିବା ଆଜିର ଏହି ନିଷ୍ପତ୍ତି ସବୁ ସଂପ୍ରଦାୟର ଆଦିବାସୀଙ୍କ ବିକାଶ, ସଶକ୍ତୀକରଣ ଏବଂ ସମ ଅଭିବୃଦ୍ଧି କ୍ଷେତ୍ରରେ ଏକ ଐତିହାସିକ ନିଷ୍ପତ୍ତି ବୋଲି ସେ କହିଥିଲେ।

### କାୟାମେଲୁଛି ...

ତେଣୁ ଆଧୁନିକତା ବାହାନାରେ ଯେଉଁମାନେ ଏଭଳି କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଛନ୍ତି ବା ପେଷା ଭାବେ ଆଦରି ନେଉଛନ୍ତି, ସେମାନେ ସମାଜ ପାଇଁ କଳଙ୍କ ସଦୃଶ। ଯାହା ଭବିଷ୍ୟତ ବଂଶଧରମାନଙ୍କୁ ଖରାପ ମାର୍ଗରେ ଯିବାକୁ ବାଧ୍ୟ କରିପାରେ। ସାମୟିକ ଆନନ୍ଦ ପାଇଁ ଏଭଳି ଏକ କଦର୍ଯ୍ୟ କାର୍ଯ୍ୟକୁ ସୁକାର୍ଯ୍ୟ ଭାବି ଯେଉଁମାନେ ଚଳାଇଛନ୍ତି, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନହେବା ପର୍ଯ୍ୟନ୍ତ ଏହା ଥମିବ ନାହିଁ। ଏଥିପାଇଁ ଜନସାଧାରଣ ଓ ପ୍ରଶାସନ ସଚେତନ ହୋଇ କାର୍ଯ୍ୟ କରିପାରିଲେ ହୁଏତ ନିସ୍ତାର ମିଳିବ।

ହେଲେ ସେଭଳି କିଛି ନହେବା ଦ୍ୱାରା ଦେହବେପାରର କୁତ୍ସିତ ଧନ୍ଦାରେ ଧନ୍ଦି ହେଉଛି ରାଜଧାନୀ। ଏକ ଲାଭଜନକ ବିପ୍ଳଣୀ ଭାବି କିଛି ଲୋକ ଏବେ ଦେହ ବେପାରରେ ସାମିଲ ହୋଇଛନ୍ତି। ଫଳସ୍ୱରୂପ ଦେହଲୋଭୀଙ୍କ ଆଖିରେ ଏବେ ଝଲମଲ ହେଉଛନ୍ତି ଉଗ୍ରଆଧୁନିକା ବିଦେଶିନୀ। ଗଣିକା ବେପାରର ସଂଜ୍ଞା ବଦଳି ଏହା ଏବେ ସେକ୍ସ ର୍‌ୟାକେଟ୍‌ର ନାଁ ନେଇଛି। ଏଥିରେ ଛନ୍ଦି ହୋଇପଡ଼ିଛନ୍ତି ବହୁ ତରୁଣ, ତରୁଣୀ, ମଧ୍ୟବୟସ୍କ, ଏମିତିକି ବୃଦ୍ଧମାନେ। ଦେହଦଲାଲମାନେ ପଥଭ୍ରଷ୍ଟମାନଙ୍କୁ ବ୍ୟଭିଚାରର ଖୋରାକ ଯୋଗାଉଛନ୍ତି। ଯାହା ଦେଖିବାକୁ ମିଳିଛି ଗତ ସପ୍ତାହରେ ଖାରବେଳନଗର ଥାନା ଅଞ୍ଚଳରେ। ପୋଲିସ ହାତରେ ଧରାପଡ଼ିଥିବା ଜଣେ ବିଦେଶିନୀଙ୍କ ଆତଙ୍କରାଜ ଘଟଣାରେ। ଯଦିଓ ପୂର୍ବରୁ ରାଜଧାନୀରେ ଦେହବେପାର କରି ବିଦେଶିନୀ ଧରାପଡ଼ିଥିଲେ, ତଥାପି ସେକ୍ସ ସମ୍ରାଟ୍ ସୁନୀଲ ମେହେର କ୍ୟୁଏଟି ଜାଲରେ ଛନ୍ଦି ହେବା ପରେ ଏହା ଥମିଯାଇଥିଲା। କିନ୍ତୁ ସେତେବେଳେ ରାଜଧାନୀରେ ଯେ ହାଇପ୍ରୋଫାଇଲ ସେକ୍ସ ର୍‌ୟାକେଟ୍ ଚାଲିଛି, ତାହା ସ୍ପଷ୍ଟ ହୋଇଥିଲା। ତେବେ ଏବେ ସୁନୀଲ ସିଧାସଳଖ ଏହି ବେପାର ନ କରି ନିଜର ୩ ପତ୍ନୀଙ୍କ ମଧ୍ୟରୁ ସବୁଠୁ ସୁନ୍ଦରୀ ସ୍ତ୍ରୀ ରୋଜି ଦ୍ୱାରା ଏହା ଚଳାଇଥିବା ଅନୁମାନ କରୁଛି ପୋଲିସ। ଏବେ ଧରାପଡ଼ିଥିବା ବିଦେଶିନୀର ସେକ୍ସର୍‌ୟାକେଟ୍ ଲିଙ୍କ୍ ଖୋଜୁ ଖୋଜୁ ଧରାପଡ଼ିଛି ସୁନିଲର ସହଯୋଗୀ ମୁନା। ଦେହଦଲାଲ ମୁନା ଜରିଆରେ ତାରକା ହୋଟେଲ ମାନଙ୍କରେ ଏହି ବେପାର ଚାଲୁଥିବା ପୋଲିସ ଜାଣିପାରିଛି। ଏଥିରେ ସୋନା ନାମ୍ନୀ ଜନୈକ ସୁନ୍ଦରୀ ଯୁବତୀ ସହଯୋଗ କରି ବେପାର ବୃଦ୍ଧି କରୁଥିବା ଖବର ସାମ୍ନାକୁ ଆସିଛି। କେବଳ ଏତିକି ନୁହେଁ, ଜେରା ସମୟରେ ମୁନା ପୋଲିସକୁ କହିଛି ଯେ ତା'ର ସୁନୀଲ ମେହେର, ପତ୍ନୀ ରୋଜି ଏବଂ ୟୁନିଟ-୩ର ଦ୍ୱିବେଦୀ ସହ ଘନିଷ୍ଠତା ରହିଛି। ତାସ୍‌କେଣ୍ଟର ଏହି ଯୁବତୀଙ୍କୁ ଅଣି ଏଠାରେ ୩ ଦିନରେ ଦେଢ଼ଲକ୍ଷ ଟଙ୍କା ରୋଜଗାର କରିଥିବା କହିଛି ମୁନା। ଏହାପରେ ବିଦେଶିନୀଜଣକ ଦିଲ୍ଲୀ ଯାଇଥାନ୍ତେ। ଏ ନେଇ ସେ ଦିଲ୍ଲୀର ଦୁଇଜଣ ଦଲାଲଙ୍କ ସହ ଯୋଗାଯୋଗ ବି କରିସାରିଥିଲେ। ସେହିପରି ଦୁର୍ଗାପୂଜା ବେଳେ ଏଠାକୁ ଆଉ ୩ ଜଣ ବିଦେଶିନୀଙ୍କୁ ଆଣିବା ପାଇଁ ଯୋଜନା କରାଯାଇଥିବା ସମ୍ପର୍କରେ ମୁନା ପୋଲିସକୁ କହିଛି। ଗତ ୨୨ ତାରିଖ ରାତି ସାଢ଼େ ୧୦ଟାରେ ମାତାଲ ଅବସ୍ଥାରେ ଖାରବେଳ ନଗର ଥାନା ଅଧୀନ ମାଳିସାହି ନିକଟ ଏକ ହୋଟେଲ ସାମ୍ନାରୁ ଜଣେ ବିଦେଶିନୀଙ୍କୁ ଉଦ୍ଧାର କରିଥିଲା ପୋଲିସ। ନିଶାସକ୍ତ ଅବସ୍ଥାରେ ଥାଇ ଏହି ବିଦେଶିନୀଜଣକ ପୋଲିସକୁ ନାକେଦମ୍ କରିଥିଲା। ନିଶା ଛାଡ଼ିବା ପରେ ସକାଳୁ ସକାଳୁ ଜେରାର ସମ୍ମୁଖୀନ ହେବା ବିଦେଶିନୀ ନିଜ ସମ୍ପର୍କରେ ପୋଲିସ ଆଗରେ ସବିଶେଷ ତଥ୍ୟ ରଖିଥିଲା। ଦିଲ୍ଲୀର ଆଧାରକାର୍ଡ ପାଖରେ ରଖିଥିବା ବିଦେଶିନୀର ପ୍ରକୃତ ପରିଚୟ ଥିଲା ଅଲଗା। ସେ ଉଜ୍‌ବେକିସ୍ତାନ ତାସ୍‌କେଣ୍ଟ ଅଞ୍ଚଳର ଓ ତା'ର ପ୍ରକୃତ ନାଁ ଜେବୋ ଆସାଲିନା। କିନ୍ତୁ ଜବତ ହୋଇଥିବା ପରିଚୟ ପତ୍ରରେ ତା'ର ନାଁ ଉଲ୍ଲେଖ ରହିଛି ଦୁନିଆ ଖାନ୍ ଓ ଘର ନୂଆଦିଲ୍ଲୀ। ହେଲେ ପୋଲିସ ହାତରେ ଲାଗିଥିବା ତଥ୍ୟ ଅନୁସାରେ ବିଦେଶିନୀଙ୍କୁ ଜଣେ ଖଣିବେପାରୀ ଓଡ଼ିଶା ଆଣି ଦେହ ବେପାରକୁ ପଠାଇଥିଲେ। ପୋଲିସକୁ ମାଡ଼ ମାରି ଗିରଫ ବିଦେଶିନୀର ଅସଲ ଗୁମର ଖୋଲିଥିଲା। ସେତିକିବେଳେ ଯେତେବେଳେ ଇନ୍‌ଫୋସିଟି ଥାନା ଅଞ୍ଚଳରେ ଥିବା ମାରୁତି ଭିଲ୍ଲା, ଫେଜ୍-୨/୨୮ ଘରେ ଚଢ଼ଉ କରାଗଲା। ସେଠାରୁ ମୁନାକୁ ଗିରଫ ପରେ ଜେଲ୍‌କୁ ପଠାଇ ଦିଆଯାଇଛି। ଚଢ଼ଉ ବେଳେ ବିଦେଶିନୀ ରହୁଥିବା କୋଠରିରୁ ବହୁ ଆପତ୍ତିଜନକ ସାମଗ୍ରୀ, ୬୦ ବ୍ୟବହୃତ କଣ୍ଡୋମ୍, ୬୦୦ ଅବ୍ୟବହୃତ କଣ୍ଡୋମ୍ ଓ ୩ଟି ମୋବାଇଲ ଫୋନ୍‌କୁ ଜବତ କରିଥିଲା ପୋଲିସ। ମୋବାଇଲ ଫୋନ୍ ଯାଞ୍ଚ ବେଳେ ଏଥିରେ ବହୁ ସୁନ୍ଦରୀ ତରୁଣୀଙ୍କ ଫଟୋ ଥିବା ଜଣାପଡ଼ିଛି। ପ୍ରାୟତଃ ସବୁ ଫଟୋ ଅଧା ଲଙ୍ଗଳା ଓ ଫଟୋ ତଳେ ସମୟ ମୁତାବକ ବିଭିନ୍ନ ଦର ଲେଖାଯାଇଥିବା ଜଣାପଡ଼ିଛି। ଯାହାକୁ ନେଇ ପୋଲିସ ବି ଚିନ୍ତାରେ ପଡ଼ିଯାଇଛି।

ଜଣାଯାଏ ଯେ ଅତ୍ୟନ୍ତ ସତର୍କତାର ସହ ଏହି ଦେହବେପାର ଚଳାଉଥିବା ଦଲାଲମାନେ ରାତାରାତି ମାଲାମାଲ ପାଲଟିଯାଉଛନ୍ତି। କାରଣ ଦେଶୀ ଅପେକ୍ଷା ବିଦେଶୀଙ୍କ ଭାଉ ଅଧିକ ଥିବାରୁ ଦେଶୀ କମ୍ ବିଦେଶୀ ଅଧିକ ମାୟାରେ ପଡ଼ିଛନ୍ତି ଏମାନେ। ସଟ୍ ପିଛା ୩ ହଜାରରୁ ଆରମ୍ଭ କରି ୧୦ ହଜାର ପର୍ଯ୍ୟନ୍ତ ଟଙ୍କା ରୋଜଗାର କରି ଏମାନେ ଦେହବେପାରର ସାମ୍ରାଜ୍ୟ ବିସ୍ତାର କରୁଛନ୍ତି। ସୂଚନାଯୋଗ୍ୟ ଯେ ଅତୀତରେ ସୁନୀଲ ଜଣେ ଋଷୀୟ ଯୁବତୀଙ୍କୁ ଆଣି ଏହି ବେପାରରେ ଲଗାଇଥିଲା ଓ ପରେ ଏହି ଯୁବତୀ ପୋଲିସ ହାତରେ ଧରାପଡ଼ିଥିଲା। ରାଜଧାନୀରେ ସେକ୍ସ ର୍‌ୟାକେଟ୍‌ର ଚେର ଦେଶ-ବିଦେଶକୁ ଲମ୍ବିଥିବା ଜଣାପଡୁଛି। ଯାହାର ଖିଅ ଖୋଜୁଛି କମିଶନରେଟ ପୋଲିସ। ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଏଥିପାଇଁ ଦିଲ୍ଲୀ ଯିବ ବୋଲି ସୂଚନା ମିଳିଛି। ଏହାରି ଭିତରେ ଗିରଫ ଦଲାଲ ମୁନାକୁ କୋର୍ଟଚାଲାଣ ପରେ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ହେଲେ କମିଶନରେଟ ପୋଲିସ ଏହି କାରବାରର ଆହୁରି ଅଧିକ ତଥ୍ୟ ଖୋଜିବ ନା ଏହି ତଦନ୍ତ ଏତିକିରେ ଶୀଥିଳ ପଡ଼ିଯିବ, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି।





# ଭାଇଙ୍କ ସହ ଭାଉଜ ବି ପିନ୍ଧିବେ ରାକ୍ଷୀ

**ଗୋଟିଏ ବର୍ଷର ଅପେକ୍ଷା ପରେ ପୁଣି ଆସିଛି ରକ୍ଷାବନ୍ଧନ। ଏହି ପବିତ୍ର ଦିନଟିକୁ ଅପେକ୍ଷା କରି ଭଉଣୀଟିଏ ରହିଥିବା ବେଳେ ଭାଇଟିଏ ମଧ୍ୟ ସମାନ ଭାବେ ଚାତକ ଭଳି ଚାହିଁ ରହିଥାଏ କେତେବେଳେ ନିଜର ଗେହ୍ଲା ଭଉଣୀ ହାତରେ ବାନ୍ଧିଦେବ ରାକ୍ଷୀ। ଯଦିଓ ଓଡ଼ିଶାରେ ଏହି ପରମ୍ପରା ବେଶୀ ପୁରୁଣା ନୁହେଁ, ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଏହି ଦିବସର ମହାତ୍ମ୍ୟ ଢେର ଅଧିକ। ଏହି ଦିନରେ ଶ୍ରୀମନ୍ଦିରରେ ରକ୍ଷାବନ୍ଧନ ଉତ୍ସବ ପାଳନ ହେବା ସହିତ ପ୍ରତ୍ୟେକ ହିନ୍ଦୁ ପରିବାରରେ ଶ୍ରୀବଳଭଦ୍ରଙ୍କ ପୂଜା ଅନୁଷ୍ଠିତ ହୋଇଥାଏ।**

**ଭୁବନେଶ୍ୱର :** ବର୍ଷେ ପରେ ପୁଣିଥରେ ଆସିଛି ରାକ୍ଷୀପୂର୍ଣ୍ଣିମା। ଭାଇ-ଭଉଣୀଙ୍କ ସ୍ନେହ ମମତାର ଏହି ଅପୂର୍ବ ଓ ପବିତ୍ର ପର୍ବ। ରାକ୍ଷୀ ଏକ ଛୋଟିଆ ରେଶମୀ ସୁତା ହୋଇଥିଲେ ବି ଏହା ଏମିତି ବନ୍ଧନରେ ବାନ୍ଧି ରଖେ ଯେ ଏଥିରୁ ମୁକୁଳିଯିବା ଏତେ ସହଜ ନୁହେଁ। କାହିଁ କେତେ ଦୂରରେ ଭଉଣୀ ଥିଲେ ବି ରାକ୍ଷୀପୂର୍ଣ୍ଣମୀରେ କିନ୍ତୁ ଭାଇ ହାତରେ ରାକ୍ଷୀଟିଏ ବାନ୍ଧିବା ପାଇଁ ବ୍ୟାକୁଳ ହୋଇଉଠେ। ଭାଇ ଯେବେ ଘରଠାରୁ ଦୂରରେ ରହୁଥାଏ, ତେବେ ତାଙ୍କ ନିକଟକୁ ରାକ୍ଷୀ ପଠାଇବାରେ ହେଳା କରିନଥାଏ ଭଉଣୀ। ଆଉ ପ୍ରତି ବଦଳରେ ଭଉଣୀ ଜୀବନରେ ଯେତେ ଅସୁବିଧା ଓ ଝଡଝଞ୍ଜା ଆସିଲେ ପାଚେରୀ ପରି ଠିଆ ହୋଇଥାଏ ଭାଇ। ଭଉଣୀ ପାଇଁ ଭାଇ ରକ୍ଷାକବଚ ସାଜିଥାଏ ବୋଲି ଏହି ରକ୍ଷା ବନ୍ଧନର ଗୁରୁତ୍ୱ ସୁଦୂରପ୍ରସାରୀ। କାହିଁ କେଉଁ କାଳରୁ ଏମିତି ପରମ୍ପରା ରହିଆସିଛି। ଯଦିଓ ଓଡ଼ିଶାରେ ଅଶୀଦଶକ ପରେ ପରେ ପରମ୍ପରା ବୃଦ୍ଧି ପାଇଛି, ତେବେ ତା' ପୂର୍ବରୁ ଗହ୍ମାପଇତାର ପରମ୍ପରା ଥିଲା। ଆଉ ଏହି ଗହ୍ମାପଇତା ଏବେ ରାକ୍ଷୀ ରୂପରେ ବିଦ୍ୟମାନ।

ଏହି ରାକ୍ଷୀ କେବଳ ରେଶମୀ ଡୋରୀ ବା ତୁଳା, ଚିକିମିକିଆ ଷ୍ଟୋନ୍‌ର ପରିପାଟୀ ନୁହେଁ, ବରଂ ଏହା ଭାବବନ୍ଧନର ଏକ ବିରାଟ ବନ୍ଧନ। ସରୁସୂତାଟିଏ ହେଲେ ବି ଏହା ଛିଡ଼ିବା ଏତେ ସହଜ ନୁହେଁ। କାରଣ ଏହା ଏମିତି ଏକ ସମ୍ପର୍କର ଡୋରୀ, ଯାହା ପିଲାଟି ଦିନରୁ ଆରମ୍ଭ ହୋଇଥାଏ, ଆଉ ଜୀବନର ଶେଷ ରକ୍ତବିନ୍ଦୁ ପର୍ଯ୍ୟନ୍ତ ଯୋଡ଼ିହୋଇ ରହିଥାଏ। ପ୍ରତିକ୍ଷଣରେ ଭାଇଟିଏର କାନରେ ଗୁଞ୍ଜରଣ ହେଉଥାଏ ଓଡ଼ିଆ ସିନେମାର ସେହି ଦୁଇପଦ : ଭାଇ ତତେ ମୋର ରହିଲା ରାଣ, କହିବୁନି କଥା ପଦିଏ ଟାଣ...।

ରାକ୍ଷୀପୂର୍ଣ୍ଣମୀ ପାଇଁ ବଜାରରେ ରାକ୍ଷୀର ପସରା ମେଲିଯାଇଛି। ଭଳିକି ଭଳି ଫ୍ୟାସନେବଲ ରାକ୍ଷୀ ଏବେ ଓଡ଼ିଶା ବଜାରରେ ଛାଇଯାଇଛି। ବର୍ତ୍ତମାନ ଷ୍ଟୋନ୍‌ଠାରୁ ଆରମ୍ଭ କରି କ୍ରିଷ୍ଟାଲ, ଚେନ୍, ଟେଡ୍ଡି, କାର୍ଟୁନ୍ ଓ ଫ୍ୟାନ୍‌ସି ରାକ୍ଷୀର ଚାହିଦା ବଢ଼ିବାରେ ଲାଗିଛି। ଏସବୁର ଦାମ୍ ୨୦ ଟଙ୍କାରୁ ଆରମ୍ଭ ହୋଇ ୭୦୦ରୁ ୮୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଏଥିସହ ପୁରୁଣା ତୁଳାରାକ୍ଷୀ, ଜଗନ୍ନାଥ, ଗଣେଷ, ସାଇବାବାଙ୍କ ଫଟୋ ଥିବା ରାକ୍ଷୀ ଏବଂ ମୟୂରପୁଚ୍ଛ ରାକ୍ଷୀର ଚାହିଦା ମଧ୍ୟ କମିନି।

### ନୂଆଟ୍ରେଣ୍ଡ୍ ଭାବୀରାକ୍ଷୀ

ଚଳିତବର୍ଷ ରାକ୍ଷୀବଜାରରେ ଏକ ନୂଆ ପରମ୍ପରା ପ୍ରବେଶ କରିଛି। ଆଉ ଏହା ହେଉଛି ଭାବୀ ରାକ୍ଷୀ। ନଣନ୍ଦମାନେ ଚଳିତବର୍ଷ ଭାଉଜଙ୍କ ପାଇଁ ଏହି ରାକ୍ଷୀ କିଣୁଛନ୍ତି। ଏହା ଏକ ପଞ୍ଜାବୀ ପରମ୍ପରା। ନଣନ୍ଦମାନେ ଭାଉଜମାନଙ୍କ ଚୁଡ଼ିରେ ଏହି ରାକ୍ଷୀ ବାନ୍ଧିଥାନ୍ତି। ଏହାର ଦାମ୍ ରହିଛି ୧୫ରୁ ୬୦ ଟଙ୍କା ପର୍ଯ୍ୟନ୍ତ।

### ଥାଳି ରାକ୍ଷୀର ଚାହିଦା ଅଧିକ

ଲବଙ୍ଗ, ଚାଉଳ, ଅଳେଇଚ, ପୂର୍ଣ୍ଣକୁମ୍ଭ, ସ୍ୱସ୍ତିକ ଆଦିକୁ ସୁନ୍ଦର ଭାବେ ସଜାଇ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହେଉଛି ଥାଳି ରାକ୍ଷୀ। ଯାହାର ମୂଲ୍ୟ ରହିଛି ୨୦ରୁ ୪୦ ଟଙ୍କା। ଏହାଛଡ଼ା ରାକ୍ଷୀ ପ୍ୟାକେଜ୍ ମଧ୍ୟ ରହିଛି। ଛୋଟରୁ ବଡ଼ ପର୍ଯ୍ୟନ୍ତ ପ୍ୟାକେଟ୍‌ର ମୂଲ୍ୟ ରହିଛି ୨୦ରୁ ୧୫୦ ଟଙ୍କା ପର୍ଯ୍ୟନ୍ତ।



# ଲଣ୍ଡନରେ ଦୌଡ଼ିବେ ଦୂତୀ

**ଭୁବନେଶ୍ୱର :** ଅନ୍ତକେ ଲଣ୍ଡନ ୱାର୍ଲ୍ଡଚାମ୍ପିଅନ୍‌ସିପ୍‌ର ମହିଳା ୧୦୦ ମିଟର ଯୋଗ୍ୟତା ହରାଇଥିବା ଓଡ଼ିଆ ସ୍ପ୍ରିଣ୍ଟର ଦୂତୀ ଚାନ୍ଦଙ୍କ ପାଇଁ ଅଗଷ୍ଟ ୪ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ଇଭେଣ୍ଟ ପାଇଁ ଏକ ସଦ୍ୟ ସୁଯୋଗ ସୃଷ୍ଟି ହୋଇଛି। ବିଶ୍ୱ ଚାମ୍ପିଅନ୍‌ସିପ୍ ଯୋଗ୍ୟତା ମାର୍କ ୧୧.୨୬ ସେକେଣ୍ଡ ଲକ୍ଷ୍ୟରେ ପହଞ୍ଚି ପାରି ନଥିବା ଏହି ସ୍ପ୍ରିଣ୍ଟରଙ୍କୁ ତାଙ୍କର ସିଜନ୍ ବେଷ୍ଟ ସମୟ ୧୧.୩୦ ସେକେଣ୍ଡ ପାଇଁ ଏହି ଇଭେଣ୍ଟରେ ଭାଗ ନେବାକୁ ଅନ୍ତର୍ଜାତୀୟ ଆଥଲେଟିକ୍ସ ମହାସଂଘ (ଆଇଏଏଫ୍) ସୁଯୋଗ ଦେଇଛି। ଜୁଲାଇ ୯ ତାରିଖ ସୁଦ୍ଧା ଦୂତୀ ଭାଗ ନେଇଥିବା ୫ଟି ୧୦୦ ମିଟର ଫାଇନାଲ ମଧ୍ୟରେ ମେ' ୧୫ରେ ଜବାହରଲାଲ ନେହେରୁ ଷ୍ଟାଡ଼ିୟମ୍‌ରେ ଅନୁଷ୍ଠିତ ଇଣ୍ଡିଆନ୍ ଗ୍ରାଁ ପ୍ରି'ର ତୃତୀୟ ଚରଣରେ ତାଙ୍କର ସର୍ବଶ୍ରେଷ୍ଠ ସମୟ (୧୧.୩୦ ସେକେଣ୍ଡ) ବାହାର କରିଥିଲେ। ଲଣ୍ଡନ ବିଶ୍ୱ ଚାମ୍ପିଅନସିପ୍‌ର ଯୋଗ୍ୟତା ସମୟ ଶେଷ ହେବା ସୁଦ୍ଧା ୧୦୦ ମିଟର ଇଭେଣ୍ଟ୍ ପାଇଁ ଟାର୍ଗେଟ୍ ସଂଖ୍ୟା ୫୬ ପୂରଣ ନହେବାରୁ ଆଇଏଏଏଫ୍ ଦୂତୀଙ୍କୁ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଏହି ସୁଯୋଗ ଦେଇଛି। ଯୋଗ୍ୟତା ସମୟ ମଧ୍ୟରେ ଦୂତୀଙ୍କ ୧୧.୩୦ ସେକେଣ୍ଡ ତାଙ୍କୁ ବିଶ୍ୱ ର୍ୟାଙ୍କିଙ୍ଗ୍‌ର ଶୀର୍ଷ ୧୦୦ରେ ପହଞ୍ଚାଇଛି। ଆଉ ଏହି ର୍ୟାଙ୍କିଙ୍ଗ୍ ତାଙ୍କୁ ଲଣ୍ଡନ୍ ଅଲିମ୍ପିକ୍ସ ପାଇଁ ସୁଯୋଗ ଆଣିଦେଇଛି। ଆଇଏଏଏଫ୍ ନିୟମ ଅନୁସାରେ ଆମନ୍ତ୍ରଣ ପାଇବାର ୧୨ ଘଣ୍ଟା ମଧ୍ୟରେ ଆଥ୍‌ଲେଟ୍‌ଙ୍କୁ ତାଙ୍କ ନିଷ୍ପତ୍ତି ସମ୍ପର୍କରେ ଜଣାଇବାକୁ ପଡ଼ିବ ବୋଲି ଭାରତୀୟ ଆଥ୍‌ଲେଟିକ୍ସ ମହାସଂଘ (ଏଏଫ୍‌ଆଇ)ର ଜଣେ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାକ୍ରମ ସମ୍ପର୍କରେ ସେ କିଛି ଜାଣିନାହାନ୍ତି ବୋଲି ଦୂତୀଙ୍କ କୋଚ୍ ଏନ୍. ରମେଶ କହିଛନ୍ତି। ନିକଟରେ କଳିଙ୍ଗ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ସିପ୍‌ରେ ଦୂତୀ ୧୦୦ ମିଟର ଦୌଡ଼କୁ ୧୧.୫୨ ସେକେଣ୍ଡରେ ଅତିକ୍ରମ କରି ବ୍ରୋଞ୍ଜ୍ ପଦକ ପାଇଥିଲେ। ଏହାପରେ ଜୁଲାଇ ୧୫ରୁ ୧୮ ତାରିଖ ପର୍ଯ୍ୟନ୍ତ ଆନ୍ଧ୍ରପ୍ରଦେଶର ଗୁଣ୍ଟୁର୍‌ରେ ଆୟୋଜିତ ଅନ୍ତଃରାଜ୍ୟ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ସିପ୍‌ରେ ସେ ଭାଗ ନେଇଥିଲେ ହେଁ ଅସୁସ୍ଥତା କାରଣରୁ ଦୌଡ଼ିପାରି ନଥିଲେ। ଆଇଏଏଏଫ୍ ଡାକରା ସମ୍ପର୍କରେ ଦୂତୀ କହିଛନ୍ତି ଯେ ସେ ୱାର୍ଲ୍ଡ ଚାମ୍ପିଅନ୍‌ସିପ୍‌ରେ ନିଶ୍ଚିତ ଭାବେ ଭାଗ ନେବେ। ପୂର୍ବରୁ ଏହି ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିବାକୁ ସେ ଯଥାସମ୍ଭବ ଉଦ୍ୟମ କରିଥିଲେ ଓ ପଟିଆଲାରେ ଏହାର ନିକଟତର ମଧ୍ୟ ହୋଇଥିଲେ। କିନ୍ତୁ ୦.୦୪ ସେକେଣ୍ଡ ବିଳମ୍ବ କାରଣରୁ ସେ ଏହି ଯୋଗ୍ୟତାରୁ ବଞ୍ଚିତ ହୋଇଥିଲେ।

## କିଟ୍ ପକ୍ଷରୁ ସମ୍ବର୍ଦ୍ଧନା



**ଭୁବନେଶ୍ୱର :** କିଟ୍ ବିଶ୍ୱବିଦ୍ୟାଳୟର ଆଇନ୍‌ଛାତ୍ରୀ ଦୂତୀ ଚାନ୍ଦଙ୍କ ଏହି ଐତିହାସିକ ଖୁସି ଖବର ମିଳିବା ପରେ ସାରାରାଜ୍ୟରେ ଖୁସିର ଲହରି ଖେଳିଯାଇଛି। ପ୍ରଥମେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡକ୍ଟର ଅଚ୍ୟୁତ ସାମନ୍ତ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦୂତୀଙ୍କ ପାଇଁ ଓଡ଼ିଶା ଗର୍ବିତ। ରାଜ୍ୟ ଓ ଦେଶର ଗର୍ବ ବଢ଼ାଇବାରେ ଦୂତୀ ନିରନ୍ତର ଲାଗିପଡ଼ନ୍ତୁ ବୋଲି ଡକ୍ଟର ସାମନ୍ତ କହିଛନ୍ତି। ବିଶ୍ୱ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରିବା ନେଇ ମଧ୍ୟ ଡକ୍ଟର ସାମନ୍ତ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପରେ ମୁଖ୍ୟମନ୍ତ୍ରୀ, ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ, ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଦୂତୀଙ୍କୁ ସମ୍ବର୍ଦ୍ଧନା ଓ ଶୁଭେଚ୍ଛା ଜଣାଇଥିଲେ।

# ନୂଆ କରିବାର ନିଶା

କ୍ରିଷ୍ଟଲ ଡି-ସୁଜା, ଛୋଟପରଦାରେ ନାମୀଦାମୀ ଷ୍ଟାରମାନଙ୍କ ମଧ୍ୟରେ ଗଣାହୁଅନ୍ତି ସେ। ଅନେକଗୁଡ଼ିଏ ସିରିଏଲରେ ବଳିଷ୍ଠ ଅଭିନୟ କରି ଦର୍ଶକମାନଙ୍କ ମନ କିଣିବାରେ ସଫଳ ହୋଇପାରିଛନ୍ତି। ମାତ୍ର ଏତିକିରେ ସନ୍ତୁଷ୍ଟ ନୁହନ୍ତି ସେ। ତେଣୁ ନୂଆ କିଛି କରିଦେଖାଇବା ପାଇଁ ଇଚ୍ଛା କରିଛନ୍ତି। ସେଥିପାଇଁ ଟେଲି ଶୋ' ପରେ ଏବେ ସେ ୱେବ ସିରିଜ୍ ପାଇଁ ମନ ବଳାଇଛନ୍ତି। ଆଉ ଏଥିରେ ମଧ୍ୟ ସେ ନିଜର ଯାଦୁ ଦେଖାଇବେ ବୋଲି ଆଶା ରଖିଛନ୍ତି। 'ଗ୍ଲାମ୍ ଇଟ୍ ଅପ୍' ନାମକ ଏହି ସିରିଜ୍‌ରେ ସେ ନିଜର ଜଲ୍‌ୱା ଦେଖାଇବେ ବୋଲି ଜଣାପଡ଼ିଛି। ଏହି ସିରିଜ୍‌ରେ କମେଡି ସାଙ୍ଗକୁ ମହିଳାଙ୍କ ଅଫିସ, ପାର୍ଟି ଏବଂ କିଛି ବିବାହ ଲୁକ୍‌ରେ ମଧ୍ୟ ସେ ନଜର ଆସିବେ। ତେବେ ଏଥିରେ କି କି ଧମାଲ୍ କରିବେ, ତାହା ଜାଣିବା ପାଇଁ ଦର୍ଶକମାନଙ୍କୁ ଆଉ କିଛିଦିନ ଅପେକ୍ଷା କରିବାକୁ ପଡ଼ିବ।








Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● Editorial Office : HIG-137, Dharma Vihar, Khandagiri, Bhubaneswar, Odisha, PIN-751030, Phone : 7008340389 (Editorial), Email : ekamaatra@gmail.com

Chief Editor : **Bibhuti Bhusan Patra** — ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର
Managing Editor : **Laxmipriya Dash** — ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ
Editor : **Tarak Mohanty** — ସମ୍ପାଦକ : ତାରକ ମହାନ୍ତି